R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୮୯
ତିଥି: ନବମୀ
୨୪ ଜୁଲାଇ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 289
24 July 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଆଜି ଶ୍ରୀମନ୍ଦିର ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି

ପୁରୀ, ୨୩।୭ (ସବ୍ୟୁ) : ନବଦିନାତ୍ମକ ଗୁଣ୍ଡିଚା ଯାତ୍ରାରେ ଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରେ ଭକ୍ତଙ୍କ ସହ ମାନବିୟ ଲୀଳାଖେଳ ସାରି ଆଜି ଶ୍ରୀମନ୍ଦିର ଅଭିମୁଖେ ରଥାରୁଢ଼ ହୋଇ

### ବାହୁଡ଼ା ଯାତ୍ରା ପାଇଁ ନୀତି ନିର୍ଘଣ୍ଟ

### ମଧ୍ୟାହ୍ନ ୧୨ ଟା ରୁ ୨ ଟା ମଧ୍ୟରେ ପହଣ୍ଡି

### ଅପରାହ୍ଣ ୪ ଟା ରଥ ଟଣା ଆରମ୍ଭ



ଫଟୋ: ଅତୁଲ୍ୟ

ବାହୁଡ଼ା ଯାତ୍ରା କରିବେ ଚତୁର୍ଦ୍ଧାମୂର୍ତ୍ତି। ବିଗ୍ରହ ମାନଙ୍କର ବାହୁଡ଼ା ଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ପହଣ୍ଡି ବିଜେ ପାଇଁ ଦଇତାପତି ସେବକମାନେ ପ୍ରସ୍ତୁତ ହୋଇଛନ୍ତି।

ବାହୁଡ଼ା ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି। ବିଗ୍ରହମାନଙ୍କର ବାହୁଡ଼ା ଯାତ୍ରା ଓ ସଅଳ ନୀତିକାନ୍ତି ପାଇଁ ଗୁରୁବାର ସନ୍ଧ୍ୟା ୬ ଟା ସୁଦ୍ଧା ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନଙ୍କର ସନ୍ଧ୍ୟା ଦର୍ଶନ ଶେଷ ହୋଇଛି। ସନ୍ଧ୍ୟା ଦର୍ଶନ ପରେ ଗୁଣ୍ଡିଚା ମନ୍ଦିରକୁ (୯ ପୃଷ୍ଠାରେ)

### ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା

## ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର ହେବ : ମୋଦୀ

ନୂଆଦିଲ୍ଲୀ, ୨୩।୭ : ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାର ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଶୀଘ୍ର ଏବଂ କଠୋର ଦଣ୍ଡ ଦେବାପାଇଁ ସରକାର ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ସମ୍ପୃକ୍ତ ଅଧିକାରୀ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଜାରି କରାଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯୁବପିଢ଼ିଙ୍କ କଲ୍ୟାଣ ଓ ଉଜ୍ଜ୍ୱଳ ଭବିଷ୍ୟତ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିଆଯାଉଥିବା କଠୋର ପଦକ୍ଷେପ ଶୃଙ୍ଖଳାରେ ଏହି ନିଷ୍ପତ୍ତି ଏକ ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ି ଭବିଷ୍ୟତ ସହ ଖେଳୁଥିବା ଲୋକଙ୍କ ବିରୋଧରେ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନଙ୍କୁ କୌଣସି ପରିସ୍ଥିତିରେ ଛଡାଯିବନାହିଁ।

ତେବେ ପ୍ରଧାନମନ୍ତ୍ରୀଙ୍କ ଫାଷ୍ଟ ଟ୍ରାକ୍ କୋର୍ଟ ଘୋଷଣାକୁ ବିରୋଧୀ ଦଳ

### ଛାତ୍ରଙ୍କ ଦାବି ପୂରଣ କର, କ୍ଷମା ମାଗ : ରାହୁଲ

### ଯେତେବେଳେ ଘଟଣା ଘଟିଲା ସେତେବେଳେ ଘୋଷଣା ହୋଇଥାନ୍ତା : ସିଜେପି

ନେତା ରାହୁଲ ଗାନ୍ଧି କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ଯୁବକଙ୍କ ଭବିଷ୍ୟତ ଉପରେ ଏ ସରକାର ସବୁବେଳେ ପ୍ରହାର କରିଆସିଛି। ଦେଶର ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କରାୟତ କରିବା ଏବଂ ଏହାକୁ ବିପର୍ଯ୍ୟସ୍ତ କରିବାରେ ସରକାର ସହଯୋଗ କରିଛନ୍ତି। ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କୁ ସୁରକ୍ଷା ଦିଆଯାଇଛି। ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଉପରେ କବ୍ଜା କରାଯାଇଛି ଓ ଦୋଷୀ ବ୍ୟକ୍ତିମାନଙ୍କୁ ଘଣ୍ଟ ଘୋଡାଯାଉଛି। ଛାତ୍ରମାନଙ୍କ ଦାବି ଅତ୍ୟନ୍ତ ସ୍ପଷ୍ଟ। ଶିକ୍ଷାମନ୍ତ୍ରୀଙ୍କୁ ବାହାର କରନ୍ତୁ, ଛାତ୍ରଙ୍କୁ କ୍ଷମା ମାଗନ୍ତୁ ଏବଂ ସେମାନଙ୍କ ଉପରେ ଯେଉଁମାନେ ଆକ୍ରମଣ କରିଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ (୯ ପୃଷ୍ଠାରେ)

## ୨୬ ସୁଦ୍ଧା ଲଘୁଚାପ, ବାହୁଡାରେ ବର୍ଷା

ଭୁବନେଶ୍ୱର, ୨୩।୭ (ସବ୍ୟୁ) : ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ୫.୮ରୁ ୯.୬ କିମି ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେଇପାରେ। ଏହାର ପ୍ରଭାବରେ ୨୫ ତାରିଖରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବାହୁଡ଼ାରେ ଭିଜାଇବା ସହ ସୁନାବେଶରେ ଭସାଇବ ବର୍ଷା। ଏଭଳି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ।

ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁସାରେ, ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଉତ୍ତର-ପଶ୍ଚିମ ଦିଗର ଓଡ଼ିଶା ଓ ପଶ୍ଚିମବଙ୍ଗ ପାର୍ଶ୍ୱବର୍ତ୍ତୀ ବଙ୍ଗୋପସାଗରରେ ୨୫ରୁ ୨୬ ତାରିଖ ସୁଦ୍ଧା ଲଘୁଚାପରେ ପରିଣତ ହେବ। ଯଦି ଘୂର୍ଣ୍ଣିବଳୟ ଅଧିକ ସକ୍ରିୟ ହୁଏ, ତେବେ ଆସନ୍ତାକାଲି (ଶୁକ୍ରବାର) ବର୍ଷା ବଢ଼ିବ। ଫଳରେ ବାହୁଡ଼ା ଯାତ୍ରାରେ ଶ୍ରଦ୍ଧାଳୁମାନେ ଭିଜିବେ। ସୁନାବେଶରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ।

ଭାରତୀୟ ପାଣିପାଗ ବିଭାଗର ବିସ୍ତାରିତ ଆକଳନ ଅନୁସାରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଉତ୍ତର ଓଡ଼ିଶା ସମେତ ଉପକୂଳ ଓ ଆଭ୍ୟନ୍ତରୀଣ ସ୍ଥାନେ ଦୁଇସ୍ଥାନେ ଭାରୀ ବର୍ଷା ହେବାର ସମ୍ଭାବନା ଅଛି। ୨୫ରୁ ୨୭ ତାରିଖ ମଧ୍ୟରେ ସମ୍ଭାବ୍ୟ ଲଘୁଚାପ ସକ୍ରିୟ ହେବାକୁ ଥିବାବେଳେ ଏହି ସମୟରେ ବଡ଼ ବର୍ଷା ଆଶଙ୍କା କରାଯାଉଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେସ୍ଥାନେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ।

ଗୁରୁବାର ବାରିପଦାରେ ସର୍ବାଧିକ ୨୩.୪ ମିମି ବର୍ଷା ହୋଇଥିବାବେଳେ ଚାନ୍ଦବାଲିରେ ୬.୮ ମିମି, ବାଲେଶ୍ୱରରେ ୭.୧ ମିମି, ଭଦ୍ରକରେ ୪.୨ ମିମି ବର୍ଷା ରେକର୍ଡ଼ କରାଯାଇଛି। ଶୁକ୍ରବାର ହୀରାକୁଦରେ ୩୮.୪ ମିମି, ଦେବଗଡ଼ରେ ୩୩.୬ (୯ ପୃଷ୍ଠାରେ)

### ନିବେଶ ଅନୁକୂଳ ଇଣ୍ଡେକ୍ସରେ ୫ ରାଜ୍ୟ ମଧ୍ୟରେ ଓଡ଼ିଶା

## ନିବେଶ ନୁହଁ, ଅର୍ଥନୈତିକ କ୍ଷେତ୍ରରେ ଶ୍ରେଷ୍ଠ ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୭ (ସବ୍ୟୁ) : ନୀତି ଆୟୋଗ ଦ୍ୱାରା ପ୍ରକାଶିତ ଇନ୍‌ଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ-୨୦୨୬ରେ ଓଡିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ଲୋକସେବା ଭବନଠାରେ ରାଜ୍ୟର ବିଭିନ୍ନ ଶିଳ୍ପପତି, ଶିଳ୍ପ ପ୍ରତିନିଧି ଓ ଶିଳ୍ପ ସଂଘର କର୍ମକର୍ତ୍ତାମାନେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଏଥିରେ



### ମୁଖ୍ୟମନ୍ତ୍ରୀଙ୍କୁ ଶିଳ୍ପପତି, ଶିଳ୍ପ ସଂଘର ସମ୍ବର୍ଦ୍ଧନା

ଗୁଜୁରାଟ ୫୬.୬ ପଏଣ୍ଟ ପାଇ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଓଡିଶା ୫୨.୪ ପଏଣ୍ଟ ସହିତ ପଞ୍ଚମ ସ୍ଥାନ ଅଧିକାର କରିଛି। ଦ୍ୱିତୀୟ ସ୍ଥାନରେ ମହାରାଷ୍ଟ୍ର, ତୃତୀୟରେ ତାମିଲନାଡୁ ଏବଂ ଚତୁର୍ଥରେ ଗୋଆ ରହିଛି। ବୃହତ ରାଜ୍ୟମାନଙ୍କ ମଧ୍ୟରେ ଦେଖିବାକୁ ଗଲେ ଓଡିଶାର ସ୍ଥାନ ଚତୁର୍ଥରେ ରହିଛି। ଶ୍ରେଷ୍ଠ ୫ଟିରେ ପଶ୍ଚିମ ଭାରତର ଗୁଜୁରାଟ, ଗୋଆ ଓ ମହାରାଷ୍ଟ୍ର (୯ ପୃଷ୍ଠାରେ)

### ସଂସଦ ପରିସରରେ ହାଇଡ୍ରାମା

## ମକରଦ୍ୱାର ନିକଟରେ ଶାସକ-ବିରୋଧୀ ମୁହାଁମୁହିଁ

ନୂଆଦିଲ୍ଲୀ, ୨୩।୭ : ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଛାତ୍ର ଆନ୍ଦୋଳନ ଓ ଆନ୍ଦୋଳନରତ ଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସଂସଦ ଅଚଳ ହୋଇପଡ଼ିଛି। ଲଗାତର ଚତୁର୍ଥ ଦିନରେ ବି ସଂସଦ ଚାଲିପାରୁନାହିଁ। ତେବେ ସଂସଦରେ ଆଜି ଏକ ନୂଆ ଚିତ୍ର ଦେଖିବାକୁ ମିଳିଥିଲା। ଏନ୍‌ଡିଏ ସାଂସଦ ଓ ଇଣ୍ଡିଆ ବ୍ଲକ୍ ସାଂସଦମାନେ ମକର ଦ୍ୱାର ନିକଟରେ ମୁହାଁମୁହିଁ ହୋଇଥିଲେ। ଉଭୟ ପରସ୍ପର ବିରୋଧରେ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ।

ମକର ଦ୍ୱାର ନିକଟରେ ବିରୋଧୀ ଓ ଶାସକ ଦଳ ଏକାଠି ହୋଇ ସ୍ଲୋଗାନବାଜି କରିଥିଲେ। ପରସ୍ପର ବିରୋଧରେ ସ୍ଲୋଗାନ ଦେବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଇଣ୍ଡିଆ ବ୍ଲକ୍ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ସ୍ଲୋଗାନ ଦିଆଯାଇଥିଲା। କଂଗ୍ରେସ ସଂସଦୀୟ ଦଳର ଅଧକ୍ଷା ସୋନିଆ ଗାନ୍ଧି, ସାଂସଦ ପ୍ରିୟଙ୍କା ଗାନ୍ଧି, ବିରୋଧୀ ଦଳର ବହୁ ସାଂସଦମାନେ ଏକ ବଡ ବ୍ୟାନର ଧରି ପ୍ରତିବାଦ କରିବା ସହ ସ୍ଲୋଗାନ ଦେଇଥିଲେ। ଗାଦି ଛାଡ, ଇସ୍ତଫା ଦିଅ, ସରମ୍ କରୋ ବୋଲି ସ୍ଲୋଗାନ ଦେଇଚାଲିଥିଲେ। ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସମେତ ଅନ୍ୟ ବିରୋଧୀ ମେଣ୍ଟର (୯ ପୃଷ୍ଠାରେ)

### ସିଏମ୍‌ଓରୁ ଫାଇଲ ଗାଏବ ମାମଲା

## ୟୁଏନ୍ ବେହେରା, ରାଜେଶ ବର୍ମାଙ୍କୁ ସମନ

ଭୁବନେଶ୍ୱର, ୨୩।୭ (ସବ୍ୟୁ) : ସିଏମ୍‌ଓରୁ ଦୁଇଟି ଫାଇଲ ଗାଏବ ମାମଲାର ତଦନ୍ତ କରୁଛି କ୍ୟାପିଟାଲ ଥାନାର ସ୍ୱତନ୍ତ୍ର ଟିମ୍। ଜଣଙ୍କ ପରେ ଜଣେ ଅଇଏଏସ୍‌ଙ୍କୁ ଥାନାରେ ହାଜର ହେବାକୁ ନୋଟିସ୍ କରାଯାଉଛି। ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କୁ ୨୫ ତାରିଖରେ ହାଜର ହେବାକୁ ବୁଧବାର ସମନ ହୋଇଛି। ୨୫ ତାରିଖ ୧୧ଟା ବେଳେ ଜୋନ୍-୧ ଏସିପିଙ୍କ ପାଖେ ସେ ହାଜର ହେବେ ବୋଲି ରାୟରେ କୁହାଯାଇଛି। ସେହିପରି ଆଇଏଏସ୍ ଉପେନ୍ଦ୍ରନାଥ ବେହେରାଙ୍କୁ ଗୁରୁବାର ସମନ ଜାରି କରାଯାଇଛି, ୨୬ ତାରିଖ ୧୧ଟା ବେଳେ ଏସିପିଙ୍କ ପାଖେ ହାଜର ହେବାକୁ।

୨୨ ତାରିଖରେ ହାଜର ହେବାକୁ ତତ୍କାଳୀନ ସରକାରଙ୍କ ପ୍ରମୁଖ ସଚିବ ରାଜେଶ ବର୍ମାଙ୍କୁ ସମନ ହୋଇଥିବା ବେଳେ ସେ ହାଜର ହୋଇନଥିଲେ। ସେଥିପାଇଁ ତାଙ୍କୁ ଦ୍ୱିତୀୟବାର ସମନ କରାଯାଇଛି, ୩୦ ତାରିଖରେ ହାଜର ହେବାକୁ। ସମନ ଅନୁଯାୟୀ ହାଜର ହୋଇ ତଦନ୍ତରେ ସହଯୋଗ କରିବା ସହ ଆବଶ୍ୟକ କାଗଜପତ୍ର ପାଖରେ ଥିଲେ ଆଣି ଦେବାକୁ କୁହାଯାଇଛି। ସମନ ଅନୁଯାୟୀ ପୂର୍ବରୁ ଆଇଏଏସ୍ ମନୋଜ ମିଶ୍ର ହାଜର ହୋଇ ପକ୍ଷ ରଖିବା ପରେ ପୋଲିସ ତଦନ୍ତ ଦ୍ରୁତ ତ୍ୱରାନ୍ୱିତ ହୋଇଛି।

ଜୁନ୍ ୧୦ ତାରିଖରେ ଏତଲା ହେବା ପରେ କେସ୍ ନମ୍ବର ୪୬୦ରେ କ୍ୟାପିଟାଲ ଥାନାରେ ମାମଲା ରୁଜୁ ହୋଇଛି। ମାମଲା (୯ ପୃଷ୍ଠାରେ)

## ପୋଖରୀକୁ ପଶିଲା କାର, ୫ ମୃତ

ଢେଙ୍କାନାଳ, ୨୩।୭ (ସବ୍ୟୁ) : ଯେତେବେଳେ ମୃତ୍ୟୁ ଆସେ ତାକୁ କିଏ ବା ଅଟକାଇ ପାରିବ। ବରସହିତ ବରଯାତ୍ରାରେ ସାମିଲ ହୋଇ ମଉଜମଜଲିସରେ ନାଚଗୀତରେ ସାମିଲ ହୋଇ ମନଖୁସିରେ ଭୋଜିଭାତର ଆସର ଜମିଥିଲା। ଭୋଜି ଖାଇ ଫେରିବା ବେଳକୁ ଯମ ଯେମିତି ଛକି ବସିଥିଲା। ରାସ୍ତା ସମ୍ପର୍କରେ ଜ୍ଞାତ ନଥିବା କାରଚାଳକ କାର ଚଳାଉଥିବା ବେଳେ କାରଟି ପୋଖରୀ ଭିତରକୁ ବିଳମ୍ବିତ ରାତିରେ ପଶିଯାଇଥିଲା। ଫଳରେ କାରରେ ଥିବା ୭ଜଣଙ୍କ ମଧ୍ୟରୁ ୫ଜଣ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଉଦ୍ଧାର ପାଇଛନ୍ତି।

ଓଡାପଡା ବ୍ଲକ ମୋଟଙ୍ଗା ଥାନା ଅନ୍ତର୍ଗତ ବାଙ୍ଗୁରସିଂହ ଗ୍ରାମର ସନ୍ତୋଷ କୁମାର ସାହୁଙ୍କ ପୁଅ ଅଭିଷେକ ସାହୁ ସଦର ଥାନା ଇନ୍ଦିପୁର ଗ୍ରାମର ରୋହିତ (୯ ପୃଷ୍ଠାରେ)




### ସିଜେପିକୁ ଆଲୋଚନା ଲାଗି ଡାକିଲେ ସରକାର

## ସ୍ଥାନ, ସମୟ ଧାର୍ଯ୍ୟ କରିବେ ସିଜେପି ନେତା

ନୂଆଦିଲ୍ଲୀ, ୨୩।୭ : ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଯନ୍ତର ମନ୍ତରରେ ସିଜେପି ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ସରକାରଙ୍କ ପକ୍ଷରୁ ସିଜେପି ସହ ଆଲୋଚନା ଲାଗି ପ୍ରସ୍ତାବ ଦିଆଯାଇଛି। ୨୪ ଘଣ୍ଟା ମଧ୍ୟରେ ଆଲୋଚନା ପାଇଁ କୁହାଯିବା ସହ ସ୍ଥାନ ଓ ସମୟ ନିଜ ସୁବିଧା ଅନୁଯାୟୀ ସ୍ଥିର କରିବାକୁ ମଧ୍ୟ କୁହାଯାଇଛି। ତେବେ ୨୦ ତାରିଖରେ ପୋଲିସ ପକ୍ଷରୁ ହୋଇଥିବା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ସିଜେପି ଆସନ୍ତାକାଲି ଦେଶବ୍ୟାପୀ ପ୍ରତିବାଦ କରିବାକୁ ଡାକରା ଦେଇଛି।

କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ୪ ପ୍ରସ୍ତାବ ସହ ଆଲୋଚନା ଲାଗି ସିଜେପିକୁ ଅନୁରୋଧ କରିଛନ୍ତି। ଜିତେନ୍ଦ୍ର ସିଂହ ଉଲ୍ଲେଖ କରିଛନ୍ତି ଯେ ଆମର ଯୁବ ବନ୍ଧୁମାନେ ୨୪ ଘଣ୍ଟା ମଧ୍ୟରେ ଯେଉଁଠି ଚାହିଁବେ ଆଲୋଚନା କରାଯିବ। କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କ ବାସଭବନରେ ଚାହିଁଲେ ଆଲୋଚନା ହୋଇପାରିବ। ସରକାରଙ୍କ ପକ୍ଷରୁ ଆଜି ଅପରାହ୍ଣରେ ୪ ପ୍ରସ୍ତାବ ଦେଇଛନ୍ତି।



### ଦାବି ସମ୍ପର୍କରେ ସ୍ପଷ୍ଟ କୁହ, ଆଲୋଚନାରେ ସମୟ ନଷ୍ଟ କରନି

### ଆଜି ଦେଶବ୍ୟାପୀ ସିଜେପିର ଦିନିକିଆ ପ୍ରତିବାଦ

ଖୋଲା ମନ ନେଇ ସରକାର ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ସରକାର ଏହି ପ୍ରସଙ୍ଗକୁ କୌଣସି ସମ୍ମାନ ବା ଅହଙ୍କାର ବୋଲି ମନେ କରୁନାହାନ୍ତି। ଆମେ ଆନ୍ଦୋଳନ ସମୟରେ କ'ଣ ଘଟିଲା ତାହା ମଧ୍ୟ ଆଲୋଚନା କରିବାକୁ ପ୍ରସ୍ତୁତ ଅଛୁ। ଆଲୋଚନା ପରେ ଆମେ ଏକ ସମାଧାନରେ ପହଞ୍ଚିବୁ। ସରକାର ଛାତ୍ରଙ୍କ କଲ୍ୟାଣ ପାଇଁ ସର୍ବଦା କାର୍ଯ୍ୟ କରୁଛନ୍ତି। ଯୁବକମାନଙ୍କ ଭବିଷ୍ୟତ ଠାରୁ ବଡ କଥା କିଛିନାହିଁ। ତେବେ ସରକାରଙ୍କ (୯ ପୃଷ୍ଠାରେ)





ଜନ୍ମବେଦିରୁ ମହାପ୍ରଭୁ ଫେରିବେ ରତ୍ନବେଦି । ଆରମ୍ଭ ହୋଇଛି ଏହାର ପ୍ରଥମ ସୋପାନ ବାହୁଡା ଯାତ୍ରା । ରଥଯାତ୍ରା ପରି ବାହୁଡା ଯାତ୍ରାର ମଧ୍ୟ ରହିଛି ଅନେକ ମହାତ୍ମ୍ୟ । ଏହି ଯାତ୍ରାର ମୂକସାକ୍ଷୀ ପାଲଟିବାକୁ ପୁରୀରେ ଦେଖିବାକୁ ମିଳିଥାଏ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ । ବଦଡାଣ୍ଡ କମ୍ପି ଉଠେ ଘଣ୍ଟ ଘଣ୍ଟା ମାଦଳ ଓ ହୁଳହୁଳି ଧ୍ୱନିରେ ।

# ଜନ୍ମବେଦିରୁ ରତ୍ନବେଦି

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଦ୍ୱିତୀୟ ମୁଖ୍ୟଯାତ୍ରା ହେଉଛି ବାହୁଡ଼ା ଯାତ୍ରା । ଗୁଣ୍ଡିଚା ମନ୍ଦିରରୁ ବାହାରି ଶ୍ରୀମନ୍ଦିରକୁ ରଥରେ ଯାତ୍ରା କରିବାର ଉତ୍ସବ ବାହୁଡ଼ାଯାତ୍ରା ନାମରେ ପରିଚିତ । ଜନ୍ମ ବେଦିରୁ ପ୍ରଭୁ ଫେରି ଆସନ୍ତି ରତ୍ନବେଦିକୁ । ପୌରାଣିକ କଥା ଅନୁଯାୟୀ, ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ପ୍ରକଟ ହୋଇଥିବାରୁ ଏହାରନାମ ଜନ୍ମବେଦି । ରଥଯାତ୍ରାର ଅଷ୍ଟମ ଦିନ ରଥମାନଙ୍କୁ ଦକ୍ଷିଣାଭିମୁଖୀ କରାଯାଏ । ବାହୁଡ଼ା ଦିନ ମହାପ୍ରଭୁଙ୍କ ଆଳତି ଅବକାଶ ପରେ ରୋଷରେ ହୋମ ହୁଏ । ସୂର୍ଯ୍ୟ ପୂଜା ଓ ଦ୍ୱାରପାଳ ପୂଜା ପରେ ସକାଳ ଧୂପ (ଖେଚୁଡ଼ି ଭୋଗ) ଏବଂ ବଲ୍ଲଭ ଭୋଗ ହୋଇଥାଏ । ଏହା ପରେ ମହାପ୍ରଭୁଙ୍କର ମଂଗଳାର୍ପଣ କରାଯାଇଥାଏ । ତାପରେ ମନ୍ଦିରସ୍ଥ ଢୋଲ ଲାଗି ଏବଂ ପୁଷ୍ପାଞ୍ଜଳି ଦେବା ପରେ ବିଜେ କାହାଳି ବାଜିଥାଏ । ଏହି ସମସ୍ତ ନୀତି ଦିନ ୧୦ ଘଟିକା ମଧ୍ୟରେ ସରିଥିଲା । ଏହାପରେ ପ୍ରଥମେ ସୁଦର୍ଶନଙ୍କୁ ପହଣ୍ଡି କରାଯିବାପରେ କ୍ରମାନ୍ୱୟରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପହଣ୍ଡି କରାଯାଇ ରଥକୁ ବିଜେ କରାଯାଇଥାଏ । ପହଣ୍ଡି ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରର ଜଗମୋହନରେ ପହଞ୍ଚିବା ପରେ ସେଠାରେ ଠାକୁରମାନଙ୍କ ମସ୍ତକରେ ଟାହିଆ ଲାଗି କରାଯାଇ ପହଣ୍ଡି କାର୍ଯ୍ୟ ସମାପନ କରାଯାଇଥାଏ । ଏହି ସମୟରେ ପୁରା ଶରଧାବାଲି ଶ୍ରୀଜୟଦେବଙ୍କ ଗୀତ ଗୋବିନ୍ଦ, ଶ୍ରୀ ଶ୍ରୀ ଜଗନ୍ନାଥାଷ୍ଟକ, ବିଭିନ୍ନ ଭଜନ ଓ ଜଣାଣ ଏବଂ ଜଗନ୍ନାଥଙ୍କ ବିଭିନ୍ନ ସ୍ତୋତରେ ପ୍ରକମ୍ପିତ ହୋଇଥାଏ । ଏହାପରେ ରଥଯାତ୍ରାଭଳି ଛେରାପହଁରା ନୀତି ସମାପନ ହୋଇଥାଏ । ମହାପ୍ରଭୁଙ୍କ ଆଦ୍ୟ ସେବକ ଭାବେ ପରିଚିତ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରା ପହଁରା କରି ସାରିବା ପରେ ରଥ ଟଣା ଆରମ୍ଭ ହୋଇଥାଏ । ତେବେ ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରିବା ସମୟରେ ଏକ ସୁନ୍ଦର ନୀତି ବଡଦାଣ୍ଡରେ ସମାପନ ହୋଇଥାଏ । ବଡଦାଣ୍ଡରେ ଥିବା ମାଉସୀମାଙ୍କ ମନ୍ଦିର ପାଖରେ ମହାପ୍ରଭୁଙ୍କୁ ପୋଡପିଠା ଭୋଗ କରାଯାଇଥାଏ । ମାଉସୀ ଘରେ ପୋଡପିଠା ଖାଇ ଶ୍ରୀମନ୍ଦିର ଫେରନ୍ତି ମହାପ୍ରଭୁ । ଏହା ପରେ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ପାଳନ ହୋଇଥାଏ ଲକ୍ଷ୍ମୀ ନାରାୟଣ ଭେଟ । ସେବାୟତମାନେ ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀଙ୍କୁ ଏକ ପାଲିଙ୍କିରେ ବସାଇ ନନ୍ଦିଘୋଷ ରଥ ନିକଟକୁ ଆଣିଥାଆନ୍ତି । ସେଠାରେ ଗଜପତି ମହାରାଜା ପାରମ୍ପରିକ ରୀତିରେ ଲକ୍ଷ୍ମୀ ନାରାୟଣ ଭେଟ କରାଇବା ପରେ ରଥକୁ ଟଣାଯାଇ ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଥାଏ । ଏହିଭଳି ଭାବେ ସମାପନ ହୋଇଥାଏ ବାହୁଡା ନୀତି । ଯାହାପରେ ସୁନାବେଶ, ଅଧରପଣା ଓ ନିଳାଦ୍ରୀବିଜେ ପରମ୍ପରା ବାହୁଡାର ପରଦିନ ମାନଙ୍କରେ ସମାପନ ହୋଇଥାଏ ।




## ଦିବ୍ୟ ବ୍ୟଞ୍ଜନ

### ଅମାଲୁ

**ସାମଗ୍ରୀ:** ଗହମ ଅଟା କିମ୍ବା ମଇଦା : ୧ କପ, କ୍ଷୀର/ସର : ଗୋଳାଇବା ପାଇଁ ଆବଶ୍ୟକ ଅନୁସାରେ, ଗୁଜୁରାତି ଗୁଣ୍ଡ : ୧ ଛୋଟ ଚାମଚ, ଲୁଣ, ଚିନି/ଗୁଡ଼ ସିରା, ଶୁଦ୍ଧ ଘିଅ କିମ୍ବା ତେଲ ।

**ପ୍ରସ୍ତୁତି :** ଅମାଲୁ ହେଉଛି ଓଡ଼ିଶାର ଏକ ପାରମ୍ପରିକ ମିଠା, ଯାହା ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କୁ ଛପନ ଭୋଗର ଅଂଶ ଭାବେ ଅର୍ପଣ କରାଯାଏ । ଏହାକୁ ତିଆରି କରିବା ପାଇଁ ପ୍ରଥମେ ଗୋଟିଏ ପାତ୍ରରେ ଅଟା (କିମ୍ବା ମଇଦା), ଅଳ୍ପ ଲୁଣ ଏବଂ ଗୁଜୁରାତି ଗୁଣ୍ଡ ମିଶାନ୍ତୁ । ଏବେ ସେଥିରେ ଆବଶ୍ୟକ ଅନୁସାରେ କ୍ଷୀର କିମ୍ବା ସର ମିଶାଇ ଗୋଟିଏ ଚିକ୍କଣ ଓ ମସୃଣ ଘୋଳ ତିଆରି କରନ୍ତୁ । ଅନ୍ୟପଟେ କଡ଼େଇରେ ଘିଅ ଗରମ କରନ୍ତୁ । ଘିଅ ଗରମ ହୋଇଗଲେ, ଘୋଳରୁ ଛୋଟ ଚାମଚେ ଆଣି ଗରମ ଘିଅରେ ଡାଳନ୍ତୁ ଏବଂ ଦୁଇ ପାଖ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଭଲ ଭାବରେ ଛାଣି ନିଅନ୍ତୁ । ଶେଷରେ ଛଣା ହୋଇଥିବା ଗରମ ଅମାଲୁଗୁଡ଼ିକୁ ପୂର୍ବରୁ ପ୍ରସ୍ତୁତ ଚିନି କିମ୍ବା ଗୁଡ଼ ସିରାରେ ଅଳ୍ପ ସମୟ ବୁଡ଼ାଇ କାଢ଼ି ନିଅନ୍ତୁ । ଏବେ ଆପଣଙ୍କର ସ୍ୱାଦିଷ୍ଟ ଶ୍ରୀମନ୍ଦିର ଶୈଳୀର "ଅମାଲୁ" ପ୍ରସ୍ତୁତ ।





## ଇଞ୍ଜିନିୟରିଂରୁ ବଲିଉଡ଼

କ୍ରିତି ସନନ୍ ବଲିଉଡ଼ର ଅନ୍ୟତମ ସଫଳ ଅଭିନେତ୍ରୀ ଭାବେ ଗଣାହୁଅନ୍ତି, ଯାହାଙ୍କ ନାମରେ ଜାତୀୟ ପୁରସ୍କାର, କେତେକ ସୁପରହିଟ୍ ଫିଲ୍ମ ଏବଂ ନିଜସ୍ୱ ପ୍ରଡକ୍ସନ୍ ହାଉସ୍ ସାମିଲ ରହିଛି । କିନ୍ତୁ ସଫଳତାର ଏହି ଶୀର୍ଷରେ ପହଞ୍ଚିବା ପାଇଁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡିଛି । ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିବା କ୍ରିତିଙ୍କର ପିତା ରାହୁଲ ସନନ୍ ଜଣେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଏବଂ ମାତା ଗୀତା ସେନନ୍ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର । ଡିପିଏସ୍ ଆର.କେ. ପୁରମ୍‌ରୁ ପ୍ରାରମ୍ଭିକ ଶିକ୍ଷା ପରେ ନୋଏଡାର ଜେପି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେସନ୍ ଟେକ୍ନୋଲୋଜିରୁ ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍‌ରେ ବି.ଟେକ୍ କରିଛନ୍ତି କ୍ରିତି । ପିଲାଦିନୁ ସେ ଷ୍ଟେଜ୍‌କୁ ଯିବାକୁ ଡରୁଥିଲେ, ଯାହାଫଳରେ ଅଭିନୟ କିମ୍ବା ଫିଲ୍ମ ଦୁନିଆକୁ ଆସିବା କଥା ସେ କେବେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । କିନ୍ତୁ ବି.ଟେକ୍ ପଢ଼ିବା ସମୟରେ ଜଣଙ୍କର ପରାମର୍ଶ କ୍ରମେ ସେ ମଡେଲିଂରେ ଭାଗ ନେବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଭଉଣୀ ନୂପୁର ଘରେ ଉଠାଇଥିବା କିଛି ସାଧାରଣ ଫଟୋକୁ ଏକ ୱେବସାଇଟ୍‌ର 'ଫ୍ରେଶ୍ ଫେସ୍' ପ୍ରତିଯୋଗିତାକୁ ପଠାଇଥିଲେ । ଏହାପରେ ପ୍ରସିଦ୍ଧ ଫଟୋଗ୍ରାଫର ଡବ୍ଲୁ ରତ୍ନାନୀଙ୍କ ଦ୍ୱାରା ମାଗଣା ପୋର୍ଟଫୋଲିଓ ସୁଟ୍ ଜିତିଥିଲେ, ଯାହା ତାଙ୍କ ଜୀବନର ସବୁଠାରୁ ବଡ଼ ଟର୍ନିଂ ପଏଣ୍ଟ ପାଲଟିଥିଲା । ଏହା ପରଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି କ୍ରିତି । ଏହାପରେ ତାଙ୍କର ପରିଶ୍ରମ ତାଙ୍କୁ ଜଣେ ଇଞ୍ଜିନିୟରିଂ ଛାତ୍ରୀରୁ ବଲିଉଡର ସଫଳ ନାୟିକା ସଜାଇଛି ।

## ମୋବାଇଲ ଶୋଇବାକୁ ତକିଆ

ଏକ ତକିଆ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ଏକ କମ୍ପାନୀ ଫୋନକୁ ଶୁଆଇବା ପାଇଁ ଏକ ତକିଆର ନିର୍ମାଣ କରିଛି । ଏହି ଛୋଟ ତକିଆଟି ସେରମିକରୁ ପ୍ରସ୍ତୁତ କରାଯାଇଛି । ଏହାକୁ ଏଭଳି ପ୍ରସ୍ତୁତ କରାଯାଇଛି କି ଫୋନଟିକୁ ଏହା ଉପରେ ରଖିବା ଫଳରେ ଫୋନଟି ଆପେ ଆପେ ଡୁ ନଟ୍ ଡିଷ୍ଟର୍ବ ମୋଡକୁ ଚାଲି ଯାଇଥାଏ । ଏହି ତକିଆଟି ଗୋଟିଏ ପ୍ରୋଜେକ୍ଟ ଅଧୀନରେ ନିର୍ମାଣ କରାଯାଇଛି । ଏହା ଦେଖିବାକୁ ମାଟିର ଖେଳନା ଭଳି ହେଲେ ଏହା ଭିତରୁ ଟେକ୍ନୋଲୋଜିରେ ଭରପୁର । ଏହା ଭିତରେ ଏନ୍‌ଏଫସି ଚିପ ଲଗାଯାଇଛି । ଯେତେବେଳେ ତକିଆ ଉପରେ ଫୋନ ରଖାଯାଇଥାଏ, ସେତେବେଳେ ଚିପଟି ଫୋନକୁ ସିଗନାଲ ଦେଇଥାଏ ଏବଂ ଫୋନ ଡୁନର୍ଟ ଡିଷ୍ଟର୍ବ ମୋଡକୁ ଚାଲିଯାଇଥାଏ । ଏହି ତକିଆର ଦାମ ରହିଛି ୯୩ ହଜାର ଟଙ୍କା । ଏହାକୁ ବିଶେଷ ଭାବେ ସୋସିଆଲ ମିଡିଆ ଡିଟକ୍ସ ପାଇଁ ପ୍ରସ୍ତୁତ କରାଯାଇଛି ।




## ମେଷ



**ମେଷ:** ଶୁଭ ଖବର, ବ୍ୟବସାୟରେ ସ୍ୱଳ୍ପ ଲାଭ, ଯାତ୍ରା ସଫଳ, ଶାରୀରିକ ସୁସ୍ଥ, ବିବାଦ ସମାଧାନ, ସ୍ୱଜନ ବିରୋଧ, ଶତ୍ରୁ ସମସ୍ୟା, ଗୃହେ ଶୁଭ ଆଲୋଚନା । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ହନୁମାନ ।

**ବୃଷ:** ସମ୍ମାନ ଲାଭ, ବନ୍ଧୁ ଲାଭ, ସ୍ୱାସ୍ଥ୍ୟ ଲାଭ, ଦେବକାର୍ଯ୍ୟରେ ସନ୍ତୁଷ୍ଟି, ନୂତନ କର୍ମାରମ୍ଭ, ପାରିବାରିକ ଖୁସି, ବନ୍ଧୁଗୃହେ ଯାତ୍ରା, ଉତ୍ସବ ସଫଳ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** କର୍ମକ୍ଷେତ୍ରରେ ବିବାଦ, ଗୃହେ ସହଯୋଗ, ଶାରୀରିକ ସୁସ୍ଥ, ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦାମ୍ପତ୍ୟ ଖୁସି, ଅଯଥା କଳହ, ବିଶିଷ୍ଟ କାର୍ଯ୍ୟରେ ଲାଭ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୭, ଆରାଧନା- ବିଷ୍ଣୁ ଭଗବାନ ।

**କର୍କଟ:** ବନ୍ଧୁମିଳନ, ଖୁସି ଖବର, ଦେବଦର୍ଶନ, ବିବାଦ ସମାଧାନ, ଦାମ୍ପତ୍ୟ ଖୁସି, ସନ୍ତାନ ଲାଭ, ବିଦ୍ୟାରେ ସଫଳତା, ପାରିବାରିକ ଖୁସି, ସ୍ୱାସ୍ଥ୍ୟ ଲାଭ । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା- ୯, ଆରାଧନା- ମା' ଭଗବତୀ ।

**ସିଂହ:** ଶତ୍ରୁ ସମସ୍ୟା, ଶୁଭ ଖବର, ଲୋକସମ୍ପର୍କ ବୃଦ୍ଧି, ବନ୍ଧୁ ବିରୋଧ, ଆଶାରେ କଷ୍ଟ, ଦେବ ଦର୍ଶନ, ଦାମ୍ପତ୍ୟ ଖୁସି, ବ୍ୟବସାୟରେ କଷ୍ଟ, ଶାରୀରିକ ସୁସ୍ଥ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

**କନ୍ୟା:** ସମ୍ମାନ ବୃଦ୍ଧି, ଅର୍ଥ ଲାଭ, ଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ବନ୍ଧୁ ଲାଭ, ଶୁଭ ଖବର, ଶାରୀରିକ ସୁସ୍ଥ, ସନ୍ତାନ ଲାଭ, ମିଷ୍ଟାନ୍ନ ପ୍ରାପ୍ତି, ଗାଡ଼ି ଚାଳନାରେ ସାବଧାନ । ଉତ୍ତରା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା- ମା' ମଙ୍ଗଳା ।

**ତୁଳା:** ଭୟ ଓ ଆଶଙ୍କା, ଦାମ୍ପତ୍ୟ କଳହ, ଶାରୀରିକ କଷ୍ଟ, ଦେବଦର୍ଶନ, ଯାତ୍ରାରେ କଷ୍ଟ, ସ୍ୱାଦିଷ୍ଟ ଭୋଜନ, ବ୍ୟକ୍ତି ସାହାଯ୍ୟ, ଅର୍ଥ ଚିନ୍ତା, ବନ୍ଧୁ ଲାଭ, ନୂତନ କର୍ମ ଆରମ୍ଭ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ନୃସିଂହ ।

**ବିଛା:** ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ପାରିବାରିକ ସୁଖ, ବ୍ୟବସାୟରେ ଲାଭ, ସମ୍ପତ୍ତି ଲାଭ, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା, ସନ୍ତାନ ଲାଭ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା- ବିଷ୍ଣୁ ଭଗବାନ ।

**ଧନୁ:** ଅର୍ଥ ଲାଭ, ବିବାଦ ସମାଧାନ, ଦେବଭକ୍ତି, ବ୍ୟକ୍ତି ସହାୟତା, ଶତ୍ରୁ ପରାଜିତ, କର୍ମକ୍ଷେତ୍ରରେ ସଫଳ, ବ୍ୟବସାୟିକ ଲାଭ, ଶାରୀରିକ ସୁସ୍ଥ, ସମ୍ପତ୍ତି ଲାଭ, ସନ୍ତାନ ସମସ୍ୟା । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ମକର:** ଶାରୀରିକ ଅସୁସ୍ଥ, ଦେବ କାର୍ଯ୍ୟ ପ୍ରତି ଆଗ୍ରହ, ଗୃହେ ଉତ୍ସବ, ବିବାଦ ସମାଧାନ, ଦାମ୍ପତ୍ୟ ଖୁସି, ମନରେ ସ୍ଥିରତା, ବାଣିଜ୍ୟରେ ଲାଭ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୫, ଆରାଧନା- ମା' ବଗଳାମୁଖୀ ।

**କୁମ୍ଭ:** ଅଯଥା ଅଶାନ୍ତି, ଶାରୀରିକ କଷ୍ଟ, ଶୁଭ ଆଲୋଚନା, ଗୃହେ ଉତ୍ସବ, ଦୂର ଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ଦାମ୍ପତ୍ୟ ଖୁସି, ସନ୍ତାନ ଚିନ୍ତା । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ମୀନ:** ଆଶା ସଫଳ, ବ୍ୟବସାୟରେ ଲାଭ, ନୂତନ ସମ୍ପର୍କ, ପାରିବାରିକ ଖୁସି, ଦୂର ଯାତ୍ରା, ଦେବ ଦର୍ଶନ, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା- ୯, ଆରାଧନା- ମା' ବିମଳା ।

**ଆଷାଢ଼ ଶୁକ୍ଳପକ୍ଷ ଦଶମୀ**
**୨୪.୭.୨୦୨୬, ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଯନ୍ତର ମନ୍ତର ଆନ୍ଦୋଳନ ଦେଶରେ ଅରାଜକତା ସୃଷ୍ଟି କରିବାର ଆନ୍ଦୋଳନ : ପୃଥ୍ୱୀରାଜ

## "ବିକଶିତ ଭାରତ, ସମୃଦ୍ଧ ଓଡିଶା ଗଠନରେ ସାମିଲ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଦେଲେ ପରାମର୍ଶ

ଭୁବନେଶ୍ୱର, (ସବ୍ୟୁ) : ଗତ କିଛି ଦିନ ହେବ ଦେଶରେ ଲଗାତାର ଭାବେ ଅରାଜକତା ସୃଷ୍ଟି କରାଯିବାର ପ୍ରୟାସ କରାଯାଉଛି । ଦୁର୍ଭାଗ୍ୟଜନକ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ପ୍ରଘଟ ହେବା ପରେ କେନ୍ଦ୍ର ସରକାର ତୁରନ୍ତ ପରୀକ୍ଷାକୁ ବାତିଲ କରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ । ଅଭିଯୁକ୍ତଙ୍କୁ ଗିରଫ କରାଗଲା । ଛାତ୍ରଛାତ୍ରୀଙ୍କ ମନରେ କୌଣସି ନୈରାଶ୍ୟଜନକ ସ୍ଥିତି ସୃଷ୍ଟି ନହେଉ, ତେଣୁ ତୁରନ୍ତ ପରୀକ୍ଷା କରାଯିବାର ନିଷ୍ପତ୍ତି ନେଇ ସଫଳତାର ସହ ଶେଷ କରିଲେ । ଆମ ରାଜ୍ୟରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ସଫଳତାର ସହ ସମାପ୍ତ ହେଲା । ଫଳାଫଳ ପ୍ରକାଶ ପାଇଲା । ଆଉ କିଛି ଦିନ ଭିତରେ ଆଡମିସନ ପ୍ରକ୍ରିୟା ସମାପ୍ତ ହେବାକୁ ଯାଉଛି । ଏଭଳି ସମୟରେ ଆନ୍ଦୋଳନ କରିବାର କୌଣସି ପ୍ରୟୋଜନ ନାହିଁ । କେବଳ ଦେଶରେ ଅରାଜକତା ସୃଷ୍ଟି କରିବା ପାଇଁ ଆନ୍ଦୋଳନ କରାଯାଉଛି ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ଗୁରୁବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଆନ୍ଦୋଳନର ନେତୃତ୍ୱ ନେଉଥିବା ଅଭିଜିତ ଦୀପକେ ହେଉଛନ୍ତି ଆପ୍ ଦଳର ଜଣେ ସକ୍ରିୟ ସଦସ୍ୟ । ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ଆମ୍ ଆଦମୀ ପାର୍ଟୀ ସହ ବାମପନ୍ଥୀ ରାଜନୈତିକ ଦଳଗୁଡିକ ମିଳିମିଶି କଂଗ୍ରେସ ଦଳ ସହ ଅରାଜକତା କରୁଛନ୍ତି । ହଠାତ୍ କରି ଦେଶରେ ଜେଏନୟୁର ଟୁକୁଡେ ଟୁକୁଡେ ଗ୍ୟାଙ୍ଗ ଓ ଦେଶ ବିଭାଜନକାରୀ



ଶକ୍ତିମାନେ ପ୍ରଚଣ୍ଡ ଭାବରେ ସକ୍ରିୟ ହୋଇଯାଇଛନ୍ତି ।


ରାହୁଲ ଗାନ୍ଧୀ ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରି ଡ୍ରାମାବାଜୀ ଆରମ୍ଭ କରିଦେଇ ନିଜ ରାଜନୈତିକ ପାମ୍ପଡ ସେକୁଛନ୍ତି । ଏହା ଛାତ୍ର ଆନ୍ଦୋଳନ ନୁହେଁ, ବରଂ ଦେଶରେ ଅରାଜକତା ସୃଷ୍ଟି କରିବାର ଆନ୍ଦୋଳନ । ତେଣୁ ଏଭଳି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଆନ୍ଦୋଳନରେ ବିଭ୍ରାନ୍ତ ନହେବାକୁ ଦେଶର ତଥା ଓଡିଶାର ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିବା ସହ ନିଜ ନିଜ କ୍ୟାରିଅର ଗଢିବାରେ ଧ୍ୟାନ ଦିଅନ୍ତୁ ଏବଂ ବିକଶିତ ଭାରତ, ସମୃଦ୍ଧ ଓଡିଶା ଗଠନରେ ସାମିଲ ହେବା ପାଇଁ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ପାଇଁ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସେ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ନିଷ୍ପତି ନେଉଛନ୍ତି । ଆମେ ସଂସଦରେ ନିଟ୍ ଉପରେ ଚର୍ଚ୍ଚା ଚାହୁଁଛୁ । ଛାତ୍ରଛାତ୍ରୀମାନେ ମଧ୍ୟ ଏହାହିଁ ଚାହୁଁଛନ୍ତି । ଯେଉଁ ନିୟମ ଅଧୀନରେ ଚର୍ଚ୍ଚା କରିବାକୁ ଚାହୁଁଛନ୍ତି, ଯେତେ ସମୟ ପର୍ଯ୍ୟନ୍ତ ଚର୍ଚ୍ଚା କରିବାକୁ ଚାହୁଁଛନ୍ତି, ଆସନ୍ତୁ ସଂସଦରେ ନିଟ୍ ଏବଂ ଏହା ସହ ଜଡ଼ିତ ପ୍ରତ୍ୟେକ ବିଷୟ ଉପରେ ଆଲୋଚନା କରନ୍ତୁ । କିନ୍ତୁ ରାହୁଲ ଗାନ୍ଧୀ ଆଲୋଚନାରୁ ଦୂରେଇ ଯାଉଛନ୍ତି । ଆମେ ଛାତ୍ରଛାତ୍ରୀମାନଙ୍କୁ ବଦ୍‌ନାମ ହେବାକୁ ଦେବୁ ନାହିଁ ବୋଲି ଶ୍ରୀ ହରିଚନ୍ଦନ ସ୍ପଷ୍ଟ ଭାବେ କହିଛନ୍ତି ।

ଅପର ପକ୍ଷରେ ଗତ ପନ୍ଦର ବର୍ଷ ଧରି ଏକୁଟିଆ ଶାସନ କରୁଥିବା ବିଜୁ ଜନତା ଦଳର ଦୁଇଟି ଭିନ୍ନ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି । ପ୍ରଶ୍ନପତ୍ର ପ୍ରଘଟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବକ୍ତବ୍ୟ ହେଉଛି, "ସୌ ଚୁହା ଖାକେ, ବିଲ୍ଲୀ ହଜକୋ ଚଲିଦ୍ଧ ସଦୃଶ । ୨୦୧୫ ମସିହାରେ କନଷ୍ଟେବଲ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ୨୦୧୬, ୨୦୧୯, ୨୦୨୨ ମସିହାରେ ଓଟିଇଟି ପ୍ରଶ୍ନପତ୍ର ଲିକ୍ ୨୦୧୮ ଓ ୨୦୧୯ ମସିହାରେ ମ୍ୟାଟ୍ରିକ ପ୍ରଶ୍ନପତ୍ର ଲିକ୍ ୨୦୨୩ ମସିହାରେ ଏଏସଓ ପ୍ରଶ୍ନପତ୍ର ଲିକ୍ ଘଟଣାରେ ନବୀନ ବାବୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ନୈତିକତା ହରାଇଥିବା ନବୀନ ବାବୁ ଏପରି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ କୌଣସି ପ୍ରଶ୍ନ ପଚାରିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିଷ୍ଣୁ ଦାଶ, ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ଓ ରାଜେନ୍ଦ୍ର ପଣ୍ଡା ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୂରଗାମୀ କ୍ଷେପଣାସ୍ତ୍ର କୁଶର ସଫଳ ପରୀକ୍ଷଣ

ବାଲେଶ୍ୱର, (ସବ୍ୟୁ): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡ଼ିଆରଡିଓ) ପକ୍ଷରୁ ଭଦ୍ରକ ଜିଲ୍ଲାର ଧାମରା ସ୍ଥିତ ଅବଦୁଲ କଲାମ ଦ୍ୱୀପରୁ କୁଶ ଦୂରଗାମୀ କ୍ଷେପଣାସ୍ତ୍ରର ସଫଳତାର ସହ



ହୋଇଯାଇଛି । ଏହି ପ୍ରଥମ ପରୀକ୍ଷଣ ଏକ ଇଲେକ୍ଟ୍ରୋନିକ ଟାର୍ଗେଟ ବିରୁଦ୍ଧରେ କରାଯାଇଥିଲା ଯାହା ହାଇ-ସ୍ପିଡ୍ ଏବଂ ଉଚ୍ଚତା ବିଶିଷ୍ଟ ବାୟୁ ବିପଦକୁ ଅନୁକରଣ କରିଥାଏ ଯାହାକୁ କ୍ଷେପଣାସ୍ତ୍ର ପ୍ରଣାଳୀ ଦ୍ୱାରା ସଫଳତାର ସହ ପ୍ରତିରୋଧ କରାଯାଇଥିଲା । କୁଶ କ୍ଷେପଣାସ୍ତ୍ର ପ୍ରଣାଳୀ ଲଢୁଆ ବିମାନ, କ୍ଷେପଣାସ୍ତ୍ର, ମାନବହୀନ ବାୟୁ ଯାନ ଏବଂ ବିଶାଳ ପରିସର ଏବଂ ଉଚ୍ଚତା ମଧ୍ୟରେ ବଡ଼ ଶତ୍ରୁ ବିମାନ ସମେତ ବିଭିନ୍ନ ପ୍ରକାରର ବାୟୁ ବିପଦକୁ ନିରପେକ୍ଷ କରିବାରେ ସକ୍ଷମ । କ୍ଷେପଣାସ୍ତ୍ର, ରାଡାର, କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର ସମେତ ସମସ୍ତ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ଉପାଦାନଗୁଡ଼ିକୁ ବିଭିନ୍ନ ଡ଼ିଆରଡିଓ ପରୀକ୍ଷାଗାର ଏବଂ ଶିଳ୍ପ ଅଂଶୀଦାରମାନଙ୍କ ଦ୍ୱାରା ବିକଶିତ କରାଯାଇଛି । ଆଜିର ଏହି ପରୀକ୍ଷଣ ସମୟରେ ପ୍ରତିରକ୍ଷା ବିଭାଗ, ଡିଆର୍‌ଡିଓର ବହୁ ବୈଜ୍ଞାନିକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପୌରସଂସ୍ଥାର ଆର୍ଥିକ କ୍ଷମତା ବଢ଼ିଲା

ଭୁବନେଶ୍ୱର(ସବ୍ୟୁ): ସହରାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ସହଜ କରିବା ଓ ପୌରାଞ୍ଚଳ ଗୁଡ଼ିକରେ ଶାସନ ବ୍ୟବସ୍ଥାରେ ସୁଧାର ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ସଂସ୍କାର ସ୍ୱରୂପ ପୌରସଂସ୍ଥା ଏବଂ ସ୍ମାର୍ଟ ସିଟି ଲିଃ.ର ଆର୍ଥିକ କ୍ଷମତା ପରିସରକୁ ସଂଶୋଧିତ କରିଛନ୍ତି । ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟ ସିଟି ଲିଃ.ର ଏମ୍‌ଡିମାନଙ୍କ ଆର୍ଥିକ କ୍ଷମତାକୁ ମହାନଗର ନିଗମର କମିଶନରମାନଙ୍କ ସହିତ ସମାନ କରାଯାଇଛି । ନଗର ଉନ୍ନୟନ ବିଭାଗ ଦ୍ୱାରା ବିଜ୍ଞାପିତ ଏହି ସଂଶୋଧିତ ବ୍ୟବସ୍ଥା ତୁରନ୍ତ ଲାଗୁ ହେବ ।

ମହାନଗର ନିଗମ ପାଇଁ ବିଲ୍ ମଞ୍ଜୁରୀ ଯେପରି: କାର୍ଯ୍ୟ ବିଲ୍, କ୍ରୟ ବିଲ୍ ଏବଂ କାର୍ଯ୍ୟାଳୟର ଆନୁଷଙ୍ଗିକ ଖର୍ଚ୍ଚ ମଞ୍ଜୁର ପାଇଁ କମିଶନରମାନଙ୍କ ଆର୍ଥିକ ସୀମାକୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ସୀମା ଭୁବନେଶ୍ୱର ମହାନଗର ନିଗମ ପାଇଁ ୫୦ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ମହାନଗର ନିଗମ ପାଇଁ ୧୫ ଲକ୍ଷ ଟଙ୍କା ଥିଲା । ୧ କୋଟି ଟଙ୍କାରୁ ଅଧିକ ବିଲକୁ ମହାନଗର ନିଗମର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ । ଦରମା ଓ ପେନସନ୍: କମିଶନରମାନଙ୍କୁ ଦରମା ଏବଂ ପେନସନ୍ ବିଲ୍ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି ।

ପ୍ରଶାସନିକ ଅନୁମୋଦନ: ବିଭିନ୍ନ କାର୍ଯ୍ୟ ଓ ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ଦେବାର ସୀମା ୨ କୋଟି ଟଙ୍କାରୁ ୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ୩ କୋଟିରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ଚୁକ୍ତି ସମ୍ପର୍କିତ ସ୍ଥାୟୀ କମିଟି, ୪ କୋଟିରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ମହାନଗର ନିଗମ ଏବଂ ୫ କୋଟି ଟଙ୍କାରୁ ଅଧିକ ପ୍ରସ୍ତାବ ପାଇଁ ପ୍ରାଶାସନିକ ବିଭାଗର ଅନୁମୋଦନ ଆବଶ୍ୟକ ହେବ । ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନିର୍ବାହୀ ଅଧିକାରୀମାନଙ୍କ ପ୍ରଦାନ କ୍ଷମତା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୨୦ ଲକ୍ଷ ଟଙ୍କାରୁ ଅଧିକ ବିଲ୍ ପାଇଁ ନିର୍ବାହୀ ଅଧିକାରୀ ଏବଂ ପୌର ଅଧ୍ୟକ୍ଷଙ୍କ ଯୁଗ୍ମ ସ୍ୱାକ୍ଷର ଆବଶ୍ୟକ ହେବ । ଦରମା ଓ ପେନସନ ଲାଗି ନିର୍ବାହୀ ଅଧିକାରୀମାନଙ୍କୁ ମଧ୍ୟ ଦରମା ଏବଂ ପେନସନ୍ ବିଲ୍ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି । ପ୍ରଶାସନିକ ଅନୁମୋଦନ: ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ଅନୁମୋଦନ ସୀମା ୧୦ ଲକ୍ଷରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୨୦ ଲକ୍ଷରୁ ୩ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ପୌର ପରିଷଦ ଦ୍ୱାରା ଅନୁମୋଦିତ ହେବ ଏବଂ ୩ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ପାଇଁ ପ୍ରାଶାସନିକ ବିଭାଗର ଅନୁମୋଦନ ଆବଶ୍ୟକ ହେବ ।

ଆର୍ଥିକ କ୍ଷମତାର ଏହି ସଂଶୋଧନ ଦ୍ୱାରା ସ୍ଥାନୀୟ ପୌରସଂସ୍ଥାଗୁଡ଼ିକ ଅଧିକ ଆର୍ଥିକ ସ୍ୱାୟତ୍ତତା ପାଇବା ସହ ସରକାରୀ ପ୍ରକ୍ରିୟାଗତ ବିଳମ୍ବ ହ୍‌ରାସ ପାଇବ । ଏହା ସହିତ ଓଡ଼ିଶାର ସହରାଞ୍ଚଳଗୁଡ଼ିକରେ ନାଗରିକ ଭିତ୍ତିଭୂମି ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସମୟସୀମା ମଧ୍ୟରେ କାର୍ଯ୍ୟକାରିତା ସୁନିଶ୍ଚିତ ହୋଇପାରିବ ।


ଓସିପିଏଲ୍ ପରିବାର ତରଫରୁ ବାହୁଡ଼ାଯାତ୍ରା ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା
OCPL Odisha Coal and Power Limited
(A Government of Odisha Company)

Odisha Coal and Power Limited
Zone-A, 4th Floor, Fortune Towers, Chandrasekharpur, Bhubaneswar - 751023

10001/398/2627

"ବିଶ୍ୱ ଭ୍ରାତୃତ୍ୱ ଓ ସର୍ବ ଧର୍ମ ସମନ୍ୱୟର ପ୍ରତୀକ ପବିତ୍ର ଘୋଷ ଯାତ୍ରା ଅବସରରେ ସୁସ୍ଥ ଓଡ଼ିଶା ଓ ବିକଶିତ ଓଡ଼ିଶା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା"
ରଥଯାତ୍ରା-୨୦୨୬
ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା
- ବିଶୁଦ୍ଧ ପାଣି ପିଅନ୍ତୁ ଏବଂ ଖାଇବା ପୂର୍ବରୁ ହାତ ଭଲଭାବେ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ୍ୟ, କୃତ୍ରିମ ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ଯୁକ୍ତ ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଢ଼ା ଫଳ ଓ ପନିପରିବା ଖାଆନ୍ତୁ ନାହିଁ
- ଅଂଶୁଘାତରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି କିମ୍ବା ଓଦା କପଡ଼ା ବ୍ୟବହାର କରନ୍ତୁ ଏବଂ ଓ.ଆର୍.ଏସ୍. ପିଅନ୍ତୁ
- ସମୁଦ୍ର ସ୍ନାନ ସମୟରେ କୌଣସି ଅଘଟଣ ଏଡ଼ାଇବା ପାଇଁ ସୁରକ୍ଷାକର୍ମୀଙ୍କ ପରାମର୍ଶ ମାନନ୍ତୁ ଏବଂ ସତର୍କ ରୁହନ୍ତୁ
- ରାତ୍ରି ରହଣି କରୁଥିଲେ ମଶାରି/ ମଶାନିବାରକ ବ୍ୟବହାର କରନ୍ତୁ
- ବୟସ୍କ/ ଭିନ୍ନକ୍ଷମ ବ୍ୟକ୍ତି ଓ ପିଲାମାନଙ୍କୁ ଭିଡ଼ ଠାରୁ ଦୂରେଇ ରଖନ୍ତୁ
- ଅସୁସ୍ଥ ଅନୁଭବ କଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ତୁରନ୍ତ ପରାମର୍ଶ କରନ୍ତୁ

ସର୍ଦ୍ଦି, ଜ୍ୱର, କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଥିବା ବ୍ୟକ୍ତି ଜନଗହଳି ସ୍ଥାନକୁ ଯାଆନ୍ତୁ ନାହିଁ
ଜରୁରୀ ଫୋନ୍ ନମ୍ବର :
ପୁରୀ ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍ : ୧୦୪, ଆମ୍ବୁଲାନ୍ସ : ୧୦୮
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR: 10001/10003/2/26-27/0040

38001/38/2627

ପବିତ୍ର ବାହୁଡ଼ା ଯାତ୍ରାର ଅଭିନନ୍ଦନ ଓ ଶୁଭେଚ୍ଛା
ଆମ ସୁବାହକ ଯୋଜନା
- ମହିଳା ସଶକ୍ତିକରଣର ଏକ ନୂତନ ଅଧ୍ୟାୟ ଆତ୍ମନିର୍ଭର ମହିଳା (ଆମ) ସୁବାହକ ଯୋଜନା
- କାର କିଣିବା ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ସହାୟତାରେ ସୁଧମୁକ୍ତ ଋଣ
- ଏକ୍ସ-ଶୋରୁମ୍ ମୂଲ୍ୟର ୧୦ ପ୍ରତିଶତ ଡାଉନ୍ ପେମେଣ୍ଟ ସହାୟତା
- ପ୍ରଶିକ୍ଷିତ ମହିଳା ଗାଡ଼ି ଚାଳକଙ୍କୁ ଗାଡ଼ି ମାଲିକ କରାଇ ଆର୍ଥିକ ରୋଜଗାର ବୃଦ୍ଧି ଲକ୍ଷ୍ୟ

ଆତ୍ମନିର୍ଭର ମହିଳା ସୁବାହକ ହେବା ପାଇଁ ଯୋଗ୍ୟତା
- ବୈଧ ଡ୍ରାଇଭିଂ ଲାଇସେନ୍ସ ଥିବ, ବୟସ ୨୧ ରୁ ୪୦ ବର୍ଷ ମଧ୍ୟରେ ହୋଇଥିବ
- ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଯାନ ଚାଳନା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ (IDTR)ରୁ ସୁବାହକ ପ୍ରଶିକ୍ଷଣ ନେଇଥିବେ
- ପରିବାରର ବାର୍ଷିକ ଆୟ ୩ ଲକ୍ଷରୁ ଅଧିକ ହୋଇନଥିବ
- ଅତି କମରେ ୫ ବର୍ଷ ପର୍ଯ୍ୟନ୍ତ ବୃତ୍ତିଗତ ଡ୍ରାଇଭର ଭାବରେ ସେବା କରିବାକୁ ପ୍ରତିବଦ୍ଧ ଥିବେ
- କ୍ଲଟ୍, ଓଏସ୍ଆର୍‌ଟିସିର ମହିଳା ଯାନ ଚାଳକ, ଏସ୍ଏଚ୍‌ଜି ଏବଂ ସୁଭଦ୍ରା ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ

ଏହି ଯୋଜନାର ସବିଶେଷ ବିବରଣୀ ଓ ଆବେଦନ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ
ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର
OIPR: 38001/38003/2/26-27/0017

# ପଞ୍ଚାୟତ ନିର୍ବାଚନ ନକରିବାକୁ ସରକାର ବାହାନା କରୁଛନ୍ତି: କଂଗ୍ରେସ

## ଓବିସିଙ୍କୁ ଆଗେ ସଂରକ୍ଷଣ, ପରେ ନିର୍ବାଚନ

ଭୁବନେଶ୍ୱର,(ସବ୍ୟୁ): ଓବିସି ସଂରକ୍ଷଣକୁ ଓଡିଶା ସରକାର ସମ୍ପୂର୍ଣ୍ଣ ଅଣଦେଖା କରିବାକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ବିଧାୟକ ତଥା ପିସିସି ସଂଗଠନ ପ୍ରଭାରୀ ସନ୍ତୋଷ ସିଂ ସାଲୁଜା, ବରିଷ୍ଠ ମୁଖପାତ୍ର ସୋନାଲି ସାହୁ ଏବଂ ଡଃ ଦେବାଶିଷ ଭୂୟାଁ ସରକାର ଓବିସିଙ୍କ ପ୍ରତି କରୁଥିବା ଅନ୍ୟାୟକୁ ସମାଲୋଚନା କରିଥିଲେ । ଶ୍ରୀ ସାଲୁଜା ସମ୍ମିଳନୀରେ କହିଛନ୍ତି ଯେ, ବିଜେପି ସରକାରର ଲୋକପ୍ରିୟତାକୁ ବିଚାର କରି ସରକାର ଠିକ ସମୟରେ ପଞ୍ଚାୟତ ନିର୍ବାଚନ କରିବାକୁ ଚାହୁଁନାହାନ୍ତି । ଏଥିପାଇଁ ଜାଣିଶୁଣି ସଦ୍ୟ ପ୍ରକାଶିତ ସଂରକ୍ଷଣ ତାଲିକାରେ ଓବିସି ବର୍ଗକୁ ବାଦ ଦେଇଛନ୍ତି, ଯାହା ଫଳରେ କି ଅଦାଲତର ଆଶ୍ରୟ ନେଇ ରହିତାଦେଶ ଆଦେଶ ଆଣିବେ, ଯଦ୍ୱାରା ସରକାରଙ୍କୁ ଲୋକପ୍ରିୟତା ପରୀକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ଶ୍ରୀ ସାଲୁଜା ପ୍ରକାଶ କରିଛନ୍ତି । ମୁଖପାତ୍ର ଡଃ ଦେବାଶିଷ ଭୂୟାଁ ଏବଂ ଶ୍ରୀମତୀ ସାହୁ କହିଛନ୍ତି ଯେ, ପ୍ରକାଶିତ ପଞ୍ଚାୟତ ନିର୍ବାଚନରେ ପଛୁଆ ବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନାହିଁ । ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ନିର୍ବାଚନରେ ପଛୁଆ ବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ନାହିଁ । ତେଣୁ କଂଗ୍ରେସ ଦାବି କରୁଛି ଯେ,ତୃଣମୂଳ ସ୍ତରର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକରେ ବହୁସଂଖ୍ୟକ ଜନସଂଖ୍ୟା ଏବେ ବି ଉପଯୁକ୍ତ ପ୍ରତିନିଧିତ୍ୱରୁ ବଞ୍ଚିତ ଅଛନ୍ତି । ସାମ୍ବିଧାନିକ ବ୍ୟବସ୍ଥା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବାରେ ବିଳମ୍ବ ଯୋଗୁଁ ପଛୁଆ ବର୍ଗଙ୍କ ରାଜନୈତିକ ସଶକ୍ତୀକରଣ ବାଧାପ୍ରାପ୍ତ ହୋଇଛି । ତେଣୁ ସୁପାରିଶ ଗୁଡିକୁ ସୁପ୍ରିମକୋର୍ଟଙ୍କ 'ଟ୍ରିପଲ୍ ଟେଷ୍ଟ' (ତ୍ରିସ୍ତରୀୟ ମାପଦଣ୍ଡ) ଅନୁଯାୟୀ ତୁରନ୍ତ ଏକ ସ୍ୱତନ୍ତ୍ର




କମିଶନ ଗଠନ କରାଯାଉ । ପଛୁଆ ବର୍ଗଙ୍କ ରାଜନୈତିକ ପ୍ରତିନିଧିତ୍ୱ ଉପରେ ଏକ ବୈଜ୍ଞାନିକ ତଥା ପ୍ରାୟୋଗିକ ଅନୁଧ୍ୟାନ କରାଯାଉ । କମିଶନଙ୍କ ସୁପାରିଶ ଆଧାରରେ ପଞ୍ଚାୟତ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଉ । ଆଗାମୀ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ନିର୍ବାଚନ ପୂର୍ବରୁ ଏହାର ସମୟୋଚିତ କାର୍ଯ୍ୟକାରିତା ସୁନିଶ୍ଚିତ କରାଯାଉ ।

## ବାଇକ ଧକ୍କାରେ ଜଣେ ମୃତ , ୨ ଗୁରୁତର

ନିରାକାରପୁର ,(ସବ୍ୟୁ):ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ବଘେଇପୁଟ ଛକ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି ।ରାମେଶ୍ୱର ଗ୍ରାମର ହେମନ୍ତ କୁମାର ପଟ୍ଟନାୟକ (୭୦) ବଘେଇପୁଟ ଆଡ଼କୁ ଯାଉଥିବା ସମୟରେ ବ୍ରହ୍ମପୁର ପଟୁ ଆସୁଥିବା ଏକ ବାଇକ ତାଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ହେମନ୍ତଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା ।ଏହି ଦୁର୍ଘଟଣାରେ ବାଇକରେ ଆସୁଥିବା ବୋଲଗଡ଼ ଥାନା ଇଚ୍ଛାପୁର ଗ୍ରାମର ବାହାଦୁର ଖାନଙ୍କପୁଅ ଅମର ଖାନ (୨୫), ଓ କୈମୁଦିନ ଖାନଙ୍କ କଲିମ ଖାନ (୧୯) ଗୁରୁତର ଆହତ ହୋଇଥବଲେ ।ଆହତ ଦ୍ୱୟଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପଠାଯାଇଛି । ଅମରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ଏମସକୁ ସ୍ଥାନାନ୍ତର କରାଯାଇଥିବା ବେଳେ କଲିମଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ୨୦ ଦଫା ଦାବି ପୂରଣ ପାଇଁ

# ୧୭ ଅଗଷ୍ଟରେ ଦିନିକିଆ ଧର୍ମଘଟ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅଫିସର୍ସ ଆସୋସିଏସନ୍ ଓ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏମ୍ପ୍ଲୟିଜ୍ ଆସୋସିଏସନ୍ ର ମିଳିତ ଉଦ୍ୟମରେ ଗୁରୁବାର ବ୍ରହ୍ମପୁରସ୍ଥିତ ସତ୍ୟଭାମା ଇନ୍‌ଠାରେ ଏକ ଆନ୍ଦୋଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବ୍ୟାଙ୍କର ବିଭିନ୍ନ ଶାଖାର ଅଧିକାରୀ ଓ କର୍ମଚାରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଆଗାମୀ ଆନ୍ଦୋଳନକୁ ସଫଳ କରିବା ପାଇଁ ସର୍ବସମ୍ମତିକ୍ରମେ ସଂକଳ୍ପ ଗ୍ରହଣ କରିଥିଲେ । ସଂଘ ପକ୍ଷରୁ କୁହାଯାଇଛି ଯେ, ବ୍ୟାଙ୍କ ପରିଚାଳନା ପକ୍ଷଙ୍କ ନିକଟରେ ୨୦ ଦଫା ଦାବିପତ୍ର ଓ ଆଇନସମ୍ମତ ଧର୍ମଘଟ ନୋଟିସ୍ ପୂର୍ବରୁ ଦାଖଲ କରାଯାଇଛି । ବାରମ୍ବାର ଆଲୋଚନା, ପତ୍ରାଚାର ଓ ବୈଠକ ସତ୍ତ୍ୱେ କର୍ମଚାରୀଙ୍କ ନ୍ୟାୟସଙ୍ଗତ ଦାବିଗୁଡ଼ିକର ସମାଧାନ ନ ହେବାରୁ ଆନ୍ଦୋଳନ ପଥ ବାଛିବାକୁ ସଂଘ ବାଧ୍ୟ ହୋଇଛି । ଦାବିପତ୍ରରେ ଟ୍ରେଡ୍ ୟୁନିଅନ୍ ସ୍ୱୀକୃତି, ସ୍ୱଚ୍ଛ ବଦଳି ନୀତି, ଦ୍ୱାଦଶ ଦ୍ୱିପାକ୍ଷିକ




ଚୁକ୍ତିର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା, ବକେୟା ଭତ୍ତା ପ୍ରଦାନ, ପର୍ଯ୍ୟାପ୍ତ ନିଯୁକ୍ତି, ସ୍ୱଚ୍ଛ ପଦୋନ୍ନତି ବ୍ୟବସ୍ଥା, ଶାଖାଗୁଡ଼ିକରେ ମୌଳିକ ଭିତ୍ତିଭୂମି, ସୁରକ୍ଷା ବ୍ୟବସ୍ଥା, କ୍ୟାଶ୍ ଭ୍ୟାନ୍, ଏୟାର କଣ୍ଡିସନର୍ ଓ ଗ୍ରୁପ୍ ହେଲ୍ଥ ଇନସୁରାନ୍ସ ସହ ୨୦ଟି ଗୁରୁତ୍ୱପୂର୍ଣ୍ଣ ଦାବି ସାମିଲ ରହିଛି । ସଂଘ ଘୋଷଣା କରିଛି ଯେ ଯଦି ପରିଚାଳନା ପକ୍ଷ ଶୀଘ୍ର ସକାରାତ୍ମକ ଆଲୋଚନା ଆରମ୍ଭ କରି ସମାଧାନ ନ କରନ୍ତି, ତେବେ ପର୍ଯ୍ୟାୟକ୍ରମେ ଆନ୍ଦୋଳନ ଜାରି ରହିବ । କାର୍ଯ୍ୟକ୍ରମ ଅନୁଯାୟୀ ୨୩ ଜୁଲାଇରୁ 'ୱର୍କ ଟୁ ରୁଲ୍', ୨୭ ଜୁଲାଇରେ କଳା ବ୍ୟାଜ୍ ପରିଧାନ, ୨୮ ଜୁଲାଇରେ ଅଫିସିଆଲ୍ ହ୍ୱାଟସଆପ୍ ଗ୍ରୁପ୍ ତ୍ୟାଗ, ୧ ଅଗଷ୍ଟରେ ରାଜ୍ୟବ୍ୟାପୀ ପ୍ରେସ ବିଜ୍ଞପ୍ତି, ୩ ଅଗଷ୍ଟରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ, ୩ରୁ ୭ ଅଗଷ୍ଟ ପର୍ଯ୍ୟନ୍ତ ଆରବିଆଇ, ନାବାର୍ଡ, ଡିଏଫ୍ଏସ୍ ଓ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ନିକଟରେ ସ୍ମାରକପତ୍ର ପ୍ରଦାନ ଏବଂ ୧୭ ଅଗଷ୍ଟ ୨୦୨୬ରେ ଏକଦିନିଆ ଧର୍ମଘଟ ପାଳନ କରାଯିବ । ବୈଠକରେ ଏଓଜିବିଓର ସଭାପତି ମାନଭଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ପୀତବାସ ଜେନା, ଏଆଇଆରଆରବିଇଏ ସଭାପତି ବିଶ୍ୱଜିତ ମିଶ୍ର, ସାଧାରଣ ସମ୍ପାଦକ ହୃଷୀକେଶ ପାତ୍ର ଏବଂ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ ରଞ୍ଜନ ପଣ୍ଡା ଓ ଶଚୀକାନ୍ତ ପାତ୍ର ଉଦ୍‌ବୋଧନ ଦେଇ କହିଥିଲେ ଯେ ଏହି ଆନ୍ଦୋଳନ ବ୍ୟାଙ୍କ କିମ୍ବା ଗ୍ରାହକଙ୍କ ବିରୋଧରେ ନୁହେଁ; ବରଂ କର୍ମଚାରୀଙ୍କ ନ୍ୟାୟସଙ୍ଗତ ଅଧିକାର, ସ୍ୱଚ୍ଛ ପ୍ରଶାସନ, ଉନ୍ନତ କର୍ମ ପରିବେଶ ଓ ଉତ୍ତମ ଗ୍ରାହକ ସେବା ସୁନିଶ୍ଚିତ କରିବା ଏହାର ମୂଳ ଉଦ୍ଦେଶ୍ୟ ।

# ରସଗୋଲାକୁ ନେଇ ଦୁଇ ରାଜ୍ୟରେ ବିବାଦ

## ଅଗଷ୍ଟ ୬ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଶୁଣାଣି

ଭୁବନେଶ୍ୱର, (ସବ୍ୟୁ) : ରସଗୋଲାକୁ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ରାଜ୍ୟ ମଧ୍ୟରେ ବିବାଦ ବଢ଼ିଛି । ଦୁଇ ରାଜ୍ୟକୁ ରସଗୋଲା ପାଇଁ ଜିଆଇ ଟ୍ୟାଗ ମିଳିବା ପରେ ଏବେ ରସଗୋଲା କାହାର ବୋଲି ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛି ଏକ ସଂଗଠନ । ଆସନ୍ତା ଅଗଷ୍ଟ ୬ ତାରିଖରେ ଶେଷ ଶୁଣାଣି ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଛି । ଏ ଦିଗରେ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବା ଲାଗି ରିଜିଓନାଲ ଡେଭଲପମେଣ୍ଟ ଟ୍ରଷ୍ଟ (ଆର୍‌ଡିଟି) ପକ୍ଷରୁ ନିବେଦନ କରାଯାଇଛି ।

ଆରଡିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ସଂଯୋଜକ ପ୍ରଭାତ କୁମାର ଜେନା କହିଥିଲେ, ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ନୀଳାଦ୍ରି ବିଜେ ସମୟରେ ମା' ଲକ୍ଷ୍ମୀଙ୍କୁ ରସଗୋଲା ଦେଇ ମାନଭଞ୍ଜନ କରିଥାନ୍ତି । ଓଡ଼ିଶାର ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ସ୍ୱାଭିମାନକୁ ନେଇ ଓଡ଼ିଶାର ରସଗୋଲା ବୋଲି ଟ୍ୟାଗ୍ ମିଳିଲା । ଗୋଟିଏ ଦ୍ରବ୍ୟ ଉପରେ ଦୁଇଟି ରାଜ୍ୟକୁ ଟ୍ୟାଗ୍ ମିଳିବା କେତେଦୂର ଯଥାର୍ଥ ? ତେବେ ରସଗୋଲାର ଉତ୍ପତ୍ତି ସ୍ଥଳ ଓଡ଼ିଶା ନା ପଶ୍ଚିମବଙ୍ଗ ବୋଲି ସେ ପ୍ରଶ୍ନ ଉଠୁଛି । ଏହି ମାମଲାକୁ ନେଇ ପଶ୍ଚିମବଙ୍ଗ ସରକାର ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ସହ ଏବେ ଏହା ବିଚାରାଧୀନ ରହିଛି । ଓଡ଼ିଶା ପକ୍ଷରୁ ଆର୍‌ଡିଟି ଲଢ଼େଇ ଜାରି ରଖିଥିବାବେଳେ ଏହାର ଶେଷ ଶୁଣାଣି ଅଗଷ୍ଟ ୬ ତାରିଖକୁ ଧାର୍ଯ୍ୟ କରାଯାଇଛି । ତେବେ ରାଜ୍ୟ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ହସ୍ତକ୍ଷେପ କରି ରସଗୋଲା ଓଡ଼ିଶାର ବୋଲି ଦାବି କରିବା ସହ ସକାରାତ୍ମକ ପଦକ୍ଷେପ ଗ୍ରହଣ ନକଲେ ତାହା ଆମ ପାହାନ୍ତାରୁ ଚାଲିଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ।



ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲା ଆରଡିଟି

## ପିଏମ୍-ଆରକେଭିୱାଇର ବାର୍ଷିକ କାର୍ଯ୍ୟଯୋଜନାର ଆଲୋଚନା

### କୃଷି ଉତ୍ପାଦକତା, କୃଷକଙ୍କ ଆୟ ବୃଦ୍ଧି, ଜଳବାୟୁ ସହନଶୀଳ କୃଷିକୁ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ପ୍ରଧାନମନ୍ତ୍ରୀ-ରାଷ୍ଟ୍ରୀୟ କୃଷି ବିକାଶ (ପିଏମ୍-ଆରକେଭିୱାଇ) ଏକୀକୃତ ଛତ୍ର ଯୋଜନା (ୟୁନିଫାଏଡ୍ ଅମ୍ବ୍ରେଲା ସ୍କିମ) ଅଧିନରେ ୩୯ତମ ରାଜ୍ୟସ୍ତରୀୟ ଅନୁମୋଦନ କମିଟି (ଏସ୍‌ଏଲ୍‌ଏସସି) ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପିଏମ୍-ଆରକେଭିୱାଇ ଅଧୀନରେ ରାଜ୍ୟ-ସଂଯୁକ୍ତ ବିଭିନ୍ନ ଯୋଜନାର ବାର୍ଷିକ କାର୍ଯ୍ୟଯୋଜନା ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ପ୍ରକଳ୍ପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା ।

ବୈଠକରେ ଓଡ଼ିଶା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷର ୧,୦୩୭.୧୯ କୋଟିର ସଂଶୋଧିତ ବାର୍ଷିକ କାର୍ଯ୍ୟଯୋଜନା ଉପସ୍ଥାପନ କରାଯାଇଥିଲା । ଏହା ଅଧୀନରେ ଆତ୍ମନିର୍ଭରତା ଓ ଖାଦ୍ୟ ସୁରକ୍ଷା ପାଇଁ ନୂତନ ମିଶନ, ଜଳବାୟୁ ସହନଶୀଳତା ସମ୍ପର୍କିତ ପଦକ୍ଷେପ, ପ୍ରଯୁକ୍ତି ଓ କୃଷି ସମ୍ପ୍ରସାରଣ ଏବଂ ଜାତୀୟ ପ୍ରାଥମିକତାଭିତ୍ତିକ ଯୋଜନା ଭଳି ଚାରିଟି ବ୍ୟାପକ ବର୍ଗରେ ୧୬ଟି ରାଜ୍ୟ-ସଂଯୁକ୍ତ ଯୋଜନା କାର୍ଯ୍ୟକାରୀ କରାଯିବ । ପିଏମ୍-ଆରକେଭିୱାଇ ଅଧୀନରେ ସମସ୍ତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଓ ଫଳାଫଳଭିତ୍ତିକ କାର୍ଯ୍ୟାନ୍ୱୟନ ଉପରେ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଥିଲେ । କୃଷି ଉତ୍ପାଦକତା ଓ କୃଷକଙ୍କ ଆୟ ବୃଦ୍ଧି, ଜଳବାୟୁ ସହନଶୀଳ ଓ ପ୍ରଯୁକ୍ତିଭିତ୍ତିକ କୃଷିର ପ୍ରସାର, ଚାଲୁଥିବା ରାଜ୍ୟ ଯୋଜନାଗୁଡ଼ିକ ସହ ପ୍ରଭାବୀ ସମନ୍ୱୟ ଏବଂ ଯୋଜନାର ସୁଫଳ କୃଷକଙ୍କ ପାଖରେ ପହଞ୍ଚାଇବା ପାଇଁ ସମସ୍ତ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜଳସମ୍ପଦ ବିଭାଗ ଅଧିନରେ ଥିବା ମେଗା ଲିଫଟ ଓ ବୃହତ ସେଚାଞ୍ଚଳର ସୁବିଧା ନେଇ ମାଇକ୍ରୋ ଇରିଗେସନର ସମ୍ପ୍ରସାରଣ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଉତ୍ପାଦକତା ବୃଦ୍ଧି ପାଇଁ ତିନିବର୍ଷିଆ ରୋଡ ମ୍ୟାପ ପ୍ରସ୍ତୁତି, କୋରାପୁଟ କଫିକୁ ବ୍ରାଣ୍ଡ ଭାବେ ବିକଶିତ କରି ଚାଷ ହେଉଥିବା ଜିଲ୍ଲା ଓ ଅଂଚଳକୁ ପ୍ରୋତ୍ସାହନ, ପ୍ରାକୃତିକ ଓ ଜୈବିକ କୃଷିକୁ ଅଗ୍ରାଧିକାର ଏବଂ ଡାଲି ଓ ତୈଳବୀଜ ଚାଷକୁ ମିଶନ ମୋଡରେ ନେଇ କାର୍ଯ୍ୟ କରିବା ପାଇଁ ସେ ମଧ୍ୟ ପରାମର୍ଶ ଦେଇଥିଲେ ।

## ସରକାରୀ ମେଡିକାଲ କଲେଜ, ହସ୍ପିଟାଲରେ ନୂତନ ପଦବୀକୁ ମଞ୍ଜୁରୀ

### ସୁପର ସ୍ପେଶିଆଲିଟିରେ ୧୫୨ ପ୍ରଫେସର, ଆସୋସିଏଟ ପ୍ରଫେସର

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ନିମନ୍ତେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ୧୫୨ଟି ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ସିନିୟର ରେସିଡେଣ୍ଟ ପଦବୀ ଗୁଡିକ ବିଭିନ୍ନ ସରକାରୀ ମେଡିକାଲ କଲେଜ ପାଇଁ ଅନୁମୋଦିତ ହୋଇଛି । ଏସବୁ ପଦବୀ ସୁପର ସ୍ପେଶିଆଲିଟି ବିଭାଗ ଅନ୍ତର୍ଗତ ।

ଏହି ଅନୁମୋଦନ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ସେବା ଆଗେଇବା ସହ ଗୁଣବତ୍ତା ଚିକିତ୍ସା ଯୋଗାଇବାରେ ବିଭାଗ ଅଧିକ ସଫଳ ହେବ । ରାଜ୍ୟ ସରକାର ସର୍ବଦା ଲୋକଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରତିବଦ୍ଧ । ସରକାରଙ୍କ ଏହି ପଦକ୍ଷେପ ଗ୍ରହଣ ଫଳରେ ଆଗାମୀ ଦିନରେ ମାନବ ସମ୍ବଳ ବୃଦ୍ଧି ହେବା ସହ ସ୍ୱାସ୍ଥ୍ୟସେବା ଶିଖର ଛୁଇଁବ ବୋଲି ଆଶା ପ୍ରକାଶ କରିଛନ୍ତି ।

ସୂଚନା ଅନୁସାରେ, ଗତ ଦୁଇବର୍ଷ ମଧ୍ୟରେ ବିଭାଗରେ ୫୧୯୭ ମେଡିକାଲ ଅଫିସର ଓ ପାରାମେଡିକ୍ସ ଷ୍ଟାଫ ନିଯୁକ୍ତି ହୋଇଛନ୍ତି । ସେହିପରି ୫୯୮୯ ନର୍ସିଂ ଅଫିସର ଏବଂ ୨୪୦ ରେଡିଓଗ୍ରାଫର ନିଯୁକ୍ତି ପାଇଁ ଅନୁମୋଦନ, ୧୧୦୮ ଫାର୍ମାସିଷ୍ଟ ଅଧିକାରୀ, ୨୩୮ ଅପଥାଲମିକ ଅଧିକାରୀ, ୩୮୦ ମେଡିକାଲ ଲ୍ୟାବ ଟେକନିସିଆନ ପଦବୀ ଅନୁମୋଦନ ମିଳିଛି ।

# ଓଡ଼ିଶା କୃଷକ ଜନତା କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାରେ ଚାଷୀଙ୍କର ବହୁବିଧ ସମସ୍ୟା ଏବଂ ସରକାରୀ ପ୍ରାୟୋଜିତ ସାରର କଳାବଜାରୀକୁ ନେଇ ଓଜେସି କୃଷକ ମୋର୍ଚ୍ଚା ସଭାପତି ସଂଗ୍ରାମ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଓଡ଼ିଶାର ଜୀବନରେଖା ସାଜିଥିବା କୃଷି ଓ କୃଷକ କୂଳ ପ୍ରତି ଦେଖାଦେଇଥିବା ଏକ ସାଂଘାତିକ ସଙ୍କଟ ବିଷୟରେ ରାଜ୍ୟପାଳଙ୍କ ଜରୁରୀ ହସ୍ତକ୍ଷେପ ଭିକ୍ଷା କରିଛି ଓଜେସି । ରାଜ୍ୟରେ ପ୍ରାୟ ୭୦% ଲୋକ ଚାଷ ଉପରେ ନିର୍ଭରଶୀଳ ଏବଂ ସେମାନଙ୍କ ମଧ୍ୟରେ ଭାଗଚାଷୀଙ୍କ ସଂଖ୍ୟା ସର୍ବାଧିକ । ବର୍ତ୍ତମାନ ଠିକ୍ ରୁଆ ଓ ପୋତା ସମୟରେ ବିଜେପି ସରକାର, ସମବାୟ ସମିତି, କଳାବଜାରୀ ଓ ଅଫିସରମାନଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାଜ୍ୟର ଚାଷୀକୂଳ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛନ୍ତି । ସାରର ଅଭାବ ଏବଂ ଅହେତୁକ ମୂଲ୍ୟବୃଦ୍ଧି ଯୋଗୁଁ ବରଗଡ଼, ନୟାଗଡ଼, ନବରଙ୍ଗପୁର, କଟକ, କେନ୍ଦ୍ରାପଡ଼ା ସମେତ ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ ଚାଷୀମାନଙ୍କ ମଧ୍ୟରେ ହାହାକାର ଦେଖାଦେଇଛି । ଚାଷୀମାନେ



ରାତିଅନିଦ୍ରା ହୋଇ ଲାଇନ ଲଗାଉଥିଲେ ମଧ୍ୟ ସାର ପାଉନାହାନ୍ତି । ୟୁରିଆ ସାର ୫୦ କେଜି ବସ୍ତା ପିଛା ସରକାରୀ ଦର ୨୬୬ ଥିବାବେଳେ, ଚାଷୀ ଏହାକୁ ବଜାରରେ ୫୦୦ ରୁ ୬୦୦ ରେ କିଣିବାକୁ ବାଧ୍ୟ ହେଉଛି । ସରକାର ସାର ବସ୍ତା ପାଇଁ ୫୦ କେଜିର ଟଙ୍କା ନେଉଥିବା ବେଳେ କଳାବଜାରରେ ମିଳୁଥିବା ବସ୍ତାଗୁଡ଼ିକର ଓଜନ ମାତ୍ର ୪୫ କେଜି ରହୁଛି । ସାର ଜମାଖୋର ଓ କଳାବଜାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କୁ ତୁରନ୍ତ ଗିରଫ ଓ ଜେଲ୍ ପଠାଯାଉ । ଗ୍ରୋମର ସାର ଦରରେ ବସ୍ତା ପିଛା ଯେଉଁ ୧,୦୦୦ ବୃଦ୍ଧି କରାଯାଇଛି, ତାହା ସରକାର ନିଜ ଆଡ଼ୁ ସବସିଡି ଆକାରରେ ବହନ କରି ଚାଷୀଙ୍କୁ ପ୍ରଦାନ କରନ୍ତୁ । ମହଙ୍ଗା ଏନପିକେ ଭଳି ନୂଆ ସାରର ବାଧ୍ୟତାମୂଳକ ଏକ୍ସପେରିମେଣ୍ଟ ତୁରନ୍ତ ବନ୍ଦ କରାଯାଇ ଚାଷୀଙ୍କ ଆର୍ଥିକ ବୋଝ ହ୍ରାସ କରାଯାଉ । ବୀମା ଆକଳନ ପାଇଁ ବ୍ୟକ୍ତିଗତ ଜମିକୁ ୟୁନିଟ୍ ଧରାଯାଉ ଏବଂ ଓଡ଼ିଶାର ସର୍ବାଧିକ ସଂଖ୍ୟକ ଭାଗଚାଷୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ । ଓଡ଼ିଶାର ଅନ୍ନଦାତାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ରାଜ୍ୟପାଳ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରି ରାଜ୍ୟ ସରକାରଙ୍କୁ ଦୃଢ଼ ନିର୍ଦ୍ଦେଶ ଦେବାକୁ ଓଜେସି କୃଷକ ସେଲ୍ ପ୍ରତିନିଧିମଣ୍ଡଳୀ ସ୍ମାରକପତ୍ର ମାଧ୍ୟମରେ ବିନମ୍ର ଅନୁରୋଧ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଓଜେସିର ଉପସଭାପତି ପ୍ରଦୀପ ପ୍ରଧାନ, ଓଜେସି ସେବା ସଂଗଠନର ଅଧ୍ୟକ୍ଷ, ମନୋଜ ଜେନା, ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ, ପ୍ରତିଷ୍ଠାତା ସଦସ୍ୟ ତଥା କୃଷକ ନେତା ଦୁର୍ଗାଚରଣ ବାରିକ ଉପସ୍ଥିତ ଥିଲେ ।

## ମାଙ୍କଡା ପଥର ଖଣିରେ ଚଢ଼ାଉ ତିନି ଗାଡ଼ି ଜବତ

ଜଟଣୀ, (ସବ୍ୟୁ) : ଜଟଣୀ ପୁଲିସର ବ୍ୟସ୍ତତାର ସୁଯୋଗ ନେଇ ଖଣି ଦଲାଲ ଓ ମାଫିଆ ମାନେ ପୁଣି ସକ୍ରିୟ ହୋଇ ଉଠିଥିବା ବେଳେ ବୁଧବାର ବିଳମ୍ବିତ ରାତ୍ରିରେ ଜଟଣୀ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଏକ ପୁଲିସ ଟିମ ଓ ଭୁବନେଶ୍ୱର ଖଣି ବିଭାଗର ଅଧିକାରୀ ମାନେ କୁଦିଆରି ମହତାବ ନଗର ଏରିଆରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଜମିରେ ବର୍ଷବର୍ଷ ଧରି ଚାଲୁଥିବା ବେଆଇନ ମାଙ୍କଡା ପଥର ଖଣିରେ ଅଚାନକ ଚଢ଼ାଉ କରିଥିଲେ । ତେବେ ପୁଲିସକୁ ଦେଖି ମାଫିଆ ଓ ଶ୍ରମିକ ମାନେ ଅନ୍ଧକାରର ସୁଯୋଗରେ ଚମ୍ପଟ ମାରିଥିବାବେଳେ ଉକ୍ତ ବେଆଇନ ଖନନରେ ବ୍ୟବହୃତ ଓଡ଼ି ୧୧ ଏକ୍ସୟୁ



୭୩୬୮ ଏବଂ ଓଡ଼ି ୦୨ ଡ଼ିଏଲ ୪୯୯୯ ନମ୍ବର ବିଶିଷ୍ଟ ଦୁଇଟି ହାଇୱା ଟ୍ରକ ଓ ଓଡ଼ି ୦୨ ବି ୱାଇ ୮୯୯୯ ନମ୍ବର ବିଶିଷ୍ଟ ଜେସିବି ମେସିନକୁ ଜବତ କରାଯାଇ ଥାନାକୁ ଅଣାଯାଇଥିଲା । ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳର କିଛି ରାଜନେତା ଜବତ ଗାଡିଗୁଡିକୁ ପୁଲିସ କବଜାରୁ ମୁକୁଳାଇ ନେଇଯିବା ପାଇଁ ଚେଷ୍ଟା ଚଳାଉଥିବା ଶୁଣିବାକୁ ମିଳୁଛି । ଏହି ଅଞ୍ଚଳରେ ଏହି ବେଆଇନ ଖଣି ଚଳାଇବା ପାଇଁ ନିକଟରେ ଥିବା ବେଆଇନ ବସ୍ତିରେ ବାହାର ଜିଲ୍ଲାର ଶ୍ରମିକ ମାନେ ଆସି ରହିବା ସହିତ ନିଶାକାରବାର ଚଳାଇବାକୁ ନେଇ ଅଞ୍ଚଳବାସୀଙ୍କ ଦୈନନ୍ଦିନ ଜୀବନ ଅଶ୍ୱସ୍ତିକର ହୋଇପଡିଛି । ଅପରପକ୍ଷେ ପୁଲିସର ଏଭଳି ପଦକ୍ଷେପକୁ ନେଇ ଖଣି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ବେଦାନ୍ତ ଆଲୁମିନିୟମର କୋଇଲା ଖଣି ସୁନ୍ଦରଗଡ ଜିଲ୍ଲାରେ

# ନିକ୍ଷୟ ମିତ୍ର ପଦକ୍ଷେପ ଜରିଆରେ ଯକ୍ଷ୍ମା ରୋଗୀଙ୍କୁ ସହାୟତା କରୁଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ କୋଇଲା ଖଣି, ସୁନ୍ଦରଗଡ ଜିଲ୍ଲାର ବାଲିଶଙ୍କରା ବ୍ଲକର ୧୮୦ ରୁ ଅଧିକ ଯକ୍ଷ୍ମା (ଟିବି) ରୋଗୀଙ୍କ ପାଇଁ ପୁଷ୍ଟିକର ସହାୟତା, ପରାମର୍ଶ ଏବଂ ପରବର୍ତ୍ତୀ ସେବା ପ୍ରଦାନ କରିଛି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଚିକିତ୍ସାକୁ ସୁଦୃଢ଼ କରିବା, ଆରୋଗ୍ୟ ଫଳାଫଳକୁ ଉନ୍ନତ କରିବା ଏବଂ ରୋଗୀଙ୍କ ଚିକିତ୍ସା ଯାତ୍ରାରେ ସୁସ୍ଥତାକୁ ସମର୍ଥନ କରିବା । ଏହି ପଦକ୍ଷେପର ଅଂଶବିଶେଷ ସ୍ୱରୂପ, ନିୟମିତ ପରାମର୍ଶ ଏବଂ ସଚେତନତା ଅଧିବେଶନ ସହିତ ୭୧୭ରୁ ଅଧିକ ପୁଷ୍ଟିସାଧନ କିଟ୍ ବଣ୍ଟନ କରାଯାଇଛି, ଯାହା ତୃଣମୂଳ ସ୍ତରରେ ଗୋଷ୍ଠୀ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରୁଛି । ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ କାର୍ଯ୍ୟକାରୀ ହେଉଥିବା ନିକ୍ଷୟ ମିତ୍ର ପଦକ୍ଷେପ ଯକ୍ଷ୍ମା ମୁକ୍ତ ଭାରତର ଦୃଷ୍ଟିକୋଣକୁ ସମର୍ଥନ କରିବା ପାଇଁ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି ପଦକ୍ଷେପ ଗୋଷ୍ଠୀ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଏବଂ ଏହାର ପରିଚାଳନା କ୍ଷେତ୍ରରେ ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ କମ୍ପାନୀର ବ୍ୟାପକ ପ୍ରୟାସର ଏକ ଅଂଶ, ଯାହା ୨୦୨୬ ଆର୍ଥିକ ବର୍ଷ ମଧ୍ୟରେ ୧୫୪ ରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚିଥିଲା । ଜାତୀୟ ଯକ୍ଷ୍ମା ଦୂରୀକରଣ ଅଭିଯାନରେ ଏହାର ଅବଦାନକୁ ସ୍ୱୀକୃତି ସ୍ୱରୂପ, ବେଦାନ୍ତ ଆଲୁମିନିୟମ କୋଇଲା ଖଣିକୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଏକ ସାର୍ଟିଫିକେଟ୍ ଅଫ୍ କମ୍ପ୍ଲିଶନ୍




ପ୍ରଦାନ କରାଯାଇଛି । ଏହି ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି: "ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ସୁସ୍ଥ ସମ୍ପ୍ରଦାୟ ଗଠନ ଏକ ଅଧିକ ସ୍ଥାୟୀ ଏବଂ ସମାବେଶୀ ଭବିଷ୍ୟତ ସୃଷ୍ଟି କରିଥାଏ । ଆମର ନିକ୍ଷୟ ମିତ୍ର ପଦକ୍ଷେପ ଜରିଆରେ ଆମେ ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଯତ୍ନ, ପରାମର୍ଶ ଏବଂ ପ୍ରୋତ୍ସାହନ ସହିତ ସମର୍ଥନ କରୁଛୁ ଯାହା ସେମାନଙ୍କୁ ସଫଳତାର ସହ ସେମାନଙ୍କର ଚିକିତ୍ସା ଯାତ୍ରା ସମାପ୍ତ କରିବାରେ ସାହାଯ୍ୟ କରୁଛି । ଏହି ପଦକ୍ଷେପ ଭାରତ ସରକାର ଏବଂ ସ୍ଥାନୀୟ ଲୋକଙ୍କ ସହିତ ମିଶି ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଏବଂ ଯକ୍ଷ୍ମା ମୁକ୍ତ ଭାରତର ସ୍ୱପ୍ନରେ ଯୋଗଦାନ କରିବା ଲାଗି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ତାଙ୍କର ଅନୁଭୂତି ବାଣ୍ଟି ବାଲିଶଙ୍କରା ବ୍ଲକର ବାସିନ୍ଦା ଲୁସିଆ ଟେଟେ କହିଛନ୍ତି: "ଯକ୍ଷ୍ମାରୁ ସୁସ୍ଥ ହେବାର ଯାତ୍ରା ସହଜ ନଥିଲା, କିନ୍ତୁ ମୋତେ ମିଳିଥିବା ପୁଷ୍ଟିକର ସହାୟତା ଏବଂ ପରାମର୍ଶ ମୋତେ ମୋର ଚିକିତ୍ସା ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିଥିଲା । ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ଟିମ୍ ତରଫରୁ ମିଳିଥିବା ପ୍ରୋତ୍ସାହନ ଏବଂ ସମର୍ଥନ ମୋତେ ଆତ୍ମବିଶ୍ୱାସ ଦେଇଥିଲା ଏବଂ ମନେ ପକାଇ ଦେଇଥିଲା ଯେ ମୁଁ ଏହି ଯାତ୍ରାରେ ଏକୁଟିଆ ନୁହେଁ । ସୁସ୍ଥ ହେବା ସମୟରେ ମୋତେ ମିଳିଥିବା ସମର୍ଥନ ଏବଂ ଯତ୍ନ ପାଇଁ ମୁଁ ବେଦାନ୍ତ ନିକଟରେ କୃତଜ୍ଞ " । ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କୋଇଲା ଖଣି କାର୍ଯ୍ୟକଳାପକୁ ବ୍ୟାପକ ଗୋଷ୍ଠୀ ବିକାଶ ପଦକ୍ଷେପ ଦ୍ୱାରା ଉପକୃତ କରିଛି, ଯାହା ୨୬ ଟି ଗାଁର ୨ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି ।

## ୧୬ ଗ୍ରାମ ଓଜନର ବ୍ରାଉନସୁଗର ସହ ଦୁଇ ବେପାରୀ ଗିରଫ

ଜଟଣୀ, (ସବ୍ୟୁ) : ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଜଟଣୀ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ସ୍ପେଶାଲ ଟିମ୍ ମୁଣ୍ଡିଆ ସାହିରେ ଥିବା ମଶାଣି ପଡିଆ ନିକଟରେ ଅତର୍କିତ ଚଢଉ କରିବା ସହ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଅନନ୍ତ ଦାସ ଓରଫ ମାଧବ (୨୫) ଏବଂ ଏସକେ. ସାହାବୁଦ୍ଦିନ ଓରଫ ବାବୁ (୪୦) ନାମକ ଦୁଇଜଣ ପୁରୁଣା



ନିଶା କାରବାରରେ ଅଭ୍ୟସ୍ତ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ପୁଲିସ ଟିମ ଅଭିଯୁକ୍ତ ଅନନ୍ତ ଦାସଙ୍କ ହେପାଜତରୁ ୬ ଗ୍ରାମ ଏବଂ ଅଭିଯୁକ୍ତ ଏସକେ. ସାହାବୁଦ୍ଦିନଙ୍କ ହେପାଜତରୁ ୧୦ ଗ୍ରାମ, ମୋଟ ୧୬ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଥିଲେ । ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ଏହି ବ୍ରାଉନସୁଗର ବ୍ୟବସାୟ ନିୟମିତ ଭାବେ କରିଆସୁଥିବା ବେଳେ, ଖୋର୍ଦ୍ଧାର ଠେଙ୍ଗାହାଟ ଅଞ୍ଚଳରୁ ସଂଗ୍ରହ କରି ଆଣି ଜଟଣୀ ଏବଂ ପିପିଲି ଅଞ୍ଚଳରେ ବିକ୍ରୟ କରୁଥିବା ପ୍ରକାଶ କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଜଟଣୀ ଥାନା ପୁଲିସ ୪୦୫/୨୬ ରେ ଏକ ବେଆଇନ ବ୍ରାଉନସୁଗର ବିକ୍ରି ଜନିତ ମାମଲା ରୁଜୁ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

# ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ

ବ୍ରହ୍ମପୁର, (ସବ୍ୟୁ): ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାରଦିନ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମଞ୍ଚ ଆବାହକ ତଥା ଆଇନଜୀବୀ ଅବନୀ ଗୟାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କମିଶନରଙ୍କ ଅନୁପସ୍ଥିତିରେ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କୁ ଭେଟି ବ୍ରହ୍ମପୁର ସହରରେ ଦୀର୍ଘଦିନ ଧରି ଲାଗି ରହିଥିବା ମୌଳିକ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି ।



ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ରାଶି ତୁରନ୍ତ ବୃଦ୍ଧି କରିବା, ଗତ ୨ ବର୍ଷ ଧରି ସ୍ଥଗିତ ଥିବା ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବା, ଦୀର୍ଘ ମାସ ଧରି ଅପେକ୍ଷା କରିଥିବା ଆବେଦନକାରୀଙ୍କୁ ତୁରନ୍ତ ରାସନ କାର୍ଡ ଦିଆଯିବା, କୋଭିଡ ସମୟରେ ବିନା ମ୍ୟୁନିସପାଲ କାଉନସିଲରେ ବୃଦ୍ଧି କରାଯାଇଥିବା ଘର ଟିକସକୁ ପ୍ରତ୍ୟାହାର କରିବା, ସହରରେ ମୃତ ପଶୁଙ୍କ ଶରୀର ଦହନ ନିମନ୍ତେ ବୈଦ୍ୟୁତିକ ଦହନ ଯନ୍ତ୍ର ସ୍ଥାପନ କରିବା, ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ସହ ପୂର୍ବତନ ରାଷ୍ଟ୍ରପତି ଡ. ବରାହାଗିରି ଭେଙ୍କଟ ଗିରିଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଗିରିରୋଡ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପନ କରିବା, ପୂର୍ବତନ ମୁଖ୍ୟମନ୍ତ୍ରୀସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରିବା ଆଦି ୯ ଗୋଟି ପ୍ରମୁଖ ଦାବୀ ଉପସ୍ଥାପନ କରାଯାଇଛି । ସୂଚନା ଯୋଗ୍ୟ ଯେ, ଡ. ବି.ଭି. ଗିରି ଭାରତର ଚତୁର୍ଥତମ ରାଷ୍ଟ୍ରପତି ଥିଲେ । ବ୍ରହ୍ମପୁରର ସନ୍ତାନ ତଥା ବ୍ରହ୍ମପୁର ଗର୍ବ ବୋଲି ସେ ଜନ ମାନସରେ ପରିଚିତ ।ସେ ସର୍ବ ଭାରତୀୟ ଟ୍ରେଡ୍ୟୁନିଅନ କଂଗ୍ରେସର ସଭାପତି ଥିଲେ ।

ମାଡ୍ରାସ ପ୍ରେସିଡେନ୍ସିରେ ଶ୍ରମ, ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଥିଲେ । ସେ ଉତ୍ତର ପ୍ରଦେଶ, କେରଳ ଓ ମହୀଶୂରର ରାଜ୍ୟପାଳ ଭାବେ କାମ କରିଥିଲେ । ୧୯୬୯ ରେ ସେ ଭାରତର ମହାମହିମ ରାଷ୍ଟ୍ରପତି ହୋଇଥିଲେ । ମଞ୍ଚର ପ୍ରତିନିଧି ଦଳରେ ସମ୍ପାଦକ ଆର୍. ସତ୍ୟ ନାରାୟଣ ରାଓ,ଉପଦେଷ୍ଟା ସହଲେଃ କେଶବ ଲିଙ୍ଗମ,ସମାଜସେବୀ ମନୋଜ କୁମାର ତରାଇ, ଆପ ନେତା ଆଦିତ୍ୟ ନାରାୟଣ ରଥ, କିଶୋର ଚନ୍ଦ୍ର ପାତ୍ର, ଗୁଣନିଧି ବେହେରା,ମହେଶ୍ୱର ବାଡତ୍ୟା, ପୂଜ୍ୟ ପୂଜା ସମିତି ସମ୍ପାଦକ ଏସ. ସାମ୍ବଶିବା ରାଓ, ଜୟକୃଷ୍ଣ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ କଳ୍କୀ ବେଶ
ଫଟୋ : ସୌମ୍ୟରଞ୍ଜନ ପଟ୍ଟନାୟକ

## ଦାଦାବଟି ମାଗି ଖଣ୍ଡାରେ ଆକ୍ରମଣ : ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ) :ଦାଦାବଟି ମାଗିବା, ଖଣ୍ଡାରେ ଆକ୍ରମଣ କରିବା, ସୁନା ଚେନ ଛଡ଼ାଇ ନେବା ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ଜଣେ ଫେରାର ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ହେଲେ ଶ୍ରୀରାମନଗର ୩ୟ ଲେନ୍‌ର ଶିଶିର କୁମାର ବେହେରା (୩୦) । ମାମଲା ନଂ ୨୮୦/୨୬ରେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଗତ ଏପ୍ରିଲ ୩୦ ତାରିଖ ରାତି ପ୍ରାୟ ୮ଟା ୩୦ରେ ଅଭିଯୋଗକାରୀ ଆର୍ଯ୍ୟନ ଓରଫ ଅମୃତ ନାୟକ ତାଙ୍କର ଦୁଇ ବନ୍ଧୁ ମୋହିତ ମୁଖୀ ଓ ଭାଗୀରଥୀ ବିଷୋୟୀଙ୍କ ସହ ବ୍ୟକ୍ତିଗତ କାମରେ ଯାଉଥିଲେ ।

ଏହି ସମୟରେ ଅଶୋକ ବେହେରା, ଶଙ୍କର ପରିଡ଼ା, ଶିଶିର ବେହେରା ଓ ପ୍ରବୀଣ ଚୌଧୁରୀ ସେମାନଙ୍କ ନିକଟକୁ ଆସି ଟଙ୍କା ମାଗିଥିଲେ । ଆର୍ଯ୍ୟନ ଟଙ୍କା ଦେବାକୁ ମନା କରିବାରୁ ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ । ପରେ ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା । ପୋଲିସ ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ କାବୁ କରିଥିଲା । ଘଟଣାରେ ସମ୍ପୃକ୍ତ ରହି ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛି ।

## କନ୍ଧମାଳ ଅପରେସନ ଅନ୍ୱେଷଣ-୩ରେ ପୋଲିସର ବଡ଼ ସଫଳତା
# ୧୨୯ ନିଖୋଜ ମହିଳାଙ୍କ ସମେତ ୯ ଝିଅ ଉଦ୍ଧାର

ଫୁଲବାଣୀ, (ସବ୍ୟୁ): ପୋଲିସ ଡିଜି, ଓଡିଶାଙ୍କ ନିର୍ଦ୍ଦେଶରେ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ ଅପରେସନ ଅନ୍ୱେଷଣ-୩ର ଏକ ଅଂଶ ଭାବରେ, କନ୍ଧମାଳ ଜିଲ୍ଲା ପୋଲିସ ଗତ ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଏକ ସଘନ ସନ୍ଧାନ ଏବଂ ଉଦ୍ଧାର ଅଭିଯାନ ପରିଚାଳନା କରିଥିଲା । ଏହି ସ୍ୱତନ୍ତ୍ର ପଦକ୍ଷେପର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ନିଖୋଜ ମହିଳା ଏବଂ ଶିଶୁମାନଙ୍କୁ ଖୋଜିବା, ମାନବ ଚାଲାଣ ରୋକିବା ଏବଂ ସେମାନଙ୍କ ପରିବାରକୁ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା । କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦଙ୍କ ପ୍ରତ୍ୟକ୍ଷ ତ%ାବଧାନରେ ଜିଲ୍ଲାର ସମସ୍ତ ପୋଲିସ ଷ୍ଟେସନରେ ସ୍ୱତନ୍ତ୍ର ସମର୍ପିତ ଦଳ ଗଠନ କରାଯାଇଥିଲା । ବୁଦ୍ଧିମତ୍ତା, କ୍ଷେତ୍ର ତଦନ୍ତ ଏବଂ ସମନ୍ୱିତ ଆନ୍ତଃରାଜ୍ୟ/ଆନ୍ତଃରାଜ୍ୟ ଟ୍ରାକିଂ ବ୍ୟବହାର କରି, କନ୍ଧମାଳର ୧୩୮ ନିଖୋଜ ବ୍ୟକ୍ତିଙ୍କୁ ସଫଳତାର ସହ ଖୋଜି ପାଇଥିଲା । ଚିହ୍ନଟ ହୋଇଥିବା ୧୩୯ ଜଣ ନିଖୋଜ ମହିଳା ଓ ୯ ଜଣ ନିଖୋଜ ଝିଅଙ୍କୁ ଉଦ୍ଧାର କରାଯାଇଛି । ଏ ନେଇ ଫୁଲବାଣୀ ପୋଲିସ ମୁଖ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି । ପୁନର୍ବାସନ ସମନ୍ୱିତ ମାନବ ଚାଲାଣ ବିରୋଧୀୟୁନିଟ ଏବଂ ମହିଳା ଏବଂ ଶିଶୁ ବିରୁଦ୍ଧରେ ଅପରାଧ ଶାଖା ଅଧିକାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ, ମହିଳା ଅଧିକାରୀ ଏବଂ ସ୍ଥାନୀୟ ପୋଲିସ କର୍ମଚାରୀଙ୍କ ସହିତ, ସନ୍ଦେହଜନକ ଗନ୍ତବ୍ୟସ୍ଥଳ ଅଞ୍ଚଳ, ପରିବହନ ସ୍ଥାନ ଏବଂ ଆଶ୍ରୟସ୍ଥଳରେ ନିୟୋଜିତ କରାଯାଇଥିଲା । ଏହା ୯ ଟି ଏଫଆଇଆର (ଅପହରଣ ମାମଲା) ଏବଂ ୧୨୯ ଟି ପୁରୁଷ ନିଖୋଜ ମାମଲା ସହିତ ଜଡିତ ।

ନିଖୋଜ ଶିଶୁ ଏବଂ ମହିଳାଙ୍କୁ ଖୋଜାଖୋଜି କରିବା ପାଇଁ ଭୁବନେଶ୍ୱର, କଳାହାଣ୍ଡି, ନୟାଗଡା ଏବଂ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାକୁ ଦଳ ପଠାଯାଇଥିଲା । ଟାଉନ ପୋଲିସ ୨୩ ଜଣ ମହିଳା ଏବଂ ଜଣେ ଝିଅଙ୍କୁ ଉଦ୍ଧାର କରିଛି, ସେହିପରି ଅନ୍ୟାନ୍ୟ ପୋଲିସ ଥାନା ମଧ୍ୟ ଯୋଗଦାନ ଦେଇଛନ୍ତି, ମୋଟ ୧୨୯ ଜଣ ମହିଳା ଏବଂ ୯ ଜଣ ଉଦ୍ଧାର ଝିଅଙ୍କୁ ଉଦ୍ଧାର କରାଯାଇଛି । ମାନକ କାର୍ଯ୍ୟ ପ୍ରଣାଳୀ ଏବଂ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ପାଳନ କରି, ସମସ୍ତ ଉଦ୍ଧାର ପିଲାମାନଙ୍କୁ ଶିଶୁ କଲ୍ୟାଣ କମିଟି ସମ୍ମୁଖରେ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଉପସ୍ଥାପନ କରାଯାଇଥିଲା । ଉଦ୍ଧାର ହୋଇଥିବା ମହିଳା ଏବଂ ପିଲାମାନଙ୍କୁ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରାଯାଇଛି ଏବଂ ସେମାନଙ୍କୁ ସୁରକ୍ଷିତ ଭାବରେ ସେମାନଙ୍କ ପରିବାର ସହିତ ପୁନଃମିଳନ କରାଯାଇଛି କିମ୍ବା ସ୍ୱୀକୃତିପ୍ରାପ୍ତ ଆଶ୍ରୟସ୍ଥଳରେ ସୁରକ୍ଷିତ ଭାବରେ ସ୍ଥାନ ଦିଆଯାଇଛି ।

## ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ପୋଲିସର ଆକ୍ରମଣ: ପ୍ରତିବାଦରେ ବିକ୍ଷୋଭ

ବ୍ରହ୍ମପୁର, (ସବ୍ୟୁ): ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ଅମାନବୀୟ,ନୃଶଂସ ଆକ୍ରମଣର ପ୍ରତିବାଦରେ ତଥା ଏନ ଟି ଏ କୁ ରଦ୍ଦ କରିବା ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆଜି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସଓ ଓ ଡ଼ିୱାଇଓର ନେତୃତ୍ୱରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି ।

ଗତ ଏକ ମାସରୁ ଅଧିକ ସମୟ ଧରି ଏନଟିଏ ଦ୍ୱାରା ଘଟିଥିବା ପ୍ରଶ୍ନପତ୍ର ଲିକ ଏବଂ ଦୁର୍ନୀତି ବିରୋଧରେ ଦେଶର ଛାତ୍ରଛାତ୍ରୀ, ଯୁବକ-ଯୁବତୀ, ଅଭିଭାବକ ଓ ସାଧାରଣ ଜନତା, ଏହି ଘଟଣା ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀଙ୍କୁ କଠୋର ଦଣ୍ଡ ଦେବା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦତ୍ୟାଗ କରିବା ଏବଂ ଏନଟିଏକୁ ଅବିଳମ୍ବେ ବିଲୋପ କରିବା ଦାବିରେ ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ଅବିରତ ଆନ୍ଦୋଳନ କରିଆସୁଛନ୍ତି । ଆନ୍ଦୋଳନର ଧାରାବାହିକରେ ଏହି ସମସ୍ତ ଦାବି ନେଇ ଗତ ଜୁଲାଇ ୨୦ ତାରିଖରେ ଦିଲ୍ଲୀ, ଜନ୍ତରମନ୍ତରରୁ ସଂସଦ ଯାତ୍ରା ସମୟରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସ ଅମାନବୀୟ ଓ ନୃଶଂସ ଭାବେ ଆକ୍ରମଣ କରିଛି ।

ଆଜିର ଏହି କାର୍ଯ୍ୟକ୍ରମରେ ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା, ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ଜିଲ୍ଲା କୋଷାଧ୍ୟକ୍ଷ କିସାନ କୁମାର ସାହୁ,ସଭ୍ୟ କାମରାଜ ସାହୁ, ବାମିଆ କୁମାର, ଜଗନ୍ନାଥ ବେହେରା ଏଆଇଡ଼ିୱାଇଓର ଜିଲ୍ଲା ନେତୃତ୍ୱ ବିଭୂତି ଭୂଷଣ ସାହୁ, ଅନିଲ ସାହୁ, ସମର ବେହେରା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଲୁହା ରଡ଼ରେ ଆକ୍ରମଣ : ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଦୁଇଜଣଙ୍କୁ ଆକ୍ରମଣ ଅଭିଯୋଗରେ ଗୋଶାଣିନୂଆଗାଁ ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ନୂଆଗାଁ ଥାନା ଅନ୍ତର୍ଗତ ଖମ୍ବାରି ଗାଁ 'ର ରଜତ କୁମାର ମହାପାତ୍ର (୫୨) । ପୋଲିସ ଥାନା କେସ ନମ୍ବର ୨୬୪/୨୬ ରେ ଗୁରୁବାର ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

ଘଟଣାରୁ ପ୍ରକାଶ ଯେ, ଗତ ୫ ରାତି ପ୍ରାୟ ସାଢେ ୧୦ଟା 'ରେ ଖମାରିଗାଁର ଜଣେ ମହିଳାଙ୍କ ଗାଡ଼ି ଡ୍ରାଇଭର ରାମକୃଷ୍ଣ ମିଶ୍ର ଓ ତାଙ୍କ ୧୭ ବର୍ଷୀୟ ପୁଅ ସୁମିତ କୁମାର ପଣ୍ଡା ଗାଡ଼ି ଅନଲୋଡ କରିବା ପାଇଁ ବ୍ରହ୍ମପୁର ହରିହର ନଗର ସ୍ଥିତ ହାଉସିଂ ବୋର୍ଡ କଲୋନୀକୁ ଆସିଥିଲେ । ଖମାରିଗାଁର ୪ ଜଣ ଯୁବକ ସେଠାରେ ପହଞ୍ଚିଥିଲେ । ସେମାନଙ୍କ ମଧ୍ୟରୁ ୩ ଜଣ ଗାଡ଼ିରୁ ଓହ୍ଲାଇ ଡ୍ରାଇଭର ରାମକୃଷ୍ଣ ମିଶ୍ରଙ୍କୁ ଲୁହା ରଡ୍ରେ ମାରଣାନ୍ତକ ଆକ୍ରମଣ କରିଥିଲେ । ତାଙ୍କ ପୁଅ ସୁମିତ ଏହାର ପ୍ରତିବାଦ କରିବାରୁ ରଜତ ମହାପାତ୍ର ଓ ଅନ୍ୟ ଜଣେ ଯୁବକ ତାଙ୍କୁ ମଧ୍ୟ ଲୁହା ରଡ୍ରେ ଆକ୍ରମଣ କରିଥିଲେ ।ଏହି ଆକ୍ରମଣରେ ସୁମିତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଡ୍ରାଇଭର ରାମକୃଷ୍ଣଙ୍କ ଗୋଡ଼, ହାତ, ଛାତି ଓ ମୁଣ୍ଡରେ ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଏମେପିସିଜି ମେଡିକାଲକୁ ପଠାଇଥିଲେ ।

ପରେ ଅଞ୍ଜଳି ଦେବୀ ପାଣି ଗତ ୬ 'ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଘଟଣାର ତଦନ୍ତ କରୁଥିବା କହିଛି । ପୂର୍ବଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ପୋଲିସ କହିଛି । ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି ।

## ଦିଲ୍ଲୀରେ ଲାଠିଚାଳନାକୁ ଏଆଇଡିଏସଓର ଦୃଢ଼ ନିନ୍ଦା

ବାରିପଦା, (ସବ୍ୟୁ): : ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ (ଏଆଇଡିଏସଓ) ପକ୍ଷରୁ ବାରିପଦା ସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏଆଇଡିଏସଓ କେନ୍ଦ୍ରୀୟ ପରିଷଦ ଦିଲ୍ଲୀ ଠାରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଉପରେ ହୋଇଥିବା ବର୍ବର ଲାଠିଚାଳନାକୁ ଦୃଢ଼ ନିନ୍ଦା କରିବା ସହ "ନିଟ୍" ପ୍ରଶ୍ନପତ୍ର ଲିକ୍ ତଥା ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଚାଲିଥିବା ଦେଶବ୍ୟାପୀ ଆନ୍ଦୋଳନକୁ ଦମନ କରିବା ପାଇଁ ସରକାରଙ୍କ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ପ୍ରୟାସକୁ ତୀବ୍ର ବିରୋଧ କରିଛି । ସାଧାରଣ ଛାତ୍ର ଓ ଆନ୍ଦୋଳନକାରୀଙ୍କ ଉପରେ ବର୍ବର ଲାଠିମାଡ଼ ସରକାରଙ୍କ କଦର୍ଯ୍ୟ ରୂପକୁ ଦର୍ଶାଇଛି, ଯାହା ପ୍ରମାଣିତ କରୁଛି ଯେ ଛାତ୍ରଛାତ୍ରୀଙ୍କ ଜୀବନ ଏବଂ ଶିକ୍ଷା କ୍ଷେତ୍ରରେ ହେଉଥି ବା ଦୁର୍ନୀତି ସରକାରଙ୍କ ପାଇଁ କୌଣସି ମୂଲ୍ୟ ରଖେ ନାହିଁ । ଜାତୀୟ ସ୍ତରର ପରୀକ୍ଷା ଗୁଡ଼ିକର ସ୍ୱଚ୍ଛତା ସୁନିଶ୍ଚିତ କରିବାରେ ନିଜର ଚରମ ବିଫଳତା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ଇସ୍ତଫା, ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) କୁ ସମ୍ପୂର୍ଣ୍ଣ ରୂପେ ବାତିଲ କରିବା ଏବଂ ସମସ୍ତ ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ଏକ ଉଚ୍ଚସ୍ତରୀୟ ତଥା ଅଦାଲତଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯିବାକୁ ଏଆଇଡିଏସଓ ଦାବି କରିଛି । ଏହି କାର୍ଯ୍ୟକ୍ରମରେ ସଂଗଠନର ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର୍ ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନରାଙ୍କ ସମେତ ହରି ଆୟାଲ୍, ପୂର୍ଣ୍ଣଚନ୍ଦ୍ର ବାଙ୍କିରା ପ୍ରମୁଖ ଉପସ୍ଥିତ ଥିଲେ ।

# ରାହୁଲ ଗାନ୍ଧୀଙ୍କ ଗିରଫ ପ୍ରତିବାଦରେ ଜିଲ୍ଲା କଂଗ୍ରେସର ବିକ୍ଷୋଭ



ବାରିପଦା, (ସବ୍ୟୁ): ରାହୁଲ ଗାନ୍ଧୀଙ୍କ ଗିରଫ ପ୍ରତିବାଦରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ପକ୍ଷରୁ ଗୁରୁବାର ବାରିପଦା ସହରରେ ଏକ ବିଶାଳ ବିକ୍ଷୋଭ ରାଲି ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବହୁ ନେତା, କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ସତୟାଇ ଛକରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା ସହରର ପ୍ରମୁଖ ରାସ୍ତା ଦେଇ ଷ୍ଟିଲ ଗୋଲେଇ ପର୍ଯ୍ୟନ୍ତ ପରିକ୍ରମା କରି ଶେଷରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପ୍ରତିବାଦକାରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରି ନିଜ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରାହୁଲ ଗାନ୍ଧୀଙ୍କ ଗିରଫ ଏକ ଗଣତନ୍ତ୍ର ବିରୋଧୀ ପଦକ୍ଷେପ ଏବଂ ଏହା ରାଜନୈତିକ ପ୍ରତିହିଂସାର ପରିଚାୟକ। ଏହାର ପ୍ରତିବାଦ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ନିଜ ପଦରୁ ଇସ୍ତଫା ଦେବାକୁ ଦଳ ଦାବି କରିଥିଲା। ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ କହିଥିଲେ ଯେ, ଦେଶରେ ବିରୋଧୀ ଦଳର ସ୍ୱରକୁ ଦମନ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ସଂସ୍ଥାର ଦୁରୁପଯୋଗ କରୁଛନ୍ତି। ଯଦି ଏଭଳି କାର୍ଯ୍ୟ ଜାରି ରହେ, ତେବେ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି କହିଥିଲେ।

## ପି. ରାମବାବୁ ଯୁବ ମୋର୍ଚ୍ଚାର ଗଞ୍ଜାମ ଜିଲ୍ଲା ଉପସଭାପତି



ଛତ୍ରପୁର, (ସବ୍ୟୁ) : ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ସାନଆର୍ଯ୍ୟପଲ୍ଲୀ ଗ୍ରାମର ଯୁବସଂଗଠକ ପି. ରାମବାବୁଙ୍କୁ ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚାର ଗଞ୍ଜାମ ଜିଲ୍ଲା ଉପସଭାପତି ଭାବେ ନିଯୁକ୍ତ କରାଯାଇଛି । ଏହି ଦାୟିତ୍ୱ ପାଇଁ ସେ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ତାପରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା,ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ଡା. ପ୍ରଦୀପ ପାଣିଗ୍ରାହୀ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜିଲ୍ଲା ସଭାପତି ସରୋଜ ସାବତ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ରାଜ୍ୟ ଉପସଭାପତି ତୁତୁନ ପାତ୍ର ଓ ଯୁବମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ସଭାପତି. ସୋମନାଥ ପାତ୍ରଙ୍କ ସହ ଦଳର ସମସ୍ତ ନେତା ଓ କର୍ମକର୍ତ୍ତାଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି ।

## କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ

ବୁଗୁଡା, (ସବ୍ୟୁ): ନିଟ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ନିଟ ପରୀକ୍ଷା ପେପର ଲିକ ଯୋଗୁଁ ମୃତ ଛାତ୍ରଛାତ୍ରୀଙ୍କୁ କ୍ଷତିପୂରଣ ଦାବିରେ ବୁଗୁଡାରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଏବଂ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ହାଇସ୍କୁଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏ ଅବସରରେ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ବୁଗୁଡା ବ୍ଲକ କଂଗ୍ରେସ ସଭାପତି ଜାନକୀ ବଲ୍ଲଭ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନଗର ସଭାପତି ସୁବ୍ରତ କୁମାର ପଟ୍ଟନାୟକ, ପିସିସି ସଦସ୍ୟ ସୁଜିତ କୁମାର ସ୍ୱାଇଁ, ମାନସ ରଞ୍ଜନ ଦାଶ, ସିମାଞ୍ଚଳ ଖଟେଇ, ପୋଲସରା ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ କୁମାର ଜେନାଙ୍କ ସମେତ ଆସ୍କା, ଭଞ୍ଜନଗର, ଜଗନ୍ନାଥପ୍ରସାଦ ଓ ବୁଗୁଡ଼ାର କେତେକ କଂଗ୍ରେସ କର୍ମୀ ସାମିଲ ରହିଥିଲା ବେଳେ ସ୍ଥାନୀୟ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ନିୟୋଜିତ ରହିଥିଲେ ।

## ତହସିଲ ସମ୍ମୁଖରେ ପେଟ୍ରୋଲ ଢ଼ାଳି ଯୁବକଙ୍କ ଆତ୍ମାହୁତି ଉଦ୍ୟମ

ମାହାଙ୍ଗା ,(ସବ୍ୟୁ) : ୨୩ତାରିଖ ଦିନ ୧.୧୫ମିନିଟ୍ ସମୟରେ ମାହାଙ୍ଗା ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ସମୟରେ ଜଳେଶ୍ୱରପୁର ଗ୍ରାମର ମଧୁବନ ଅଂଚଳର ସୁଦର୍ଶନ ପାଣିଙ୍କ ପୁଅ ପ୍ରହଲ୍ଲାଦ ପାଣି ଓରଫ ବୁଲୁ ବୟସ ୩୮ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଜଳେଶ୍ୱରପୁର ଗ୍ରାମର ମଧୁବନ ଅଂଚଳରେ ସରକାରୀ ଜମି ଉପରେ ଥିବା ଏକ ଚାଖୁଣ୍ଡା ଗଛକୁ ଦୁଇମାସ ତଳେ ପ୍ରହଲ୍ଲାଦ ପାଣି ଓରଫ ବୁଲୁ କାଟୁଥିବା ଖବର ପାଇ ସ୍ଥାନୀୟ ଆରଆଇ ଘଟଣାସ୍ଥଳରେ ପହଂଚି ଗଛକଟା ବନ୍ଦ କରିଥିଲେ । ତା୨୦.୦୬.୨୦୨୬ରିଖରେ ବୁଲୁ ପାଣି ପିତା ସୁଦର୍ଶନ ପାଣି, କୁନା ନାୟକ ପିତା ସୁଦର୍ଶନ ନାୟକ,ସା-ମୁଳବସନ୍ତ ଉକ୍ତ ଚାଖୁଣ୍ଡା ଗଛକୁ ଗଛକଟା ମେସିନ ସାହାଯ୍ୟରେ କାଟୁଥିଲା ବେଳେ ତହସିଲ ପ୍ରଶାସନ ତରଫରୁ ଉକ୍ତ ଗଛକଟା ମେସିନ୍‌କୁ ଜବତ କରିଥିଲେ ।

ଜବତ ଗଛକଟା ମେସିନ୍‌କୁ ପାଇବା ପାଇଁ ବୁଲୁ ଉଦ୍ୟମ କରିଥିବା ବେଳେ ସେଥିରେ ବିଫଳ ହୋଇଥିଲା । ବୁଲୁ ନିଜ ଦେହରେ ପେଟ୍ରୋଲ ଢ଼ାଳି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରୁଥିଲା ବେଳେ ତହସିଲଦାର ପହଂଚି ବାରଣ କରିଥିଲେ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ପଦର୍ଶନ




ଗୋପାଳପୁର, (ସବ୍ୟୁ) : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ର,ଛାତ୍ରୀ ମାନେ ଆଜି ଦିଲ୍ଲୀର ଯନ୍ତ୍ରମନ୍ତ୍ର ଠାରେ ଆନ୍ଦୋଳନ ରତ ଛାତ୍ର,ଛାତ୍ରୀଙ୍କ ଉପରେ ଲାଠି ଚାର୍ଜ ଓ ଲୋହବୁହା ଗ୍ୟାସ ପ୍ରୟୋଗ ଏବଂ ସୋନମ ୱାଙ୍ଗଚୁକକୁ ଫଳ ବଳ ପୂର୍ବକ ଆନ୍ଦୋଳନ ସ୍ଥଳରୁ ଉଠେଇ ନେବା ବିରୋଧରେ ଗୁରୁବାର ଦିନ ପିଜି କାଉନସିଲ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରାରେ ବାହାରି ନାଲକୋ ଗେଟ ନିକଟରେ ପହଞ୍ଚି ବିକ୍ଷୋଭ ପଦର୍ଶନ କରିଥିଲେ ।

ଛାତ୍ରଛାତ୍ରୀ ମାନେ ଦିଲ୍ଲୀ ପୁଲିସ ଛାତ୍ର, ଛାତ୍ରୀଙ୍କୁ ମାଡ଼ ମାରିବା,ଏନଟିଏକୁ ରଦ୍ଦ କରିବା, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା,ପ୍ରଶ୍ନପତ୍ର ଲିକ ଆଦି ନେଇ ବିରୋଧ କରିଥିଲେ । ଏଥିରେ ଛାତ୍ରନେତା ଇଜ୍ଜୁ ଆମିନ ଖାନ, ହେମନ୍ତ ପଲେଇ, ସତ୍ୟରଞ୍ଜନ ପୃଷ୍ଟି, ସିପୁନ ଜେନା, ଅଭିନାଶ ସାହୁ, ଅଭିଶେଖ ପଟ୍ଟନାୟକ, ଗାୟତ୍ରୀ ଦାସ, ପ୍ରତ୍ୟୁଷା ରଥ, ମନୀଷା କହର, ସନ୍ତୋଷ ବେହେରା, ଇ. ଦିବ୍ୟଜ୍ୟୋତି, ତୁଳସୀ ମହାରଣା, ବାଲ୍ମୀକି ସେଠି, ଜଲାଲ ଖାଁ, ବିରେନ ରାଉଳ, ସୋମନାଥ ବେହେରା, ବିଭୁ ପ୍ରସାଦ ଦାସ, ଅମିତ କୁମାର ସାହୁ, ନୀଳାଞ୍ଚଳ ଗୌଡ଼, ଈଶ୍ୱର ପଟ୍ଟନାୟକଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ବୈଠକ

ବାରିପଦା, (ସବ୍ୟୁ) : ଆଗାମୀ ୮୦ତମ ସ୍ୱାଧୀନତା ଦିବସର ଜିଲ୍ଲାସ୍ତରୀୟ ପାଳନକୁ ସୁଚାରୁ ଓ ସୁପରିଚାଳିତ ଭାବେ ଆୟୋଜନ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାଧୀନତା ଦିବସ ପାଳନ ସମ୍ପର୍କିତ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଓ ପ୍ରସ୍ତୁତି ଉପରେ ବିସ୍ତୃତ ସମୀକ୍ଷା କରାଯିବା ସହ ସମସ୍ତ ବିଭାଗକୁ ନିର୍ଦ୍ଧାରିତ ଦାୟିତ୍ୱ ସଫଳତାର ସହ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା । ଚଳିତ ବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସର ମୁଖ୍ୟ ସମାରୋହ ରିଜର୍ଭ ପୋଲିସ ପ୍ୟାରେଡ୍ ପଡ଼ିଆରେ ଅନୁଷ୍ଠିତ ହେବ । ସେହିଦିନ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ସଙ୍ଗୀତ ପରିବେଷଣ କରାଯାଇ ସହର ପରିକ୍ରମା କରାଯିବ । ସକାଳ ୯ଟା୧୫ରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିବେ । ସ୍ୱାଧୀନତା ଦିବସ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ଓ ସୃଜନଶୀଳ ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉତ୍କଳ ବାଳାଶ୍ରମ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ ବିଭିନ୍ନ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହଯୋଗରେ ଫଳ ବଣ୍ଟନ କରାଯିବ ।

ସେହିପରି ସନ୍ଧ୍ୟାରେ ଶହୀଦ ସ୍ମୃତି ଭବନ ପରିସରରେ ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିସାନ, ଜିଲ୍ଲା ଭେକଫର ବାହିତ ରୋଗ ଅଧିକାରୀ ଡା. ବିଜୟ କୁମାର ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ବାରିପଦାର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, ରିଜର୍ଭ ଇନ୍ସପେକ୍ଟର ଆଲୋକ କାନୁନଗୋ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତାପସ କୁମାର ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ପୋଲିସ ପ୍ରଶାସନର ପ୍ରତିନିଧି, ଅଗ୍ନିଶମ ଅଧିକାରୀ, ଶିକ୍ଷାନୁଷ୍ଠାନର ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟା ବୈଠକକୁ ପରିଚାଳନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୈଠକ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଚାରା ବଣ୍ଟନ

ଭଞ୍ଜନଗର, (ସବ୍ୟୁ) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ନୀଳାଦ୍ରି ବିହାର ଭଞ୍ଜନଗର ର ପରିଚାଳିକା ବି. କେ ସନ୍ତୋଷିନୀ ଭଉଣୀଙ୍କ ପରିଚାଳନାରେ ଚାରା ରୋପଣ ଏବଂ ବିଭିନ୍ନପ୍ରକାର ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରାୟ ପଚାଶ ଜଣ ଭାଇ, ଭଉଣୀ ଏବଂ ମାତା ମାନେ ଉକ୍ତ ପରିବେଶ ସୁରକ୍ଷା, ଜୀନ ରକ୍ଷା ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଚାରା ଟିଏ ରୋପଣ କରି ଯତ୍ନ ନେବାକୁ ଶପଥ କରିଥିଲେ ।

ସ୍ୱେଚ୍ଛାସେବୀ ଭାବରେ ପ୍ରତି ପରିବାର ଚାରା ଗ୍ରହଣ କରିଥିଲେ । ଅଁଳା ଏବଂ ବେଲ ଚାରା ଅନୁଷ୍ଠାନ ସାମନାରେ ରୋପଣ କରାଗଲା । ପରିବେଶ ପ୍ରେମି ଶୂଳପାଣି ଶତପଥୀ ଏବଂ ବନ ସୁରକ୍ଷା ସମିତି ବଣିଆପଲିର ପୂର୍ବତନ ସଭାପତି ଲୋକନାଥ ଆଚାର୍ଯ୍ୟ ଉପସ୍ଥିତ ରହି ପରିବେଶ ସୁରକ୍ଷା, ମୁଖ୍ୟତଃ ମାଟି, ପାଣି, ପବନର ଉପଯୁକ୍ତ ବ୍ୟବହାର ଏବଂ ରହିଲେ ବନ ବଞ୍ଚିବେ ଜନ ବାବଦରେ ମନ୍ତବ୍ୟ ରଖିଥିଲେ ସ୍ୱେଚ୍ଛାସେବୀ ବି. କେ ବୈକୁଣ୍ଠ କାହ୍ନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଦିନିକିଆ କେନ୍ଦ୍ରାପଡ଼ା ଗସ୍ତ

## ରାସନ କାର୍ଡ ବଣ୍ଟନ ସହ ଖାଦ୍ୟ ସୁରକ୍ଷା, ଖାଉଟି କଲ୍ୟାଣ ଓ କୃଷକ ସ୍ୱାର୍ଥ ସମ୍ପର୍କିତ ସମୀକ୍ଷା



କେନ୍ଦ୍ରାପଡ଼ା, (ସବ୍ୟୁ) :ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ବୈଷୟିକ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ କରିବା ସହିତ ଖାଦ୍ୟ ସୁରକ୍ଷା, ଖାଉଟି କଲ୍ୟାଣ ଓ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ ।

ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଖାଦ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି । ରାଜ୍ୟର କୌଣସି ଲୋକ ଯେପରି ଭୋକିଲା ନ ରହନ୍ତି ସେଥିପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଦ୍ୟଶସ୍ୟ ପ୍ରଦାନ କରାଯାଉଛି । ବର୍ତ୍ତମାନ ହିତାଧିକାରୀମାନେ ପୁଣ୍ଡପିଛା ୧୦ କିଲୋଗ୍ରାମ ଚାଉଳ ପାଉଥିବା ବେଳେ ସରକାରଙ୍କ ଲକ୍ଷ୍ୟ ହେଉଛି ଏକ ଭୋକମୁକ୍ତ ଓ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ କରିବା ।ମନ୍ତ୍ରୀ ସୁଭଦ୍ରା ଯୋଜନା ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ଓ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ । ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସେ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ ।ବୈଠକରେ ସେ ଖାଦ୍ୟ ଯୋଗାଣ, ଖାଉଟି ସୁରକ୍ଷା ଓ କୃଷକଙ୍କ ସ୍ୱାର୍ଥ ର୍ ସହ ଜଡ଼ିତ ବିଭିନ୍ନ ବିଷୟର ସମୀକ୍ଷା କରିଥିଲେ । ବିଶେଷକରି ଓଜନ ଓ ପରିମାପ ବିଭାଗକୁ ନିୟମିତ ଯାଞ୍ଚ ଓ ଚଢ଼ାଉକୁ ଅଧିକ ଜୋରଦାର କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପେଟ୍ରୋଲ ପମ୍ପ, ସୁନା ଦୋକାନ ଓ ଅନ୍ୟାନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନରେ ଉପଭୋକ୍ତାମାନେ ଯେପରି ସଠିକ ପରିମାଣ ଓ ଗୁଣବତ୍ତାର ସାମଗ୍ରୀ ପାଇପାରିବେ, ସେନେଇ ସଚେତନତା ସୃଷ୍ଟି କରିବା ସହ ନିୟମିତ ତଦାରଖ କରିବାକୁ ସେ ପରାମର୍ଶ ଦେଇଥିଲେ ।ସେହିପରି, ଚାଷୀ ପଞ୍ଜିକରଣ କାର୍ଯ୍ୟକୁ ସ୍ୱଚ୍ଛ ଓ ସଠିକ ଭାବେ ସମ୍ପନ୍ନ କରିବା, ପ୍ରକୃତ ଚାଷୀମାନେ ଯେପରି ସରକାରୀ ସୁବିଧା ପାଇପାରିବେ ତାହା ନିଶ୍ଚିତ କରିବା ଏବଂ ଚାଷୀମାନଙ୍କୁ ଗୁଣାତ୍ମକ ସାର ସମୟାନୁସାରେ ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । କୃଷକଙ୍କ ସ୍ୱାର୍ଥ ସୁରକ୍ଷା ଓ କୃଷି ଉତ୍ପାଦନ ବୃଦ୍ଧି ଦିଗରେ ସମସ୍ତ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

## ନାବାଳିକା ଅପହରଣ ମାମଲାର ୱାରେଣ୍ଟି ଗିରଫ

କୁଆଖିଆ,(ସବ୍ୟୁ) :ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଂଚାୟତ ବିଶ୍ୱନାଥପୁର ଗ୍ରାମର ସ୍ୱର୍ଗତ ଦୁଃଶାସନ ଦାସଙ୍କ ପୁଅ ସଚ୍ଚିଦାନନ୍ଦ ଦାସ ମଣ୍ଟୁ ଆଜି ୨୦୨୦ ମସିହା ୱାରେଣ୍ଟି ବଳରେ ଗିରଫ ହୋଇ ଅଦାଲତ ଚାଲାଣ ହୋଇଛନ୍ତି ।କୁଆଖିଆ ପୋଲିସ ପୋଷ୍ଟୋ ସି ଟି ଏସ ପି ଏଲ କେଶ ୨୭/୨୦ ବହୁ ଦିନରୁ ଫେରାର ଥିବା ସଚ୍ଚିଦାନନ୍ଦ ଦାସ ମଣ୍ଟୁ କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛନ୍ତି । ସେ ୨୦୨୦ ମସିହାରେ ଜନୈକା ନାବାଳିକାକୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା । ଏହା ପରେ ୬ ବର୍ଷ ହେଲା ଫେରାର ଥିଲା । ଆଜି ସଚ୍ଚିଦାନନ୍ଦ ଦାସ ଗିରଫ ହୋଇ ଅଦାଲତ ଚାଲାଣ ହୋଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ସେଠି ଙ୍କ ସୂତ୍ରରୁ ପ୍ରକାଶ ।

## ମୋବାଇଲ ପାଇଁ ଛାତ୍ରଙ୍କ ବିଷ ପିଇ ଆତ୍ମହତ୍ୟା, ଖବର ପାଇ ମା ବିଷ ପିଇ ଗୁରୁତର



ସାଲେପୁର,(ସବ୍ୟୁ) : ସାଲେପୁର ବ୍ଲକ ତ୍ରିଲୋଚନପୁର ପଂଚାୟତ ହାତୀଖାନ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି ।ବାପାଙ୍କ ମୃତ୍ୟୁକୁ ବର୍ଷେ ପୁରିନଥିବାବେଳେ ମୋବାଇଲ ଦେଖିବାକୁ କେନ୍ଦ୍ର କରି ଦଶମ ଶ୍ରେଣୀର ନାବାଳକ ଛାତ୍ର ବିଷ ପିଇ ଆତ୍ମହତ୍ୟା କରିଛି । ପୁଅର ମୃତ୍ୟୁ ଖବର ଶୁଣି ମାଆ ବିଷ ପିଇ ଗୁରୁତର ହୋଇ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ମୃତ ନାବାଳକ ଛାତ୍ର ଜଣକ ହେଲେ ହାତୀଖାନା ଗ୍ରାମର ସର୍ଗତ ସୁଦାସ ଚନ୍ଦ୍ର ସାହୁଙ୍କ ଏକମାତ୍ର ପୁତ୍ର ଆୟୁଷ୍ମାନ ସାହୁ (୧୫) । ପୂର୍ବକଚ୍ଛ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚଳିତ ବର୍ଷର ୧୦ମ ଶ୍ରେଣୀର ଛାତ୍ର ଆୟୁଷ୍ମାନ ବୋଲି ଜଣାପଡିଛି । ସୂଚନା ମୁତାବକ ବାପାଙ୍କ ପ୍ରଥମବାର୍ଷିକ ଶ୍ରାଦ୍ଧ ଥିବାରୁ ଆୟୁଷ୍ମାନ ସ୍କୁଲ ନଯାଇ ଘରେ ଥିଲେ । ଘରେ ରହି ମୋବାଇଲ ଦେଖିବାରେ ବ୍ୟସ୍ତ ଥିବାରୁ ମାଆ ତାଙ୍କୁ ବାରଣ କରିବାରୁ ଏଥିରେ ଆୟୁଷ୍ମାନ ବିରକ୍ତି ପ୍ରକାଶ କରିବା ସହ ଘର ମଧ୍ୟରେ ଏକ କୀଟନାଶକ ଔଷଧ ପିଇ ଦେଇଥିଲେ । ପରିବାର ଲୋକେ ଆୟୁଷ୍ମାନଙ୍କୁ ଘରେ ପଡିଥିବା ଦେଖି ଉଦ୍ଧାରକରି ପ୍ରଥମେ ଜଗତପୁର ସ୍ଥିତ ଏକ ଘରୋଇ ହସ୍ପିଟାଲ ଓ ପରେ କଟକ ବଡ ମେଡିକାଲରେ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଏକମାତ୍ର ପୁଅର ମୃତ୍ୟୁ ଖବର ପାଇ ମାଆ ମଧ ବିଷ ପିଇଦେଇଥିଲେ । ସ୍ଥାନୀୟ ଲୋକେ ମା'କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଛନ୍ତି । ଖବରପାଇ ଜଗତପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମେଡିକାଲରେ ପହଂଚି ଆୟୁଷ୍ମାନର ମୃତଦେହକୁ ଜବତ କରି ଶବବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଥିବା ନେଇ ସୂଚନା ମିଳିଛି ।

## ଦୁର୍ଘଟଣା ଗ୍ରସ୍ତ ବୃଷଭକୁ ରାସ୍ତାରୁ ଉଦ୍ଧାରକଲେ ବିଧାୟକ

ଚଣ୍ଡିଖୋଲ, (ସବ୍ୟୁ) :କଲକତା-ଚେନ୍ନେଇ ୧୬ ନମ୍ବର ଜାତୀୟ ରାଜପଥର ଯାଜପୁର ଜିଲ୍ଲା ଅନ୍ତର୍ଗତ ଚଣ୍ଡିଖୋଲ ସ୍ଥିତ ବିଜେପି କାର୍ଯ୍ୟାଳୟର କିଛି ଦୂରରେ ରାସ୍ତା ଦୁର୍ଘଟଣାରେ ଗୋଟିଏ ବୃଷଭ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡି ଛଟପଟ ହେଉଥିଲା ବେଳେ ଖବର ପାଇ ବଡଚଣା ବିଧାୟକ ଅମରକୁମାର ନାୟକ ଘଟଣା ସ୍ଥଳରେ ପହଞ୍ଚି ଆହତ ବୃଷଭକୁ ଉଧାରକରି ଚିକିତ୍ସା କରାଇଥିବା ଜଣାପଡିଛି । ରାସ୍ତାପାର ହେଉଥିଲା ବେଳେ ଏକ ଦୃତଗାମୀ କାର ଷ,,କୁ ଧMା ଦେଇଥିଲା । ଅତିଯୋରରେ କାରଟି ବୃଷଭକୁ ଧMା ଦେବାରୁ ରାସ୍ତାଉପରେ ପଡିଯାଇ ବୃଷଭଟି ରକ୍ତାକ୍ତ ହୋଇ ଛଟପଟ ହୋଇଥିଲା । ତେବେ ଏହି ବିଷୟ ଜାଣିବା ପରେ ବିଧାୟକ ଶ୍ରୀ ନାୟକ ସେଠାରେ ପହଞ୍ଚି ରାସ୍ତା ଉପରୁ ବୃଷଭକୁ ଉଦ୍ଧାର କରି ଏକ ଗାଡିରେ ପଶୁ ଡାକ୍ତରଖାନାକୁ ପଠାଇ ଥିଲେ । ଆଶୁ ଓ ଚିକିତ୍ସା ପାଇବା ପରେ ବୃଷଭଟି ସାମାନ୍ୟ ଶୁସ୍ତ ହୋଇଥିବା ଜଣାପଡିଛି ।

## ନବ ନିର୍ମିତ ଢଳେଇ ରାସ୍ତାରେ ଫାଟ, ସ୍ଥାୟୀତ୍ୱ ନେଇ ସନ୍ଦେହ

ନିଶ୍ଚିନ୍ତକୋଇଲି , (ସବ୍ୟୁ) :ନିଶ୍ଚିନ୍ତକୋଇଲି ଗ୍ରାମ୍ୟଉନ୍ନୟନ ବିଭାଗ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନବ ନିର୍ମିତ ଏକ ଢଳେଇ ରାସ୍ତାର ଏକାଧିକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି । ଫଳରେ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମପଞ୍ଚାୟତ କଳାଗ୍ନି ମନ୍ଦିର ଠାରୁ କୋଲଣପୁର ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁର କରାଯାଇଥିଲା । ଏହି ରାସ୍ତାର ତଦାରଖ ଦାୟିତ୍ୱ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ନ୍ୟସ୍ତ ଥିଲା । ତେବେ ସ୍ଥାନୀୟ ଲୋକପ୍ରତିନିଧି ଗତ ଫେବୃଆରୀ ୧୬ତାରିଖ ଦିନ ଏହି ରାସ୍ତାର ଶିଳାନ୍ୟାସ କରିଥିଲେ । ଠିକାଦାର ରାସ୍ତା ନିର୍ମାଣ ସମ୍ବନ୍ଧୀୟ କୌଣସି ସୂଚନା ଫଳକ ନଦେଇ ଲୋକଙ୍କୁ ଅନ୍ଧାର ଘେରରେ ରଖିଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଏହି ରାସ୍ତା ନିର୍ମାଣ ଅଟକଳ ଅନୁଯାଇ କରାଯାଇ ନଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ଏହି ରାସ୍ତାର ବହୁ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି । ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି । ତେବେ ଠିକାଦାର ମନମୁଖି ଭାବେ ନିର୍ମାଣ କାର୍ଯ୍ୟ କରୁଥିଲେ ମଧ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ଅଧିକାରୀ ଏହି କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି । ତେବେ ଏସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ମାନସ କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବାରୁ ଏହି ରାସ୍ତା ବାବଦରେ କେତେଟଙ୍କା ମଞ୍ଜୁର ହୋଇଛି ସେ କିଛି ଜାଣି ନାହାନ୍ତି ବୋଲି ମତବ୍ୟକ୍ତ କରିଥିଲେ । ତେବେ ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାର ଅଭିଯୋଗ ଆସିଲେ ସେ ତଦନ୍ତ କରି କାର୍ଯ୍ୟଯାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ ।

## ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କଲେ କାର୍ଯ୍ୟାନୁଷ୍ଠାନ

ଯାଜପୁରସଦର ,(ସବ୍ୟୁ) : ଆଗାମୀ ସ୍ୱାଧୀନତା ଦିବସ ପାଳନକୁ ଦୃଷ୍ଟିରେ ରଖି ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ବେଆଇନ ନିଶା କାରବାର ରୋକିବା ପାଇଁ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କିମ୍ବା ନିଶା ସେବନ କଲେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୁଷ୍ପଲତା ବାରିକ ସୂଚନା ଦେଇଛନ୍ତି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୭୮ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ସେ ଏହି ଚେତାବନୀ ଦେଇଛନ୍ତି ।ସହରର ପ୍ରଶାସନିକ ଭବନ ପଡ଼ିଆ, ବରାହନାଥ ପଡ଼ିଆ, ଘୁସୁରିଆ ସାହି, କୁଆଁସରପୁର, ଏନସି କଲେଜ ପଡ଼ିଆ, ମେଡ଼ିକାଲ କଲେଜ ପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ସନ୍ଧ୍ୟା ହେବା ମାତ୍ରେ ଯୁବପିଢ଼ି ଖୁଲମRୁଲା ମଦ୍ୟପାନ ଓ ନିଶା ସେବନ କରୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା । ଏପରିକି ସ୍ଥାନୀୟ କେତେକ ଛୋଟବଡ଼ ଦୋକାନରେ ବେଆଇନ ଭାବେ ନିଶା ବେପାର ଚାଲୁଥିବାରୁ ଜନସାଧାରଣ ଉଦ୍‌ବେଗ ପ୍ରକାଶ କରିଛନ୍ତି ।ସହରର ପ୍ରସିଦ୍ଧ ସର୍ବପୁରାତନ ଶିବ ପୀଠ ରାଜେଶ୍ୱର ମହାଦେବ ମନ୍ଦିର ଓ ଯାଜପୁର ବସଷ୍ଟାଣ୍ଡ ନିକଟରେ ଥିବା ମଦ ଦୋକାନକୁ ନେଇ କ୍ଷୋଭ ପ୍ରକାଶ ପାଇଛି । ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲା ଅବକାରୀ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ବେହେରା ପ୍ରତିଶ୍ରୁତି ଦେଇଛନ୍ତି ।

## ସନ୍ଧ୍ୟା ଦର୍ଶନ ପାଇଁ ତୁଳସୀ କ୍ଷେତ୍ରରେ ଭକ୍ତଙ୍କ ସମାଗମ

କେନ୍ଦ୍ରାପଡ଼ା, (ସବ୍ୟୁ) : ପବିତ୍ର ଘୋଷ ଯାତ୍ରାର ଅନ୍ତିମ ପର୍ଯ୍ୟାୟ ବାହୁଡା ଦଶମୀ ତିଥିର ପୂର୍ବ ସଂନ୍ଧ୍ୟା ଦର୍ଶନ ପାଇଁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ତୁଳସୀ କ୍ଷେତ୍ର ମାଉସ ମା ମନ୍ଦିର ପ୍ରାଙ୍ଗଣରେ ବିପୁଳ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସମାବେଶ ଦେଖିବାକୁ ମିଳିଛି । ଆସନ୍ତାକାଲି ବାହୁଡା ଦଶମୀ ତିଥିରେ ବ୍ରହ୍ମ ତାଳଧ୍ୱଜ ରଥର ପ୍ରତ୍ୟାବର୍ତନ ପାଇଁ ତୁଳସୀ କ୍ଷେତ୍ରର ପରମ୍ପରା ଅନୁଯାଇ ରଥ ଦକ୍ଷିଣ ମୋଡ ହେବା ସହ ଦିଅଁ ମାନଙ୍କ ପହଣ୍ଡି ବିଜେ ରଥ ଉପରକୁ କରାଯିବ । ଆଜି ନବମୀ ତିଥିରେ ମାଉସୀ ମା' ମନ୍ଦିରର ରନି ସିଂହାସନ ଉପରେ ଦଅଁ ମାନଙ୍କୁ ଦର୍ଶନ କରିବା ଓ ସଂନ୍ଧ୍ୟା ଆଳତୀ ଦର୍ଶନ ପାଇଁ ବିପୁଳ ସମାଗମ ହୋଇଯାଇଛି ।

## ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ

ଯାଜପୁର ,(ସବ୍ୟୁ) : ଦଶରଥପୁର ବ୍ଲକ ରାମବାଗ ରିଜିଓନାଲ ଡିଗ୍ରୀ କଲେଜ ପରିସରରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ ଓ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଉଦXାଟ ହୋଇଯାଇଛିଅଛି । କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଚିତାଳୋ ଡିଗ୍ରୀ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧ୍ୟାପିକା ଡକପର ଏସ୍. କଳ୍ପନା ଯୋଗଦେଇ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବିସ୍ତୃତ ଭାବରେ ସଚେତନ ଓ ଆତ୍ମରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରିଜିଓନାଲ ଡିଗ୍ରୀ କଲେଜର ବରିଷ୍ଠ ଅଧ୍ୟାପିକା ନିବେଦିତା ବେହୁରିଆ, ବିଜୟିନୀ ପାକିଜା ସାମଲ ଓ ଶକ୍ତିଶ୍ରୀ ସଂଯୋଜିକା ଅର୍ଣ୍ଣପୂର୍ଣ୍ଣା ଦାଶ ଯୋଗଦେଇ କାର୍ଯ୍ୟକ୍ରମରେ ସଫଳରୂପାୟନ ନିମନ୍ତେ ଅବଗତ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ତିନିଶହରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରି ଦକ୍ଷ ପ୍ରଶିକ୍ଷଣ କାଜଲ ବେହେରା ଓ ପୂର୍ଣ୍ଣିମା ବେହେରାଙ୍କ ଠାରୁ ପ୍ରଶିକ୍ଷଣ ନେଇଥିଲେ । ଏହି କାର୍ଯ୍ୟକ୍ରମ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୬ ଦିନବ୍ୟାପି ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଅଛି । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକାଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଠିକାଦାରଙ୍କୁ ମଜୁରୀ ପଇସା ମାଗି ଆକ୍ରମଣର ଶୀକାର

ମହାକାଳପଡ଼ା,(ସବ୍ୟୁ) : ଶିଳ୍ପ ବିହୀନ କେନ୍ଦ୍ରାପଡା ଜିଲ୍ଲା ର ଯୁବକ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଁ ଅନେକ ସମୟରେ ଅସୁବିଧା ରେ ପଡୁଥିବାର ନଜିର ରହିଛି । ଯେପରି ମହାକାଳପଡ଼ା ଥାନା ଅଧୀନ ମଙ୍ଗଳପୁର ଗାଁ ର ଅଜିତ ଶେଖର ସାହୁ (୩୭ )ଗ୍ରାମସ୍ଥ ପଡୋଶୀ ତଥା ଠିକାଦାର ପଞ୍ଚାନନ ସ୍ୱାଇଁ ( ୫୫) ଙ୍କ ସହିତ ସୁଦୂର ହାଇଦ୍ରାବାଦ ମାର୍ବଲ କାମ କରିବାକୁ ଯାଇଥିଲେ । ସେଠାରେ କାମ ସାରି ଘରକୁ ଫେରିଥିଲେ ବି ଗାଁ ଠିକାଦାରଙ୍କ ଠାରୁ ପାରିଶ୍ରମିକ ପାଇବାରୁ ବଂଚିତ ଥିଲେ ।ଏନେଇ ଶ୍ରମିକ ଶ୍ରୀ ସାହୁ ବୁଧବାର ଅପରାହ୍ନରେ ଠିକାଦାରଙ୍କୁ ବାକି ରହିଯାଇଥିବା ଆଉ କିଛି ପାରିଶ୍ରମିକ ପଇସା ମାଗିବାରୁ ଦୁଇଜଣଙ୍କ ମଧ୍ୟରେ କଥାକଟାକଟି ହୋଇଥିଲା । ଏପରିକି ଠିକାଦାର ଶ୍ରୀ ସ୍ୱାଇଁ ଶ୍ରମିକ ଶ୍ରୀ ସାହୁ ଙ୍କୁ ଆକ୍ରମଣାତ୍ମକ ଢଙ୍ଗରେ ହେଲମେଟରେ ବାଡେଇଥିଲେ । ଠିକାଦାରଙ୍କ ହେଲମେଟ ମାଡ଼ରେ ଯୁବ ଶ୍ରମିକ ଙ୍କ ବାମ କାନମୂଳ ଫାଟି ରକ୍ତ ବୋହିଥିଲା । ଏଭଳି ଅବସ୍ଥାରେ ଶ୍ରମିକଙ୍କ ପରିବାର ଲୋକେ ପୁଅକୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇବା ସହିତ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ମୁତାବକ ମହାକାଳପଡ଼ା ଥାନା ସବଇନ୍ସପେକଟର ତପସୱିନୀ ବିଶ୍ୱାଳ ୨୧୯/୨୬ମୂଳେ ମାମଲା ରୁଜୁ କରିବା ସହିତ ଠିକାଦାର ଙ୍କୁ ଗୁରୁବାର କୋର୍ଟ ଫରଓ୍ୱାର୍ଡ଼ କରିଥିବାର ଜଣାପଡିଛି ।

## ପଞ୍ଚାୟତରାଜ ସଚିବଙ୍କ ଅମୃତ ଡାଏରୀ ପରିଦର୍ଶନ

ରଘୁନାଥପୁର,(ସବ୍ୟୁ) : ରାଜ୍ୟ ପଞ୍ଚାୟତରାଜ ସଚିବ ଗିରିଶ ଏସଏନ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ରଘୁନାଥପୁର ବ୍ଲକର ଜଇପୁର ସ୍ଥିତ ବୟନଗ୍ରାମ ଓ ପୂରଣ ସ୍ଥିତ ଅମୃତ ଡାଏରୀ ପରିଦର୍ଶନ କରିଥିଲେ ।ଅପରାହ୍ନରେ ବୟନଗ୍ରାମରେ ପହଞ୍ଚି ବୁଣାକାର ମହିଳାଙ୍କ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଶାଢୀ,ସାଲ ଓ ଅନ୍ୟାନ୍ୟ ସାମଗ୍ରୀ ଦେଖି ଜଗତସିଂହପୁର ବ୍ରାଣ୍ଡ ସୂତାର ଚାହିଦା ସମ୍ପର୍କରେ ପଚାରି ବୁଝିଥିଲେ ।ଏହାଛଡା ଝିନ୍କିରାଣି ମହିଳା ଉତ୍ପାଦକ ଗୋଷ୍ଠି ପକ୍ଷରୁ ବାଉଁଶରେ ପ୍ରସ୍ତୁତ ବିଭିନ୍ନ କାରୁକାର୍ଯ୍ୟ ସାମଗ୍ରୀ ଦେଖି ଖୁସି ପ୍ରକଟ କରିଥିଲେ ।ସେଠାରୁ ସେ ପୂରଣ ସ୍ଥିତ ଅମୃତ ଡାଏରୀ ଅଭିମୁଖେ ଜାଇ ମହିଳା ଉତ୍ପାଦକ ଗୋଷ୍ଠି ଦ୍ୱାରା କ୍ଷୀରରେ ପ୍ରସ୍ତୁତ ପେଡା ଓ ଘିଅର ଚାହିଦା ତଥା ବଜାର ସମ୍ପର୍କରେ ପଚାରି ବୁଝିଥିଲେ ।ଏହାଛଡା ବିଭିନ୍ନ ସମସ୍ୟା ଓ ସଂସ୍ଥାର ଉନ୍ନତି ପାଇଁ କଣ ଆବଶ୍ୟକ ମହିଳାଙ୍କ ସହ ଆଲୋଚନା କରିଥିଲେ ।

## ଏସଏନ କଲେଜରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

ରାଜକନିକା ,(ସବ୍ୟୁ) : ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ ବିଭାଗ ତରଫରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜୁଲାଇ ମାସର କାର୍ଯ୍ୟକ୍ରମ ମହିଳା ସୁରକ୍ଷା ଓ ସଶକ୍ତିକରଣ ଉପରେ ଏକ ପାଠଚକ୍ର ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସଂଯୋଜିକା ଜ୍ୟୋତିପୁଷ୍ପା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ ।ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ଼ଃ ମିଥିଳା ଦାସ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ଓ ସଶକ୍ତିକରଣ ଉପରେ ବିସ୍ତୃତ ଭାବରେ ମତ ରଖିଥିଲେ । କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସାଥୀ ପ୍ରମୋଦିନୀ ବିଶ୍ୱାଳ, ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଡ଼ଃ ଅଜୟ କୁମାର କୁଣ୍ଡ, ତପସିନୀ ରଥ, ଚିତ୍ରାକାନ୍ତି ସେଠୀ, ସୁଶ୍ରୀ ସଙ୍ଗିତା ରାଉତ, ଶତାବ୍ଦୀ ପ୍ରିୟଦର୍ଶିନୀ ବେହୁରା, କାଜଲ ଜ୍ୟୋତି ସାହୁ, ପିନାଳି ମହାପାତ୍ର ପ୍ରଭୃତି ମହିଳା ସୁରକ୍ଷା ଓ ସଶକ୍ତିକରଣ ଉପରେ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଉପସ୍ଥିତ ରହି ଏଥିରେ ହୋଇଥିବା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପରିଶେଷରେ ଅଧ୍ୟାପିକା ଶତାବ୍ଦୀ ଭାରତୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ

ପାଣିକୋଇଲ ,(ସବ୍ୟୁ) : ପାଣିକୋଇଲିସ୍ଥିତ ମା ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ଯୁକ୍ତ ୨ର ନବାଗତା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ନାମ ଲେକାଇଥିବା ଛାତ୍ରଛାତ୍ରୀଙ୍କୁ ଆଜି ଠାରୁ ଶିକ୍ଷାଦାନ ପାଇଁ ନିର୍ଦ୍ଦେଶ ଥିଲା। ଏହି ଅବସରରେ ବିଦ୍ୟାଳୟରେ ନୂତନ ଭାବେ ତିନି ବିଭାଗର ନାମଲେଖାଇଥିବା ୨୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସେମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ବସନ୍ତ ମଂଜରୀ ସାହୁ, ଅଧ୍ୟାପକ ସେମନାଥ ପତି, ବଳରାମ ପଣ୍ଡା, ସମରେନ୍ଦ୍ର ଦାସ, ଗୋପବନ୍ଧୁ ସାହୁ, ତୁଷାର ରଂଜନ ପୁହାଣ, ସୁଶାନ୍ତ କୁମାର ପଣ୍ଡା, ଅଧ୍ୟାପିକା ପ୍ରଭାମୟୀ ଜେନା, କଲ୍ୟାଣୀ ସାମଲ, ଡେମୋନେଷ୍ଟେଟର ଶାରଳା ଦାଶ, କର୍ମଚାରୀ ମଧୁ ସୂଦନ ପଣ୍ଡା, ଶାନ୍ତନୁ କୁମାର ପହୀ, ମହେଶ୍ୱର ସେଠୀ, ହିମାଦ୍ରୀ ନାଥ ଦାସ, ନକୁଳ ବେହେରା, ରମାକାନ୍ତ ଜେନା, ନୟନୀ ଖଣ୍ଡାଇ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଧର୍ମଶାଳା ଶ୍ରୀଗୁଣ୍ଡିଚା ମନ୍ଦିରରେ ଭଜନ ସନ୍ଧ୍ୟା

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଧର୍ମଶାଳା ହାଟପଡିଆ ଠାରେ ଆଜି ଭଜନ ସନ୍ଧ୍ୟା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗୁଣ୍ଡିଚା ରଥ ଯାତ୍ରାରେ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରୁ ଠାକୁର ୯ ଦିନ ଲାଗି ନିଜ ମାଉସୀ ଘରକୁ ଆସିଥିବା ବେଳେ ହାଟପଡିଆସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରେ ରହି ଆସୁଛନ୍ତି। ଏହି ଅବସରରେ ହାଟପଡିଆସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଜଗନ୍ନାଥମୟ ହୋଇ ଉଠିଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମକୁ ମୁନସୀ ମେଲଣ କମିଟି ପକ୍ଷରୁ ପରିଚାଳିତ କରାଯାଉଛି।

## ବରିଷ୍ଠ ଆଇନଜୀବୀ ମୋହନ ମହାନ୍ତିଙ୍କ ବିୟୋଗ ଶୋକସଭା



ଚଣ୍ଡିଖୋଲ, (ସବ୍ୟୁ) :ଯାଜପୁର ଜିଲ୍ଲାର ବରିଷ୍ଠ ଆଇନଜୀବୀ ତଥା ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ବରିଷ୍ଠ ସଭ୍ୟ ଆଇନଜୀବୀ ମୋହନକୁମାର ମହାନ୍ତିଙ୍କର ଗୁରୁବାର ଦିନ ହୃଦଘାତରେ ଆକସ୍ମିକ ବିୟୋଗ ଘଟିଛି । ୧୯୮୨ ମସିହାରୁ ଦର୍ପଣ ତହସିଲ କାର୍ଯ୍ୟାଳୟରେ ଓକିଲାତି ଜୀବନ ଆରମ୍ଭ କରି ବିଭିନ୍ନ ଅଦାଲତରେ ଜଣେ ଓକିଲ ଭାବେ କାର୍ଯ୍ୟ କରିଥିଲେ । ଶେଷ ଜୀବନ ପର୍ଯ୍ୟନ୍ତ ସେ ଚଣ୍ଡିଖୋଲ କୋର୍ଟରେ ଦେଓ୍ୱାନି ଓ ଫୌଜଦାରୀ ମାମଲା ପରିଚାଳନା କରୁଥିଲେ ଓ ଆଜୀବନ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ଜଣେ ଶୃଙ୍ଖଳିତ ସଭ୍ୟ ରହିଥିଲେ । ସେ ନିଜ ଘରେ ଥିବା ବେଳେ ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା । ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏହି ଦୁଃଖଦ ଖବର ମିଳିବା ପରେ ଚଣ୍ଡିଖୋଲ ବାର ଆସୋସିଏସନ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇଥିଲା । ବାର ରସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ସମ୍ପାଦକ ପ୍ରକାଶକୁମାର ଦାଶ ଶୋକ ପ୍ରସ୍ତାବ ଆଗତ ପରେ ସର୍ଗତଃ ଆତ୍ମାର ସଦଗତି କାମନା ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ତାଙ୍କ ମର ଶରୀରକୁ ଚଣ୍ଡିଖୋଲ କୋର୍ଟ ପରିସରକୁ ଅଣାଯାଇଥିଲା । ସେଠାରେ ସମସ୍ତ ଆଇନଜୀବୀ ତାଙ୍କର ଶେଷ ଦର୍ଶନ କରିଥିଲେ । ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଗୋପବନ୍ଧୁ ଗଡନାୟକ, ସବଜଜ ବିଶଦୀପକ ସାହୁ, ଜେଏମଏଫସି ଶ୍ରୀମୟୀ ନନ୍ଦ ଓ ଶ୍ରୁତି ଅଭିଲାଷା ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଁ ଥିଲେ । ସେହିପରି ବରିଷ୍ଠ ଆଇନଜୀବୀ ପ୍ରତାପ ଦାସ,ଶରତ ଷଡଙ୍ଗୀ,ରେଣୁବାଳା ମହାନ୍ତି, ସୁରେଶଚନ୍ଦ୍ର ପଣ୍ଡା, ଜନ ବେହେରା,ଉଦୟନାଥ ସାହୁ, ଜ୍ଞାନେଶ ମହାନ୍ତି,ସୁବଳ କବି,ବେବିନଝ ଓଝା,ସୁନୀଲ ଜେନା, ଦୀନବନ୍ଧୁ ନାୟକ,ଇନ୍ଦିରା ପ୍ରିୟଦର୍ଶିନୀ ଜେନା,ପ୍ରିୟ ଗୋବିନ୍ଦ ଦାସଙ୍କ ସମେତ ବହୁ ଆଇନଜିବୀ ଶୋକ ସଭାରେ ଯୋଗଦେଇ ସର୍ଗତଃ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ପ୍ରୀତିପୁର କୃଷି ସମବାୟ ସମିତି ସମ୍ପାଦକ ନିଲମ୍ବିତ

ବିଞ୍ଝାରପୁର,(ସବ୍ୟୁ): ବିଞ୍ଝାରପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ ଅଧୀନ ପ୍ରୀତିପୁର ପ୍ରାଥମିକ କୃଷି ସମବାୟ ସମିତି ରେ ଧାନମଣ୍ଡି ପରିଚାଳନା ଓ ସଂଗ୍ରହରେ ଅନୀୟମିତତ ଅଭିଯୋଗରେ ସମ୍ପାଦକ ପରମେଶ୍ୱର ସାହୁଙ୍କୁ ନିଲମ୍ବନ କରା ଯାଇଥିବା ଜଣାଯାଇଛି। ଡେପୁଟି ରେଜିଷ୍ଟର ସୋସାଇଟିଜ ଙ୍କ ଚିଠି ସଂଖ୍ୟା୨୬୦୦ ତା ୧୪।୭।୨୦୨୭ ଅନୁଯାୟୀ ସରକାରୀ. ନିର୍ଦ୍ଦେଶନାମାର ଉଲ୍ଲଙ୍ଘନ କରିଥିବାରୁ ସମ୍ପାଦକ ପରମେଶ୍ୱର ସାହୁ ଙ୍କୁ ନିଲମ୍ବନ କରା ଯାଇଥିବା ଦର୍ଶାଯାଇଛି। ଉତ୍ତଙ୍ଗରା ପ୍ୟାକ୍ସର ସମ୍ପାଦକ ଅଜିତ କୁମାର ବରାଳଙ୍କୁ ପ୍ରୀତିପୁର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଭାବରେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

## ସାମ୍ବାଦିକଙ୍କ ପୁଅ ହେବେ ଡାକ୍ତର



ବ୍ୟାସନଗର,(ଜିପ୍ର): ଡାକ୍ତରୀ ଶିକ୍ଷା ନିମନ୍ତେ ଅନୁଷ୍ଠିତ ପ୍ରବେଶିକା(ରି-ନିଟ୍) ପରୀକ୍ଷାରେ କୋରେଇ ବ୍ଲକ କାଚରାସାହି ପଂଚାୟତ ସ୍ଥିତ ତାଳଗଡ଼ିଆ ଗ୍ରାମର ମନିସରଞ୍ଜନ ମଲ୍ଲିକ ସଫଳତା ହାସଲ କରିଛନ୍ତି । ପ୍ରୟାସ କଲେଜରେ ୨ "ନିଟ' କୋଚିଙ୍ଗ ନେଇ ମୋଟ ୭୨୦ରୁ ୫୬୪ନମ୍ବର ରଖି ସର୍ବଭାରତୀୟ ସ୍ତରରେ୨୬୯୮୭ ଓ ଇଡବ୍ଲୁଏସରେ ୩୨୩୪ର୍ଯ୍ୟାଙ୍କରେ ରହିଛନ୍ତି । ମନିସ ତାଳଗଡ଼ିଆ ଗ୍ରାମର ଅଧ୍ୟାପକ ତଥା ସାମ୍ବାଦିକ ମଳୟ କୁମାର ମଲ୍ଲିକ ଓ ମାତା ରଶ୍ମିରେଖା ମଲ୍ଲିକଙ୍କ ପୁଅ ତଥା ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତଙ୍କ ଭଣଜା ଅଟନ୍ତି । ସଫଳତାର ଶ୍ରେୟ ତାଙ୍କ ଜେଜେ ପ୍ରାଧ୍ୟାପକ ଗୋକୁଳାନନ୍ଦ ମଲ୍ଲିକ ଓ ବାପା-ମାଆ, ବଡବାପାଙ୍କ ସମେତ "ପ୍ରୟାସ'ର ଚେୟାରମ୍ୟାନ ନିହାରରଞ୍ଜନ ଦାସ ସହ ଅଧ୍ୟାପକ/ଅଧ୍ୟାପିକ ଏବଂ ପ୍ରୀତିରଞ୍ଜନ ବଳ ଓ ରଶ୍ମିତା ମିଶ୍ର ପ୍ରମୁଖଙ୍କୁ ମନିସ ସାଧୁବାଦ ଜଣାଇଥିବା ବେଳେ ବହୁମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଘରୋଇ କଳହ ସମାଧାନ ପାଇଁ ଡେରିକିରେ ମହିଳା କମିଶନ ଅଧ୍ୟକ୍ଷା



ନାଉଗା ,(ସବ୍ୟୁ) : ନାଉଗାଁ ଥାନା ଅନ୍ତର୍ଗତ ଡେରିକି ପଂଚାୟତ ବାଲିଚନ୍ଦ୍ରପୁର ଠାରେ ଗୁରୁବାର ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ସଦସ୍ୟମାନେ ପହଂଚିଥିଲେ । ଉକ୍ତ ଗ୍ରାମର ସୁଧାଂଶୁ ଶେଖର ତ୍ରିପାଠୀଙ୍କ ବଡପୁଅ ଲିଟୁନା ତ୍ରିପାଠୀ ଓ ବୋହୁ ମଧୁସ୍ମିତା ତ୍ରିପାଠୀଙ୍କୁ ତାଙ୍କ ଶାଶୁ ଶଶୁର ନିର୍ଯାତନା ଦେଉଥିବା ମଧୁସ୍ମିତା ନାଉଗାଁ ଥାନା ଓ ମହିଳା କମିଶନରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ମୁତାବକ ଶଶୁର ସୁଧାଂଶୁ ଓ ଶାଶୁ ଜ୍ୟୋସ୍ନା ଉଭୟ ପୁଅ ବୋହୁଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଥିଲା । ଅଭିଯୋଗକୁ ଭିତିକରି ମହିଳା କମିଶନର ଅଧ୍ୟକ୍ଷା ମହାନ୍ତିଙ୍କ ସହ ସଦସ୍ୟ ପ୍ରତିଭା ଶତପଥୀ, ମୁକ୍ତା ସାହୁ, ଡିଏସପି ବିଜୟିନି ସିଂ ପ୍ରମୁଖ ସୁଧାଂଶୁଙ୍କ ଘରେ ପହଂଚିଥିଲେ । ସୁଧାଂଶୁଙ୍କର ୨ପୁଅ ଓ ବୋହୁଙ୍କୁ ଡାକି ଉଭୟଙ୍କ ମଧ୍ୟରେ ଆଲୋଚନା କରିଥିଲେ । ଆଲୋଚନାରେ ଉଭୟ ଶାନ୍ତିଶୃଙ୍ଖଳା ରକ୍ଷା କରି ରହିବେ ବୋଲି ଲିଖିତ ଆକାରରେ ପ୍ରଦାନ କରିଥିବା ଅଧ୍ୟକ୍ଷା ମହାନ୍ତି ମତବ୍ୟକ୍ତ କରିଛନ୍ତି ।

# ଭାପୁର ପଞ୍ଚାୟତ ସମିତି ବୈଠକ




ଭାପୁର, (ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ପଞ୍ଚାୟତ ସମିତି ବୈଠକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗୁରୁବାର ମଧ୍ୟାହ୍ନରେ ଭାପୁର ପଞ୍ଚାୟତ ସମିତି ସଦଭାବନା କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ଭାପୁର ବ୍ଲକ ଜିପିଓ ମନୋଜ କୁମାର ମହାପାତ୍ରଙ୍କ ସମେତ ଭାପୁର ବ୍ଲକର ସମସ୍ତ ପିଇଓ, ଏଡିଓ ଉପସ୍ଥିତ ରହିଥିଲେ। ଭାପୁର ବ୍ଲକର ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଅଣଦେଖା ନ କରିବା ତଥା ଜଣେ ପ୍ରକୃତ ହିତାଧିକାରୀ ଯେମିତି ଆବାସ ଯୋଜନାରୁ ବାଦ ନପଡେ ଓ ସରକାରଙ୍କ ଗାଇଡ ଲାଇନ ଅନୁଯାୟୀ କାର୍ଯ୍ୟ କରିବା ପାଇଁ ଆଲୋଚନା ସହ ଉପାଧ୍ୟକ୍ଷ ଶ୍ରୀ ପ୍ରଧାନ ତାଗିଦ କରିଥିଲେ ।

# ଜନବସତିରେ ମଦ ଦୋକାନ : ରାସ୍ତାରେ ଗଡ଼ିଲେ ନିଶାଡ଼ି

କଣ୍ଟାପଡ଼ା, (ସବ୍ୟୁ) : ସରକାରଙ୍କ ଅବକାରୀ ନୀତି ଅନୁଯାୟୀ ଶିକ୍ଷାନୁଷ୍ଠାନ, ଦେବାଳୟ ଓ ଜନବସତି ଅଞ୍ଚଳରେ ମଦ ଦୋକାନ ଖୋଲିବାରେ କଟକଣା ରହିଛି। ମାତ୍ର କେତେକ ସ୍ଥାନରେ ଏହି ନିୟମର ଖୋଲାଖୋଲି ଉଲ୍ଲଙ୍ଘନ ହେଉଥିବା ପରିଲକ୍ଷିତ ହେଉଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି।

କଣ୍ଟାପଡ଼ା ବ୍ଲକ ଓଲଟପୁର ଥାନା ଅନ୍ତର୍ଗତ ଅଡ଼ଶପୁର ଉଦୟନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟରେ ମଦ ଦୋକାନ ଗତ ଦୁଇ ସପ୍ତାହ ହେଲା ଏହା ଅଡ଼ଶପୁର ଗ୍ରାମ ପଛ ପାର୍ଶ୍ୱ ତଥା ବରାହୀପୁର ମୌଜା କେନାଲ ବନ୍ଧ ପାର୍ଶ୍ୱକୁ ସ୍ଥାନାନ୍ତରିତ ହୋଇଛି। ଏହି ମଦ ଦୋକାନ ନିକଟରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ଦୋକାନ ଭଳି ଏକାଧିକ ବ୍ୟବସାୟ ପ୍ରତିଷ୍ଠାନ ମଧ ରହିଛି। ମଦପମାନେ ଏଠାରୁ ମଦପାନ କରି ନିଶାଗ୍ରସ୍ତ ଅବସ୍ଥାରେ ଗ୍ରାମର ମୁଖ ରାସ୍ତାରେ ଗଡୁଥିବା ଦେଖାଯାଉଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପଡୁଛି।

ଆଗକୁ ପରିସ୍ଥିତି ଅଧିକ ଜଟିଳ ଆକାର ଧାରଣ କରିବାର ଆଶଙ୍କା ମଧ ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ସରକାରୀ ଜାଗାକୁ ଅକ୍ତିଆର କରି ସେଠାରେ ନିର୍ମିତ ଏକ ବେଆଇନ ଘରେ ଉକ୍ତ ଦେଶୀ ମଦ ଦୋକାନ ଖୋଲିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏଠାରୁ ଦେଶୀ ମଦ ଦୋକାନକୁ ତୁରନ୍ତ ହଟାଇବାକୁ ଓଲଟପୁର ଥାନାରେ ଅଭିଯୋଗ ହୋଇଛି ଏବଂ ଜିଲା ଅବକାରୀ ବିଭାଗର ଉଚ୍ଚ ଅଧିକାରୀଙ୍କ ନିକଟକୁ ମଧ ଅଭିଯୋଗ ପ୍ରେରଣ ହୋଇଛି। ଏତଦ ବ୍ୟତୀତ ଜଳସମ୍ପଦ ବିଭାଗ ଜମି ଉପରେ ହୋଇଥିବା ବେଆଇନ ଘରକୁ ଉଚ୍ଛେଦ କରିବାକୁ ମଧ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇଛି।

# ବିଦ୍ୟାଳୟରେ ପ୍ରବେଶ ଉତ୍ସବ




ନୟାହାଟ, (ସବ୍ୟୁ): ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ କଳା ଓ ବିଜ୍ଞାନ ବିଭଗରେ ନାମ ଲେଖାଇଥିବା ନୂତନ ଛାତ୍ରଛାତ୍ରୀ ମାନଙ୍କର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ମୁଖ୍ୟ ଫାଟକରୁ ନୂତନ ଛାତ୍ରଛାତ୍ରୀ ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରି ବିଦ୍ୟାଳୟ ଭିତରକୁ ପାଛୋଟି ନେଇଥିଲେ ।

ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ଜୟରାମ ସ୍ୱାଇଁ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷଣୀୟ ସମ୍ବନ୍ଧୀୟ ଉଦ୍‌ବୋଧନ ଦେବା ସହ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ନୂତନ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନରସିଂହପୁର, (ସବ୍ୟୁ): ନରସିଂହପୁର ବ୍ଲକର ମଣ୍ଡଳ ଶିକ୍ଷା ଅଧିକାରୀ ଭାବେ ମନିଶା ବିଶ୍ୱାଳ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀମତୀ ବିଶ୍ୱାଳ କଟକ ସ୍ଥିତ ପି ଏମ ଏକାଡେମୀରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର କାର୍ଯ୍ୟରେ ଯୋଗଦାନ ପରେ ଏବିଇଓ ନିରଞ୍ଜନ ପ୍ରଧାନ, ଲକ୍ଷ୍ମୀଧର ବେହେରା,କାର୍ଯ୍ୟାଳୟର ପ୍ରଶାନ୍ତ ସାହୁ, ଜିତେନ୍ଦ୍ର ସାହୁ, ମାମିନା ପ୍ରଧାନ, ପ୍ରବୀଣା ସେନାପତି, ମାୟାଧର ମାନସିଂହଙ୍କ ସମେତ ସମସ୍ତ କର୍ମଚାରୀମାନଙ୍କ ସହ ସାକ୍ଷାତ କରି ବ୍ଲକର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରାଥମିକ ସମୀକ୍ଷା କରିଥିଲେ। ଏହାପରେ କାର୍ଯାଳୟ ତରଫରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସାଗତ କରିଥିଲେ। ଏହାପରେ ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ)ର



ସଭାପତି ଆମ୍ବରୀଶ ସାହୁ, ସମ୍ପାଦକ ପଦ୍ମଲୋଚନ ନାଏକ,ଅଭିମନ୍ୟୁ ଚମ୍ପତିରାୟ, ଶେଷଦେବ ସାମଲ, ପର୍ଶୁରାମ ବେହେରା,ସିଆରସିସି ବିଶ୍ୱନାଥ ସାହୁ, ବୀଣାପାଣି ଜେନା, ବିନାୟକ ମିଶ୍ର,ପ୍ରାଥମିକ ଶିକ୍ଷକ ସଂଘ ଏଲିମେଣ୍ଟାରୀର ସଭାପତି ଦେବରାଜ ଦାସ, ସମ୍ପାଦକ ଦ୍ୱିତିକୃଷ୍ଣ ଭଞ୍ଜ,ଗୋବିନ୍ଦ ବେହେରା, ଅକ୍ଷୟ ବେହେରା,ଲକ୍ଷ୍ମୀଧର ବେହେରାଙ୍କ ତରଫରୁ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀମତୀ ବିଶ୍ୱାଳଙ୍କୁ ସସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।ତାଙ୍କ ନେତୃତ୍ୱରେ ନରସିଂହପୁର ବ୍ଲକର ସମସ୍ତ ଶିକ୍ଷା ଅନୁଷ୍ଠାନ ଅଧିକ ଉନ୍ନତି ହେବ ବୋଲି ଅଞ୍ଚଳବାସୀ ଆଶା ବ୍ୟକ୍ତ କରିଛନ୍ତି।

# ବର୍ଷା ପାଣିରେ ବୁଡିଛି ଏକର ଏକର ଚାଷ ଜମି, ଚିନ୍ତାରେ ଚାଷୀ

ଖଣ୍ଡପଡ଼ା ,(ସବ୍ୟୁ): ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ଖଣ୍ଡପଡ଼ା ଅଞ୍ଚଳରେ ଏକର ଏକର ଧାନ ଚାଷ ଜମିରେ ବର୍ଷା ପାଣି ଲହଡି ମାରୁଛି।ଫଳରେ ଜମିରେ ଥିବା ଧାନ ଗଛ ଓ ରୁଆ ଯାଇଥିବା ଧାନ ତଳି ଗୁଡ଼ିକ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଡିପ ଅଞ୍ଚଳରେ ଥିବା ଜମି ଗୁଡିକୁ ବାଦ ଦେଲେ ଖାଲୁଆ ଅଞ୍ଚଳରେ ଥିବା ଚାଷ ଜମି ଗୁଡିକରେ ଧାନ ଗଛ ଗୁଡିକ ପାଣିରେ ବୁଡି ରହିଥିବାରୁ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଛି।ଖଣ୍ଡପଡା ବ୍ଲକ ଅଧୀନ ୨୨ ଟି ପଞ୍ଚାୟତର ଚାଷୀ ମାନେ ଲଗାଣ ବର୍ଷାର ପ୍ରଭାବରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି।କୃଷିପ୍ରଧାନ ଅଞ୍ଚଳ ଭାବେ ଜଣାଶୁଣା ବୋଦସା, ଶାଳଝରିଆ, ଜଗନ୍ନାଥପ୍ରସାଦ, ବେଣାଗାଡିଆ, ବଡବାଣପୁର, ଶିଖରପୁର, ରାଣୀଛେଲି ସିଧାମୂଳା ଓ ବନମାଳିପୁର ପଞ୍ଚାୟତର ହଜାର ହଜାର ଚାଷୀ ପରିବାର ଲଗାଣ ବର୍ଷାର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି।କୃଷି ବିଭାଗ କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# କୁଞ୍ଜବିହାରୀ ନୋଡାଲ ହାଇସ୍କୁଲ ବାର୍ଷିକୋତ୍ସବ

କଣ୍ଟିଲୋ, (ସବ୍ୟୁ): କଣ୍ଟିଲୋ କୁଞ୍ଜବିହାରୀ ନୋଡାଲ ହାଇସ୍କୁଲର ୬୨ ତମ ବାର୍ଷିକ ଉତ୍ସବ ସୋମବାର ଦିନ ପାଳିତ ହୋଇଯାଇଛି। ସୋମବାର ପ୍ରତ୍ୟୁଷରେ ସମସ୍ତ ଛାତ୍ରୀ ନିକଟସ୍ଥ ନୀଳମାଧ ମନ୍ଦିର ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ । ବିଦ୍ୟାଳୟ ପରିସରରେ ଥିବା ପ୍ରତିଷ୍ଠାତା ସ୍ୱର୍ଗତ କୁଞ୍ଜବିହାରୀ ସାହୁ ଓ ସହଧର୍ମିଣୀ ସ୍ୱର୍ଗତ ରଙ୍ଗବତୀ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ କେକ କାଟି ଜନ୍ମଦିନ ପାଳନ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡାଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ । ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଶ୍ମିତା ସାହୁ, ସାମ୍ବାଦିକ ପ୍ରଭାକର ଶିରୋମଣି, ମିନାକ୍ଷୀ ସ୍ୱାଇଁ,ସନ୍ତୋଷ କୁମାର ସାହୁ,ପୁର୍ଣ୍ଣ ଚନ୍ଦ୍ର ଜେନା, ପାର୍ବତୀ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ।ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶନିଶ୍ଚରଦେବଙ୍କ ନୂତନ ମନ୍ଦିର ରନ୍ମୁଦ ଉତ୍ସବ

ବୋଲଗଡ ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ବାଙ୍କୋଇଗଡ ସାହି ସ୍ଥିତ ଶ୍ରୀଶ୍ରୀ ସନିଶ୍ୱରଦେବଙ୍କ ନୂତନ ମନ୍ଦିର ଓ ରନ୍ମୁଦି ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ପହଞ୍ଚି ଆହୁତି ପ୍ରଦାନ କରିଥିଲେ। ଏହି ପବିତ୍ର ଉତ୍ସବ ଦିବସ ଅବସରରେ ପ୍ରାତଃରେ ସ୍ନାନ କରାଯାଇ କଳସ ଯାତ୍ରା ଓ ପରେ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ପ୍ରାରମ୍ଭରେ ସୂର୍ଯ୍ୟପୂଜା, ଦାରପୂଜା ଓ ପାର୍ଶ୍ୱପୂଜା ଆଦି ସମାପନ କରାଯାଇ ବିଦ୍ୟାନ ପଣ୍ଡିତ ବ୍ରାହ୍ମଣମାନଙ୍କ ବେଦାଦୀ ମନ୍ତ୍ର ଉଚ୍ଚାରଣରେ ମହାଯଜ୍ଞ ଉତ୍ସବଟୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବାଙ୍କୋଇଗଡ ସାହିର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଫସଲ ବୀମା ପଞ୍ଜିକରଣ ସଚେତନତା ରଥ ଉଦଘାଟିତ

ଆଠଗଡ , (ସବ୍ୟୁ): ଚଳିତ ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରେ ଚାଷୀ ପଞ୍ଜିକରଣ ସଚେତନତା ରଥ ବୁଧବାର ଦିନ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଚାଷୀମାନେ ଆସନ୍ତା ଜୁଲାଇ ୩୧ ତାରିଖ ସୁଦ୍ଧା ସେମାନଙ୍କର ନାମ ନିକଟସ୍ଥ କୃଷି ସମବାୟ ସମିତି, ଜନସେବା କେନ୍ଦ୍ର କିମ୍ବା ସମବାୟ ବ୍ୟାଙ୍କ ଶାଖା ରେ କରିପାରିବେ। ପଞ୍ଜିକରଣ ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ଥିବା ବେଳେ ଜଣେ ଚାଷୀ କେବଳ ସର୍ବାଧିକ ୫ ଏକର ଜମିର ପଞ୍ଜିକରଣ କରିପାରିବେ। ଚାଷୀକୁ ନିଜର ବ୍ୟାଙ୍କ ଆକାଉଣ୍ଟ ଭେରିଫିକେସନ ପାଇଁ କେବଳ ୧ ଟଙ୍କା ଦେବାକୁ ପଡିବ। ଏହି ପଞ୍ଜିକରଣ ଧାନ ମକା, ଚିନାବାଦାମ, ମାଣ୍ଡିଆ, କପା,ହରଡ,ଅଦା, ଏବଂ ହଳଦୀ ଚାଷ ପାଇଁ କରା ଯାଇ ପାରିବ। ନରସିଂହପୁର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ରାମନାରାୟଣ ମଲ୍ଲିକ ଏହି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ।

# ଗରିବ ହିନ୍ଦୁ ଝିଅକୁ ବାହାଦେଲେ ଆଜାଦ ଅଲ୍ଲୀ



ବାଲିପାଟଣା, (ସବ୍ୟୁ): ଦରିଦ୍ର ଅନାଟନରେ ପେଶି ହେଇଯାଉଥିବା ଏକ ହିନ୍ଦୁ ପରିବାରକୁ ସାହାଯ୍ୟର ହାତ ବଢ଼ାଇଛନ୍ତି ଜଣେ ମୁସଲିମ ଆଜାଦ ଅଲ୍ଲୀ । ସେ ବାପ ଛେଉଣ୍ଡ ଗରିବ ହିନ୍ଦୁଝିଅ ପୂଜାକୁ ନିଜର ଝିଅ କରି ଅଠାନ୍ତର ଗ୍ରାମର ଜଣେ ହିନ୍ଦୁ ଯୁବକଙ୍କୁ ବିବାହ ଦେଇ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ନିମାପଡ଼ା ଥାନା ଅନ୍ତର୍ଗତ ଗଡତୋରିଆ ଗାଁର ପୁଜା ନାୟକ ତାର ବାପାଙ୍କ ମୃତ୍ୟୁ ପରେ ସେ ବେସାହାରା ହୋଇଯାଇଥିଲେ।

ପରିବାରର ଦୟନୀୟ ଅବସ୍ଥା ଏତେ ଖରାପ ଯେ, ଚଳିବା କଷ୍ଟକର ହୋଇ ପଡୁଥିଲା। ବଢ଼ିଲା ଝିଅ ପୁଜା କଥା ଚିନ୍ତା କରିବ ବା କିଏ,। ଏପରି ଅସ୍ଥା ଦେଖି ବାଲିପାଟଣା ସାହେବ ନଗର ଗ୍ରାମର ସମାଜ ସେବୀ ଆଜାଦ ଅଲ୍ଲୀ ଖାନ ଝିଅଟିକୁ ନିଜର ଝିଅ କରି ନେଇଥିଲେ। ତାର ସମସ୍ତ ଦାୟିତ୍ୱ ନେବା ସହ ଗୋଟିଏ ହିନ୍ଦୁ ଧର୍ମର ପାତ୍ର ଖୋଜିବାରେ ଲାଗି ପଡ଼ିଥିଲେ।ଶେଷରେ ସେହି ବାଲିପାଟଣା ଥାନା ଅନ୍ତର୍ଗତ ଅଠାନ୍ତର ଗ୍ରାମର ଜଣେ ଯୁବକକୁ ବର ରୂପେ ଗ୍ରହଣ କରିଥିଲେ। ସମସ୍ତ ଖର୍ଚ୍ଚ ବହନ କରି ନିକଟସ୍ଥ ମା ଗିରୀଙ୍ଗେଶରି ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ରୀତି ନୀତି ଅନୁଯାୟୀ ବିବାହ କାର୍ଯ୍ୟ ସମାପନ ହୋଇଥିଲା। ଆଖ ପାଖ ଅଞ୍ଚଳରୁ ଶତାଧିକ ଗ୍ରାମବାସୀ ଯୋଗଦେଇ ଏଭଳି ଏକ ଧର୍ମ କାର୍ଯ୍ୟ ପାଇଁ ଆଜାଦକୁ ସମସ୍ତେ ଭୂୟସୀ ପ୍ରଂଶସା କରିଛନ୍ତି। ସମସ୍ତ ଜାତି ଧର୍ମ ଭୁଲି ସେ ଝିଅଟିକୁ ଗୋଟିଏ ହିନ୍ଦୁ ପରିବାରରେ ବିବାହ ଦେଇଥିବାରୁ ସବୁ ଧର୍ମରୁ ପ୍ରଶଂସାର ସୁଅ ଛୁଟିଛି ।

# ମଦ ଜବତ: ମାରୁତି କାର୍ ଜବତ, ଅଭିଯୁକ୍ତ ଗିରଫ

କାକଟପୁର, (ସବ୍ୟୁ) : କାକଟପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକ ନିକଟରେ କାକଟପୁର ପୋଲିସ ଦ୍ୱାରା ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା ଦେଶୀ ମଦ ଜବତ ହେବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ନିଆହାଟ ଫାଣ୍ଡି ଅଧୀନସ୍ଥ ଧୁମାଳ ଗ୍ରାମର ସ୍ୱର୍ଗତ ବାସୁଦେବ ସାହୁଙ୍କ ପୁଅ ନୃସିଂହ ଚରଣ ସାହୁ (୪୨)।ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସନ୍ଧ୍ୟା ପ୍ରାୟ ୬:୩୦ ମିନିଟ ସମୟରେ କାକଟପୁର ଥାନାର .ଏ.ଏସ.ଆଇ ଜୟନ୍ତୀ ସାହୁ ଓ ପୋଲିସ ଟିମ ଜଗନ୍ନାଥପୁର ଛକଠାରେ ଗାଡ଼ି ମୋଟର ଯାଞ୍ଚ ଏବଂ ଅବକାରୀ ଚଢ଼ାଉ କରୁଥିଲେ। ଏହି ସମୟରେ ଏକ ସନ୍ଦେହଜନକ ମାରୁତି ସୁଜୁକି କାର୍ ନଂ- OR.02.BX.୦୯୮୯ କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଗାଡ଼ି ଭିତରୁ ବେଆଇନ ଭାବେ ବିକ୍ରି ପାଇଁ ୧୮୦ଟି ଦେଶୀ ମଦ ବୋତଲ ପ୍ରତ୍ୟେକ ୩୦୦ ମି.ଲି., ସମୁଦାୟ ୫୪ ଲିଟର ଜବତ କରାଯାଇଥିଲା। ଏହି ମଦ ପରିବହନ ପାଇଁ ଅଭିଯୁକ୍ତଙ୍କ ପାଖରେ କୌଣସି ବୈଧ କାଗଜପତ୍ର ନଥିଲା। ପୋଲିସ ମଦ ସହ ପରିବହନରେ ବ୍ୟବହୃତ ମାରୁତି କାରଟିକୁ ଜବତ କରିଛି। ଏ ନେଇ କାକଟପୁର ଥାନାରେ ଓଡ଼ିଶା ଅବକାରୀ ଆଇନରେ ଧାରା ୫୨(ଏ) ଅନୁଯାୟୀ ମାମଲା କେସ ନଂ – ୨୬୮/୨୦୨୬ ରୁଜୁ କରାଯାଇଛି। ଅଭିଯୁକ୍ତ ନୃସିଂହ ଚରଣ ସାହୁଙ୍କୁ ୨୨ ତାରିଖ ସନ୍ଧ୍ୟାରେ ଗିରଫ କରାଯିବା ପରେ ଗୁରୁବାର ସକାଳେ କୋର୍ଟ ଚାଲାଣ କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଦଶପଲ୍ଲା, (ସବ୍ୟୁ): ସୋମବାର ଦିନ ଦଶପଲ୍ଲା ବ୍ଲକ ପରିସରରେ ନୟାଗଡ଼ ଜିଲ୍ଲାପାଳ ଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣୀ ଶିବିରରେ ଜିଲ୍ଲା ଓ ବ୍ଲକ ର ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ଥିଲେ । ସମୁଦାୟ ୯୦ ଟି ଅଭିଯୋଗ ଜିଲ୍ଲାପାଳ ଙ୍କ ହସ୍ତଗତ ହୋଇଥିବା ବେଳେ ଏଥିମଧ୍ୟରେ ବ୍ୟକ୍ତିଗତ ଅଭିଯୋଗ ୯୦ ଟି,ଗ୍ରାମୀଣ ଅଭିଯୋଗ ୧୨ ଟି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ସହାୟତା ପାଇଁ ୧୩ ଟି ଅଭିଯୋଗ ପଞ୍ଜିକରଣ କରାଯାଇଛି ।

ଏହି ଅଭିଯୋଗ ମଧ୍ୟରୁ ୨୮ ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ବାକି ଅଭିଯୋଗ ଗୁଡ଼ିକୁ ତଦନ୍ତ କରି ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଛି ।

# ରୋଗୀ କଲ୍ୟାଣ ସମିତି ବୈଠକ




କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି (ଆର୍କେଏସ)ର ବୈଠକ ମଙ୍ଗଳବାର ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରଥମେ ପୂର୍ବ ବୈଠକରେ ଗୃହୀତ ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତିର ସମୀକ୍ଷା କରାଯାଇଥିଲା। ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ କଣାସ ସିଏଚ୍ସିରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ନର୍ସିଂ କର୍ମଚାରୀ ନିଯୁକ୍ତ ହୋଇନଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ସେ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି ଏକ ମାସ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ପଦକ୍ଷେପ ନ ନିଆଗଲେ ଡାକ୍ତରଖାନା ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା ।ଡାକ୍ତରଖାନାର ନୂତନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟରେ ବିଳମ୍ବ ନେଇ ବିଧାୟକ ଉଦବେଗ ପ୍ରକାଶ କରି ଗୃହନିର୍ମାଣ ବିଭାଗର ଯନ୍ତ୍ରୀଙ୍କୁ ଦୁଇ ଦିନ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡାକ୍ତରଖାନା ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଆସବାବପତ୍ର ଯୋଗାଣ ନିମନ୍ତେ ପଠାଯାଇଥିବା ଇଣ୍ଡେଣ୍ଟକୁ ଶୀଘ୍ର ମଞ୍ଜୁର କରିବାକୁ ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇଥିଲା।ବୈଠକରେ ରୋଗୀ କଲ୍ୟାଣ ସମିତିର ଗତ ଆର୍ଥିକ ବର୍ଷର ଆୟ-ବ୍ୟୟ ହିସାବ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯିବା ସହ ଚଳିତ ଆର୍ଥିକ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟଯୋଜନା ମଧ ଗୃହୀତ ହୋଇଥିଲା। ଏହି ବୈଠକରେ ବ୍ଲକ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ , ତହସିଲଦାର ହିମାଂଶୁ ଶେଖର ଗିରି ,ସିଏଚ୍ସି ଅଧୀକ୍ଷକ ଡା. ବିବେକ ଅନୁରାଗ, ରୋଗୀ କଲ୍ୟାଣ ସମିତିର ସଦସ୍ୟ ଭଗବାନ ସୁବୁଦ୍ଧି, ଶ୍ରୀକାନ୍ତ ପଟ୍ଟଯୋଶୀ, ଡା. ସବ୍ୟସାଚୀ ମହାପାତ୍ର, ଡା. ସୋନାଲି ସ୍ୱାଇଁ, ଡା. ବିଶ୍ୱରଞ୍ଜନ ଜେନା, ବିପିଏମ ଧନେଶ୍ୱର ସ୍ୱାଇଁ, ଇଞ୍ଜିନିୟର ପୂର୍ଣ୍ଣଚନ୍ଦ୍ର ବେହେରା, ଇଞ୍ଜିନିୟର ଜଗନ କୁମାର ଜେନାଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଶ୍ରୀ ଜଗନ୍ନାଥ ଓ ରଥଯାତ୍ରା

ଶ୍ରୀଜଗନ୍ନାଥ ଏବଂ ତାଙ୍କର ରଥଯାତ୍ରା ସମଗ୍ର ବିଶ୍ୱର ଆଧାତ୍ମିକ ପରମ୍ପରା ମଧ୍ୟରେ ନାନା ଦିଗରୁ ଅତୁଳନୀୟ , ଅନନ୍ୟ ଓ ଅସାଧାରଣ । ଶ୍ରୀଜଗନ୍ନାଥଙ୍କର ଆଦି ଓ ଅନ୍ତ କଳ୍ପନା କରିବା ଏକ ଅସମ୍ଭବ ବ୍ୟାପାର । ବେଦ, ରାମାୟଣ ଏବଂ ମହାଭାରତ ଓ ସ୍କନ୍ଧ ପୁରାଣରେ ଶ୍ରୀଜଗନ୍ନାଥ ଏବଂ ପୁରୁଷୋତ୍ତମ କ୍ଷେତ୍ରର ବର୍ଣ୍ଣନା ମିଳିଥାଏ

ଶ୍ରୀଜଗନ୍ନାଥ ସମଗ୍ର ଜଗତର ନାଥ ଏବଂ ଓଡ଼ିଶାର ପ୍ରାଣ। ଶ୍ରୀଜଗନ୍ନାଥଙ୍କର ଖାଦ୍ୟ, ପେୟ, ଉତ୍ସବ, ଆମୋଦ-ପ୍ରମୋଦ ଆଦି ସମସ୍ତ ଓଡ଼ିଆ ଜନଜୀବନର ଆଧାର। ପଖାଳ, ଦହି ପଖାଳ, ଚିପୁଡ଼ା ପଖାଳ ପୋଲାଉ, ସାଦା ଭାତ, ମୁଗ ଡାଲି, ବେସର, ମହୁର, ଖଟା, ଶାଗ, ଖଜା, ଲଡୁ, ଜିଲାପି, ପାୟସ, ଖିରି, କାକରା, ମାଲପୂଆ ଆଦି ନାନାବିଧ ପ୍ରସାଦ ସେ ଗ୍ରହଣ କରନ୍ତି। ସମଗ୍ର ପୃଥିବୀରେ କୌଣସି ଦେବତାଙ୍କର ଏପରି ବିଳାସୀ ଓ ସ୍ୱାଦିଷ୍ଟ ଭୋଜନ ବ୍ୟବସ୍ଥା ନାହିଁ।

ଏସବୁ ସତ୍ତ୍ୱେ ସେ ଜଣେ ହୃଦୟବାନ ସାମନ୍ତ ଓ ଜଣେ ଦରଦୀ ବନ୍ଧୁ। ତାଙ୍କର ଜୀବନ ଓ ବ୍ୟବହାର ଅତ୍ୟନ୍ତ ମାନବୀୟ। ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରିବା ପରେ ତାଙ୍କୁ ଜ୍ୱର ହୁଏ, ତେଣୁ ତାଙ୍କୁ ଚଉଦ ଦିନ କାଳ ବିଭିନ୍ନ ଆୟୁର୍ବେଦିକ ଉପଚାରରେ ଗୁପ୍ତ ଭାବରେ ରଖାଯାଏ। ଏହାକୁ ଗୁପ୍ତ ସେବା କୁହାଯାଏ। ଦଇତାପତିମାନେ ଏହି ସେବା କରନ୍ତି ଏମାନେ ଶବର ବଂଶଧର। ଶବର ରାଜା ବିଶ୍ୱାବସୁଙ୍କର ଉତ୍ତରାଧିକାରୀ। ଏଠାରେ ବ୍ରାହ୍ମଣ, ଶବର ସମେତ ସମସ୍ତ ବର୍ଣ୍ଣର ଭକ୍ତମାନଙ୍କର ବିଭିନ୍ନ ସେବା-ପୂଜା ସୁନିର୍ଦ୍ଦିଷ୍ଟ ଅଛି। ଏହା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିର ଏକ ଅନନ୍ୟ ବିଶେଷତ୍ୱ। ଶ୍ରୀଜଗନ୍ନାଥଙ୍କର ଲୀଳାର ଅନ୍ୟ ଏକ ବିଶେଷତ୍ୱ ହେଲା, ଏଠାରେ ଆନନ୍ଦ ବଜାରରେ ଭକ୍ତମାନେ ଏକାସାଙ୍ଗରେ ବସି ଜାତି, ବର୍ଣ୍ଣ ନିର୍ବିଶେଷରେ ଏକ ପାତ୍ରରୁ ମହାପ୍ରସାଦ ପାଆନ୍ତି।


ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ଜାତିଭେଦର ତୀବ୍ର ଜ୍ୱାଳାରେ ଯେତେବେଳେ ଭାରତୀୟ ସମାଜ ଜର୍ଜରିତ ଥିଲା, ସେହି ସମୟରେ ମଧ ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଜଗନ୍ନାଥ ଚେତନା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସାମାଜିକ ସମରସତା, ରାଷ୍ଟ୍ରୀୟ ଏକାତ୍ମତା ଓ ବସୁଧୈବ କୁଟୁମ୍ବକମ୍ ର ମହାନ ଧ୍ୱଜ ଧାରଣ କରି ଆସିଛି। ମାନବତାବାଦର ଏହାଠାରୁ ବଡ଼ ଉଦାହରଣ ଆଉ କ'ଣ ହୋଇପାରେ?

ଭକ୍ତ ଗଣପତି ଭକ୍ତଙ୍କ ଇଚ୍ଛାକୁ ସମ୍ମାନ ଦେଇ ସେ ତାଙ୍କୁ ସ୍ନାନ ମଣ୍ଡପ ରେ ଗଣ ପତି ରୂପରେ ଦର୍ଶନ ଦିଅନ୍ତି । ଭକ୍ତ ଦାସିଆ ବାଉରୀଙ୍କ ମାନ ରଖିବା ପାଇଁ ସେ ତାଙ୍କ ନଡ଼ିଆକୁ ନିଜ ହାତ ବଢ଼ାଇ ଗ୍ରହଣ କରନ୍ତି। ଭକ୍ତଙ୍କ ଦୁଃଖରେ ବିଗଳିତ ହୃଦୟ ଶ୍ରୀଜଗନ୍ନାଥ ବନ୍ଧୁ ମହାନ୍ତି ଓ ରଘୁ ଅରକ୍ଷିତ ଙ୍କର ମାନ ରକ୍ଷା କରନ୍ତି। ଶ୍ରୀ ଜଗନ୍ନାଥ ସମଗ୍ର ମାନବଜାତି ର ପ୍ରତିନିଧିତ୍ୱ କରନ୍ତି। ସମଗ୍ର ଜଗତରେ ପ୍ରାୟ ତିନି ପ୍ରକାର ବର୍ଣ୍ଣର ଲୋକ ଦେଖାଯାଆନ୍ତି- ଏକ କଳା ବର୍ଣ୍ଣର, ଯେପରିକି ଭାରତ,ଆଫ୍ରିକାର ଲୋକମାନେ ଦ୍ୱିତୀୟ ଗୌର ବର୍ଣ୍ଣର, ଯେପରିକି ୟୁରୋପ ଓ ଆମେରିକାର ଲୋକମାନେ ଏବଂ ତୃତୀୟ ହଳଦିଆ ବର୍ଣ୍ଣର, ଯେପରିକି ଚୀନ, ଜାପାନ ଓ ମଙ୍ଗୋଲିଆର ଲୋକମାନେ । ଶ୍ରୀଜଗନ୍ନାଥଙ୍କର କଳା ବର୍ଣ୍ଣ, ଶ୍ରୀବଳଭଦ୍ରଙ୍କର ଧଳା ବର୍ଣ୍ଣ ଓ ଦେବୀ ସୁଭଦ୍ରାଙ୍କର ହଳଦିଆ ବର୍ଣ୍ଣ ମାଧ୍ୟମରେ ସମଗ୍ର ମାନବଜାତିର ଏକତା ତାଙ୍କଠାରେ ସମାହିତ ହୋଇଛି ।

ଶ୍ରୀଜଗନ୍ନାଥ ଓଡ଼ିଶାର ଗ୍ରାମ୍ୟ ପାରିବାରିକ ଜୀବନର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ସାଧାରଣତଃ ସବୁ ମନ୍ଦିରରେ ଦେବତାମାନେ ନିଜ ନିଜ ସହଧର୍ମିଣୀଙ୍କ ସହିତ ବିରାଜମାନ କରନ୍ତି। ମାତ୍ର ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ନିଜ ଭଉଣୀ ସୁଭଦ୍ରାଙ୍କ ସହିତ ବିରାଜମାନ କରିଛନ୍ତି। କାରଣ ପ୍ରାଚୀନ ଓଡ଼ିଆ ପରିବାର ରେ ମା ଭଉଣୀ ମାନଙ୍କ ସହ ଯେପରି ସ୍ୱଚ୍ଛନ୍ଦ ରେ ମିଶି ହୁଏ ସ୍ତ୍ରୀ ମାନଙ୍କ ସହିତ ମୁକ୍ତ ଭାବରେ ମିଶିବାରେ ସଙ୍କୋଚ ଅନୁଭବ କରାଯାଏ। ସମସ୍ତ ମତ, ପନ୍ଥ ଓ ସମ୍ପ୍ରଦାୟର ଲୋକେ ଶ୍ରୀଜଗନ୍ନାଥଙ୍କଠାରେ ନିଜ ନିଜ ଆରାଧ୍ୟଙ୍କୁ ଦର୍ଶନ କରନ୍ତି। ସେ ଗୋସ୍ୱାମୀ ତୁଳସୀଦାସ, ହନୁମାନ ଓ ବିଭୀଷଣଙ୍କୁ ରାମ ରୂପରେ ଦର୍ଶନ ଦେଇଛନ୍ତି । ସେ ବୈଷ୍ଣବମାନଙ୍କର ବିଷ୍ଣୁ ଅଥବା ଶ୍ରୀକୃଷ୍ଣ, ଶୈବମାନଙ୍କର ଶିବ, ଗାଣପତ୍ୟମାନଙ୍କର ଗଣପତି, ଶାକ୍ତର ଶକ୍ତି ଏବଂ ତାନ୍ତ୍ରିକର ଭୈରବ ଅଟନ୍ତି ।

ଏଣୁ କୁହାଯାଇଛି –

ୟଂ ଶୈବାଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନୋ,
ବୌଦ୍ଧା ବୁଦ୍ଧ ଇତି ପ୍ରମାଣପଟବଃ କର୍ତ୍ତେତି ନୈୟାୟିକାଃ ।
ଅର୍ହନ୍ନିତ୍ୟଥ ଜୈନଶାସନରତାଃ କର୍ମେତି ମୀମାଂସକାଃ,
ସୋୟଂ ବୋ ବିଦଧାତୁ ବାଞ୍ଛିତଫଳଂ ତ୍ରୈଲୋକ୍ୟନାଥୋ ହରିଃ ।

ଭଗବତପାଦ ଆଦ୍ୟ ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ, ଭଗବାନ ଶ୍ରୀଚୈତନ୍ୟ ଦେବ , ସନ୍ଥ ତୁଳସୀଦାସ, ଗୁରୁ ନାନକଦେବ, ଶ୍ରୀଶ୍ରୀ ମାଧବେନ୍ଦ୍ର ପୁରୀଜୀ, ସନ୍ଥ କବୀର ଆଦି ବିଭିନ୍ନ ଧର୍ମ ମତ ସମ୍ପ୍ରଦାୟର ଅନେକ ଶୀର୍ଷ ଆଚାର୍ଯ୍ୟ ପୁରୀ ଆସି ମଠ ସ୍ଥାପନ କରିଛନ୍ତି। ଶ୍ରୀଜଗନ୍ନାଥ ରଥଯାତ୍ରା ଏକ ଅନନ୍ୟ ପରମ୍ପରା। ମହାପ୍ରଭୂ ଆଷାଢ଼ ମାସର ନିର୍ଦ୍ଦିଷ୍ଟ ତିଥିରେ ଶ୍ରୀ ଜଗନ୍ନାଥ ମନ୍ଦିରରୁ ବାହାରି ଭଉଣୀ ସୁଭଦ୍ରା ଓ ବଡ଼ ଭାଇ ବଳଭଦ୍ରଙ୍କ ସହିତ ସୁସଜିତ କାଠ ନିର୍ମିତ ରଥରେ ବଡ଼ଦାଣ୍ଡରେ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି। ପୁଣି ନବମ ଦିନରେ ଶ୍ରୀମନ୍ଦିରକୁ ଫେରି ଆସନ୍ତି।

ଲକ୍ଷ ଲକ୍ଷ ଭକ୍ତ ଶ୍ରଦ୍ଧା ଭକ୍ତି ଆବେଗ ଓ ଉତ୍ସାହର ସହିତ ରଥ ଟାଣନ୍ତି। ଏହା ଏକ ଅପୂର୍ବ ଲୀଳା। ସବୁ ମନ୍ଦିରରେ ଭକ୍ତ ଭଗବାନଙ୍କ ଦର୍ଶନ ପାଇଁ ମନ୍ଦିରକୁ ଯାଆନ୍ତି,ଏଠାରେ ସ୍ୱୟଂ ଜଗନ୍ନାଥ ଲୋକଙ୍କ ଗହଣକୁ ଆସନ୍ତି ତାଙ୍କୁ ଦର୍ଶନ ଦେବା ପାଇଁ, କୃତାର୍ଥ କରିବା ପାଇଁ। ଏହା ନେତାମାନଙ୍କୁ ଏକ ଶିକ୍ଷା ଯେ, ସେମାନେ ଜନତାଙ୍କ ପାଖକୁ ଯାଇ ତାଙ୍କର ସମସ୍ୟା ଶୁଣିବାକୁ ହେବ। ରଥଯାତ୍ରା ସମୟରେ ପୁରୀ ସମଗ୍ର ଜଗତର ଆଧାତ୍ମିକ ହୃଦୟରେ ଯେପରି ରୂପାନ୍ତରିତ ହୋଇଯାଏ। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଆସନ୍ତି। ଜାତି, ଧର୍ମ, ବର୍ଣ୍ଣର ସଂକୀର୍ଣ୍ଣ ପାଚେରୀ ଭାଙ୍ଗିଯାଏ। ଜଗନ୍ନାଥ ଚେତନାର ପ୍ରବଳ ତରଙ୍ଗରେ ଯେପରି ମାନବତା ଉଦ୍ଭାସିତ ହୋଇଉଠେ । ଭକ୍ତ ସାଲବେଗ ବୃନ୍ଦାବନରୁ ଡାକ ଦେଲେ। (ସାତଶ ବାବନ କୋଶ, ଆଖି ପାଉ ନାହିଁ ମୋହ ଥିବା ଯାଏଁ ପ୍ରଭୁ ନନ୍ଦିଘୋଷେ ଥିବେ ରହି । ) ଭକ୍ତଙ୍କ ଡାକରେ ମହାପ୍ରଭୂଙ୍କ ରଥ ଅଟକିଗଲା। ପଣ୍ଡାମାନଙ୍କ ଦ୍ୱାରା ଅପମାନିତ ହୋଇ ଭକ୍ତ ବଳରାମ ଦାସ ଅଭିମାନରେ ସମୁଦ୍ର ତଟରେ ବାଲିର ରଥ କରି ବସି କାନ୍ଦିଲେ।

ଭକ୍ତର ଦୁଃଖରେ ବିଚଳିତ ହୃଦୟ ଜଗନ୍ନାଥ ଓ ରଥ ଅଟକିଗଲେ। ମହାପ୍ରଭୂଙ୍କ ନିର୍ଦ୍ଦେଶରେ ଗଜପତି ଓ ପୂଜକ ମାନେ ଯାଇ କ୍ଷମା ପ୍ରାର୍ଥନା କରି ତାଙ୍କୁ ସମ୍ମାନର ସହିତ ଡାକି ଆଣିବା ପରେ ଯାଇ ରଥ ଚାଲିଲା। ଯେଉଁ ଭକ୍ତମାନେ ଆଇନଗତ ପ୍ରତିବନ୍ଧକ ପାଇଁ ମନ୍ଦିର ପ୍ରବେଶ କରିପାରନ୍ତି ନାହିଁ, ସେମାନଙ୍କୁ ଦର୍ଶନ ଦେଇ ଘୋଷ ଯାତ୍ରା ରେ ପ୍ରଭୂ କୃତାର୍ଥ କରନ୍ତି। ସେମାନଙ୍କ ଭିତରେ ହିନ୍ଦୁ, ମୁସଲିମ୍, ଖ୍ରୀଷ୍ଟିଆନ୍ ଆଦି ସବୁ ସମ୍ପ୍ରଦାୟର ଲୋକ ଅଛନ୍ତି। ରଥଦାଣ୍ଡରେ ମୁସଲିମ୍, ଖ୍ରୀଷ୍ଟିଆନ୍ ଏବଂ ବିଦେଶୀ ଭକ୍ତମାନେ ମଧ କାନ୍ଦି କାନ୍ଦି ଗଡ଼ିଯିବାର ଦୃଶ୍ୟ ଦେଖାଯାଇଛି । ତାଙ୍କର ପତିତ ପାବନ ନାମର ସାର୍ଥକ ତା ଏଠାରେ ପ୍ରତି ପାଦିତ ହୁଏ । ଗଜପତି ମହାରାଜ ରଥଯାତ୍ରାରେ ଛେରାପହଁରା କରନ୍ତି। ଏହା ଏକ ଅତ୍ୟନ୍ତ ବୈପ୍ଳବିକ ଓ ପ୍ରେରଣାଦାୟୀ ପରମ୍ପରା। ମହାପ୍ରଭୂଙ୍କ ସମ୍ମୁଖରେ ରାଜା ପ୍ରଜା ସମସ୍ତେ ସମାନ। ଏଠି ରାଜା ରାଜା ନୁହନ୍ତି ରାଜାଙ୍କର ପରିଚୟ ହେଉଛି ସେ ଜଗନ୍ନାଥଙ୍କ ର ପ୍ରଥମ ସେବକ।

ସେଥିପାଇଁ ପଣ୍ଡିତ ଗୋପବନ୍ଧୁ ଦାସ ଗାଇଛନ୍ତି- ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ନିଜେ ନାରାୟଣ।

କାଞ୍ଚିର ରାଜକୁମାରୀ ପଦ୍ମାବତୀଙ୍କ ସହିତ ଗଜପତି ମହାରାଜଙ୍କ ବିବାହ ସ୍ଥିର ହୋଇଥିଲା। ମାତ୍ର ଗଜପତି ମହାରାଜ ରଥରେ ଛେରାପହଁରା କରୁଥିବାର ଦେଖି ଜଣେ ଚଣ୍ଡାଳ ବା ଜଣେ ଝାଡୁଦାରଙ୍କୁ ତାଙ୍କ ଝିଅ ଦେବେ ନାହିଁ। ଏହା କହି ସେ ଫେରିଯାଇଥିଲେ। ପରେ ଗଜପତି ବାହିନୀର ନେତୃତ୍ୱ ନେଇ କଳା ଓ ଧଳା ଘୋଡ଼ାରେ ଚଢ଼ି ବଳଭଦ୍ର ଓ ଜଗନ୍ନାଥଙ୍କ କାଞ୍ଚି ରାଜାଙ୍କୁ ପରାସ୍ତ କରି ଭକ୍ତ ଗଜପତି ପୁରୁଷୋତ୍ତମ ଦେବଙ୍କର ମାନରକ୍ଷା କରିଥିଲେ। ଶ୍ରୀମତୀ ନନ୍ଦିନୀ ସତପଥୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ କ୍ଷମତାର ଅହଂକାରରେ ଶ୍ରୀଜଗନ୍ନାଥ ମନ୍ଦିରର ନୀତିକାନ୍ତିରେ ଅନେକ ଅବାଞ୍ଛିତ ପରିବର୍ତ୍ତନ କରିଥିଲେ। -ଏପରିକି ଗଜପତି ମହାରାଜଙ୍କୁ ଛେରା ପହଁରା କରିବାରୁ ବଞ୍ଚିତ କଲେ । ଗଜପତି ମହାରାଜ ଦିବ୍ୟସିଂହ ଦେବ ସେତେବେଳେ ମାତ୍ର ୧୯ ବର୍ଷର ଥିଲେ । ସେ ଦୁଃଖରେ ଭାଙ୍ଗିପଡ଼ି ଜଗନ୍ନାଥଙ୍କୁ କାତର ପ୍ରାର୍ଥନା କଲେ। ଜଗନ୍ନାଥଙ୍କ ରଥ ସମସ୍ତଙ୍କ ଚେଷ୍ଟା ସତ୍ତ୍ୱେ ଇଞ୍ଚେ ମଧ ଘୁଞ୍ଚିଲା ନାହିଁ । ଶେଷରେ ନନ୍ଦିନୀ ଦେବୀଙ୍କର ଅହଙ୍କାର ଚୂର୍ଣ୍ଣ ହେଲା। ଅଧିକାରୀ ମାନଙ୍କର ପରାମର୍ଶ ରେ ସେ ଗଜପତିଙ୍କୁ ଡାକିବା ପାଇଁ ରାଜି ହେଲେ । ଅଧିକାରୀ ମାନେ ଯାଇ ଗଜପତିଙ୍କୁ କ୍ଷମା ମାଗି ଡାକି ଆଣିଲେ। ସେ ଛୁଇଁଦେବା ମାତ୍ରେ ଜଗନ୍ନାଥଙ୍କ ରଥ ଚାଲିଲା। ଶ୍ରୀ ଜଗନ୍ନାଥ ଅହଙ୍କାର ସହିପାରନ୍ତି ନାହିଁ। ସେ ଭକ୍ତି ଓ ସମର୍ପଣରେ ବନ୍ଧା। ଅହଙ୍କାରରେ ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନୂଆ ଜଗନ୍ନାଥ ଧାମ ଘୋଷଣା କଲେ ଓ ତାହାର ପରିଣାମ ସମସ୍ତଙ୍କୁ ଜଣା ପଡ଼ିଯାଇଛି। ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହାର ପ୍ରତିକାର କରିଛନ୍ତି । ଛେରା ପହଁରା ପରମ୍ପରାକୁ ନୂଆ ରୂପରେ ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଲୋକପ୍ରିୟ କରିପାରିଛନ୍ତି। ସେ କହିଛନ୍ତି, ମୁଁ ପ୍ରଧାନମନ୍ତ୍ରୀ ନୁହେଁ, ଜନତାର ପ୍ରଧାନ ସେବକ। ଶ୍ରୀଜଗନ୍ନାଥ ସଂସ୍କୃତି ସମସ୍ତଙ୍କୁ ସ୍ୱୀକାର କରେ। ଏହା ସର୍ବବ୍ୟାପୀ। ରଥଯାତ୍ରା ଏହାର ମୁକ୍ତ ପରମ୍ପରାର ସର୍ବଶ୍ରେଷ୍ଠ ଉଦାହରଣ। ସମଗ୍ର ବିଶ୍ୱକୁ ଭାରତର ଏବଂ ଓଡ଼ିଶାର ଏକ ଶ୍ରେଷ୍ଠ ଅବଦାନ ହେଉଛି ଜଗନ୍ନାଥ ସଂସ୍କୃତି। ଏଥିରେ ରହିଛି ମାନବତା, ସର୍ବଧର୍ମ ସମଭାବ, ସମର୍ପଣ, ଏକାତ୍ମତା, ସମରସତା, ବସୁଧୈବ କୁଟୁମ୍ବକମ୍‌ର ଭାବନା, ମାନବର ଦିବ୍ୟତା ଏବଂ ବିଶ୍ୱର ଏକତ୍ୱ ।

ଆସନ୍ତୁ, ସମସ୍ତେ ମିଶି ଜଗନ୍ନାଥଙ୍କୁ ପ୍ରାର୍ଥନା କରିବା- ସେ ଆମକୁ କୃପା କରି ଅହୈତୁକୀ ଭକ୍ତି ଓ ସମର୍ପଣର ବନ୍ୟା ଆମ ହୃଦୟରେ ପ୍ରବାହିତ କରନ୍ତୁ।

• ସାଂସଦ, ବାଲେଶ୍ୱର

## ସମ୍ପାଦକୀୟ

# ଜିଦିରେ ଅଟଳ ବିରୋଧୀ ଦଳ

ନୂଆଦିଲ୍ଲୀର ଜନ୍ତରମନ୍ତର ରୋଡ଼ରେ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ତାଙ୍କର ପଚିଶ ଦିନିଆ ଅନଶନକୁ ଭଙ୍ଗ କରିବେ, ଯଦି କେନ୍ଦ୍ର ସରକାର ତାଙ୍କୁ ସ୍ପଷ୍ଟ ଭାବେ ପ୍ରତିଶୃତି ଦିଅନ୍ତି ଯେ 'ସଂସଦ ଚାଲ' ଅଭିଯାନରେ ଯାଇଥିବା ଛାତ୍ରଛାତ୍ରୀଙ୍କ ଉପରେ କୌଣସି ଦମନମୂଳକ ବା ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ । ସେ ଏ ସଂକ୍ରାନ୍ତରେ ଏକ ପତ୍ର କେନ୍ଦ୍ର ମନ୍ତ୍ରୀ ଜେ.ପି ନଡ୍ଡା ଓ ଜିତେନ୍ଦ୍ର ସିଂଙ୍କୁ ଗତ ତା ୨୨/୭/୨୬ରେ ଲେଖିଛନ୍ତି । ଏହି ପତ୍ରରେ ପୁଣି ଉଲ୍ଲେଖ କରାଯାଇଛି ଯେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ଜୁଲାଇ ୨୦ ତାରିଖ (୨୦୨୬)ଘଟଣା ବିରୋଧରେ ଦିଆଯାଇଥିବା ଏତଲା ଅନୁଯାୟୀ ଦଣ୍ଡବିଧାନ କରାଯିବ ନାହିଁ ଓ ହିଂସାକାଣ୍ଡରେ ଲିପ୍ତ ସୁରକ୍ଷା କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଶ୍ରୀ ୱାଙ୍ଗଚୁକ ଚିକିତ୍ସାଧୀନ ଅବସ୍ଥାରେ ଏକ ଭିଡିଓ ବାର୍ତ୍ତା ଜରିଆରେ ମଧ୍ୟ ଏ କଥା ଉଲ୍ଲେଖ କରିଛନ୍ତି ।

**ଭାରତର ଗଣତନ୍ତ୍ର ପାକିସ୍ତାନ ପରି ଦୁର୍ବଳ ନୁହେଁ । ଏବେ ଭାରତର ଗଣତନ୍ତ୍ର ଅନ୍ୟ ରାଷ୍ଟ୍ରମାନଙ୍କ ପାଇଁ ଉଦାହରଣ ପାଲଟି ଥିବାବେଳେ, ଭାରତରେ ଗଣତନ୍ତ୍ରର ଏପରି ଦୁର୍ଦ୍ଦଶା ପାଇଁ ବିରୋଧୀ ଦଳ ନିଜକୁ ନିଜେ ଦାୟୀ କରିବ କି ? ସରକାରଙ୍କୁ ସକରାତ୍ମକ ଭାବେ ସମାଲୋଚନା କରାଯାଉ । ସଂସଦ, ଗଣତନ୍ତ୍ରର ମନ୍ଦିରରେ କେନ୍ଦ୍ର ସରକାରଙ୍କ ତୃଟିବିଚ୍ୟୁତି ପ୍ରଭୃତି ବିଷୟରେ ଆଲୋଚନା କରାଯାଇ ତାହାର ପ୍ରତିକାର କରାଯିବାକୁ ବିରୋଧୀ ଦଳଗୁଡ଼ିକ ଏକତ୍ର ଉଦ୍ୟମ ଜାରି ରଖନ୍ତୁ । ତାହେଲେ ଯାଇ ଆମେମାନେ ଆମ ଗଣତନ୍ତ୍ରର ସୁରକ୍ଷା ଜରିଆରେ 'ନୂତନ ଭାରତ' ଗଢ଼ି ପାରିବା ।**

ଦୁର୍ଭାଗ୍ୟ ଯେ ଆମ ଗଣତନ୍ତ୍ରରେ ଏହାକୁ ବ୍ଲାକମେଲିଂ (ଭୟ ପ୍ରଦର୍ଶନ କରି କାର୍ଯ୍ୟ ହାସଲ କରିବା) ବୋଲି ମଧ୍ୟ କୁହାଯାଇ ପାରିବ । ଏହା ବ୍ୟତୀତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ସହିତ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେବେ ବୋଲି ଆଶା କରି ଯେଉଁମାନେ ଆତ୍ମହତ୍ୟା କରିଛନ୍ତି, ସେମାନଙ୍କ ପରିବାରମାନଙ୍କୁ କୋଟିଏ ଟଙ୍କାର କ୍ଷତିପୂରଣ ଦିଆଯିବାକୁ ମଧ୍ୟ ଦାବି ହୋଇଛି ବୋଲି କକ୍ରୋଚ ଜନତା ପାର୍ଟି ପକ୍ଷରୁ କୁହାଯାଇଛି ।

ଜାମ୍ମୁ ଓ କାଶ୍ମୀରର ଅନନ୍ତନାଗ ଟାଉନରେ ଗତ ୨୨ ଜୁଲାଇ (୨୦୨୬)ରେ ଜଣେ ପୋଲିସ ଜୱାନକୁ ଆତଙ୍କବାଦୀମାନେ ଦିନ ଦ୍ୱିପ୍ରହରରେ ମାରି ପକାଇବା ପ୍ରଭୃତି ଘଟଣା ଦେଶପ୍ରେମୀ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ବିଚଳିତ କରୁନାହିଁ । ଜାମ୍ମୁ ଓ କାଶ୍ମୀର ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ଯୋଗୁଁ ଭୂସ୍ଖଳନ ମଧ୍ୟ ହେଉଛି । ଆସାମରେ ଭୟଙ୍କର ବନ୍ୟା ପରିସ୍ଥିତି ଯୋଗୁଁ ପ୍ରାୟ ୩୫ ଜଣ ପ୍ରାଣ ହରାଇଥିବା ବେଳେ ୧୦୦ ଜଣଙ୍କର ପତ୍ତା ମିଳୁନାହିଁ । ଅଥଚ ଆନ୍ଦୋଳନକାରୀମାନେ ସେଥିରେ ବିଚଳିତ ନୁହନ୍ତି । ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ସେ ସବୁ କଥା ପ୍ରତି ଧ୍ୟାନ ନ ଦେଇ କେବଳ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା କିମ୍ବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମାଭିକ୍ଷା ମାଗିବା ଘଟଣା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ସବୁକଥା ସଚେତନ ଭାରତୀୟମାନଙ୍କୁ ବ୍ୟଥିତ କରିଛି । ଲୋକସଭାରେ ବିରୋଧୀ ଦଳର ନେତା ଓ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ସୁପୁତ୍ର ଏପରି ଶସ୍ତା ରାଜନୀତିରେ କାହିଁକି ମାତୁଛନ୍ତି ବୋଲି ଶିକ୍ଷିତ ଓ ସଚେତନ ଲୋକମାନଙ୍କ ମନରେ ଏପରି କେତେକ ପ୍ରଶ୍ନ ଉଙ୍କି ମାରୁଛି ।

ଭାରତର ଗଣତନ୍ତ୍ର ପାକିସ୍ତାନ ପରି ଦୁର୍ବଳ ନୁହେଁ । ଏବେ ଭାରତର ଗଣତନ୍ତ୍ର ଅନ୍ୟ ରାଷ୍ଟ୍ରମାନଙ୍କ ପାଇଁ ଉଦାହରଣ ପାଲଟି ଥିବାବେଳେ, ଭାରତରେ ଗଣତନ୍ତ୍ରର ଏପରି ଦୁର୍ଦ୍ଦଶା ପାଇଁ ବିରୋଧୀ ଦଳ ନିଜକୁ ନିଜେ ଦାୟୀ କରିବ କି ? ସରକାରଙ୍କୁ ସକରାତ୍ମକ ଭାବେ ସମାଲୋଚନା କରାଯାଉ । ସଂସଦ, ଗଣତନ୍ତ୍ରର ମନ୍ଦିରରେ କେନ୍ଦ୍ର ସରକାରଙ୍କ ତୃଟିବିଚ୍ୟୁତି ପ୍ରଭୃତି ବିଷୟରେ ଆଲୋଚନା କରାଯାଇ ତାହାର ପ୍ରତିକାର କରାଯିବାକୁ ବିରୋଧୀ ଦଳଗୁଡ଼ିକ ଏକତ୍ର ଉଦ୍ୟମ ଜାରି ରଖନ୍ତୁ । ତାହେଲେ ଯାଇ ଆମେମାନେ ଆମ ଗଣତନ୍ତ୍ରର ସୁରକ୍ଷା ଜରିଆରେ 'ନୂତନ ଭାରତ' ଗଢ଼ି ପାରିବା ।

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶ୍ରୀକ୍ଷେତ୍ରର ପ୍ରସିଦ୍ଧି ରଥଯାତ୍ରାରେ



**ଗୁରୁକଲ୍ୟାଣ ମହାପାତ୍ର**

ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ ୧୩ଶ ଶତାବ୍ଦୀରେ ଶ୍ରୀକ୍ଷେତ୍ରର ରଥଯାତ୍ରା ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ପରିଣତ ହୋଇଛି । ବିଶିଷ୍ଟ ଲେଖକ ଓ ଗବେଷକ ସ୍ୱର୍ଗୀୟ ଡକ୍ଟର ସତ୍ୟନାରାୟଣ ରାଜଗୁରୁ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି , 'ଶ୍ରୀବୈଷ୍ଣବଙ୍କଦ୍ୱାରା ଦକ୍ଷିଣର ବୈଷ୍ଣବ ମନ୍ଦିରମାନଙ୍କରେ ଅନୁଷ୍ଠିତ ରଥୋତ୍ସବ (କଲ୍ୟାଣୋତ୍ସବ) ମଧ୍ୟ ଖ୍ରୀ: ୧୩ଶ ଶତାବ୍ଦୀରେ ପୁରୀର ଶ୍ରୀମନ୍ଦିରରେ ପ୍ରବର୍ତ୍ତିତ ହେଲା... ପ୍ରଥମେ କୁହାଯାଇଛି ଯେ ଦକ୍ଷିଣରେ ଅର୍ଥାତ୍ ଗଙ୍ଗବଂଶୀୟ ରାଜାମାନଙ୍କ ଅଧୀନରେ ଶ୍ରୀବୈଷ୍ଣବ ଆଚାରୀମାନଙ୍କକର୍ତ୍ତୃକ ଯେଉଁ 'ରଥୋତ୍ସବ' ବା 'କଲ୍ୟାଣୋତ୍ସବ' ବିଷ୍ଣୁ ମନ୍ଦିରମାନଙ୍କରେ, ବିଶେଷତଃ ସିଂହାଚଳର ଶ୍ରୀନରସିଂହଙ୍କ ମନ୍ଦିରରେ ପରିଚାଳିତ ହୁଏ, ସେଥିରେ ପ୍ରତୀକ ଉତ୍ସବ ରୂପେ ଶ୍ରୀଜଗନ୍ନାଥଙ୍କ 'ରଥଯାତ୍ରା' ବା 'ଗୁଣ୍ଡିଚାଯାତ୍ରା' ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱ କାଳରେ ପ୍ରବର୍ତ୍ତିତ ହେଲା ।' (ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଗୁଣ୍ଡିଚା ଯାତ୍ରାର ବୈଶିଷ୍ଟ୍ୟ) ।

ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ପୌରାଣିକ, ଐତିହାସିକ ଓ ସର୍ବୋପରି ଆଧ୍ୟାତ୍ମିକ ଦୃଷ୍ଟିରୁ ଯେପରି ଗୁରୁତ୍ୱପୂର୍ଣ୍ଣ ଶ୍ରୀକ୍ଷେତ୍ରର ରଥଯାତ୍ରା ଅନୁରୂପ ଭାବେ ଗୁରୁତ୍ୱପୂର୍ଣ୍ଣ । ସମଗ୍ର ବିଶ୍ୱରେ ଆନନ୍ଦ ଓ ଉଦ୍ଦୀପନାର ସହିତ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏବେ ପାଳନ କରାଯାଉଛି । ପାକିସ୍ତାନଠାରୁ ଆରମ୍ଭ କରି ସମୃଦ୍ଧ ରାଷ୍ଟ୍ର ଆମେରିକାରେ ମଧ୍ୟ ରଥଯାତ୍ରା ବେଶ ଆଦୃତ ବିଦେଶରେ । ଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ରଥଯାତ୍ରା ଆଦୃତ । ଗୁଜରାଟର ଅହମଦାବାଦରେ ଯେଉଁ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି ପ୍ରତିବର୍ଷ, ଅତୀତରେ ଏବର ପ୍ରଧାନମନ୍ତ୍ରୀ ତଥା ତତ୍କାଳୀନ ଗୁଜରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସେହି ରଥଯାତ୍ରାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛେରା ପହଁରା କରି ଆସୁଥିଲେ । ସେ ଯାହା ହେଉ, ଶ୍ରୀକ୍ଷେତ୍ରର ରଥଯାତ୍ରା ସମଗ୍ର ବିଶ୍ୱର ଜନତାଙ୍କୁ ଯେପରି ମୁଗ୍ଧ କରି ଥାଏ, ତାହାର ତୁଳନା ନାହିଁ । ଦର୍ଶନାଭିଳାଷୀମାନେ ଯେପରି ଭାବ ବିହ୍ୱଳିତ ହୋଇ ପଡ଼ନ୍ତି, ତାହା ପ୍ରତ୍ୟେକ ଭକ୍ତଙ୍କୁ ଚକିତ କରିଥାଏ ।

ଶ୍ରୀକ୍ଷେତ୍ରର ଏହି ରଥଯାତ୍ରା ଜୈନ ବା ବୌଦ୍ଧମାନଙ୍କ ରଥଯାତ୍ରାର ଅନୁସରଣ ବୋଲି କେହି କେହି ଗବେଷକ ମତ ଦେଇଥା'ନ୍ତି । ଜଣେ ଗବେଷକଙ୍କ ମତରେ-ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପରି ପ୍ରତିବର୍ଷ ସିଂହଳ (ଏବର ଶ୍ରୀଲଙ୍କା) ର କାଣ୍ଡି ସହରରେ ବୁଦ୍ଧଦେବଙ୍କ ଦନ୍ତକୁ ମଧ୍ୟ ଆଡମ୍ବର ସହକାରେ ଶୋଭାଯାତ୍ରାରେ ନିଆଯାଇଥାଏ -ଅନେକାଂଶରେ ଜଗନ୍ନାଥଙ୍କ ପହଣ୍ଡି ବିଜେ ପରି । ସେଥିରେ କଳିଙ୍ଗ ଜାତିର ଲୋକେ ପୂଜା କରିବାର ବିଶେଷ ସୁବିଧା ପାଇଥା'ନ୍ତି, ଯେପରି ଦଇତାମାନେ ଶ୍ରୀଜଗନ୍ନାଙ୍କ ଶ୍ରୀକ୍ଷେତ୍ର ରଥଯାତ୍ରା ସମୟରେ ବିଶେଷ ସୁବିଧା ପାଇଥା'ନ୍ତି । ଏକଦା ବୌଦ୍ଧଧର୍ମର ଉତ୍ପତ୍ତି ଭାରତରୁ ହୋଇ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରକୁ ପରିବ୍ୟାପ୍ତ ହୋଇଥିଲା । ଏବେ ଏକବିଂଶ ଶତାବ୍ଦୀରେ ବୌଦ୍ଧଧର୍ମର ସେ ରଥଯାତ୍ରାକୁ ହୁଏତ କେହି ମନେ ରଖି ନାହାନ୍ତି । ଅଥଚ ଅନୁକରଣରେ ହେଉ ପଛେ, ଲକ୍ଷ ଲକ୍ଷ ଲୋକଙ୍କ ସମଭିବ୍ୟାହରରେ, ଶ୍ରୀକ୍ଷେତ୍ରର ରଥଯାତ୍ରା ଯେ ବିଶ୍ୱପ୍ରସିଦ୍ଧ ଏକଥା ଆମମାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ ।

ରଥଯାତ୍ରାର ପ୍ରାଚୀନତା ସମ୍ପର୍କରେ ଐତିହାସିକ, ଗବେଷକ ଓ ସାହିତ୍ୟିକମାନେ ବୈଦିକ ଓ ପୁରାଣ ପ୍ରଭୃତି ଯୁଗରେ ରଥଯାତ୍ରାର ଅନେକ ଦୃଷ୍ଟାନ୍ତ ଦେଇଛନ୍ତି । ମାତ୍ର ସେ ସବୁ ରଥଯାତ୍ରା କାଳଗର୍ଭରେ ସତ୍ତା ହରାଇଥିବା ବେଳେ ଶ୍ରୀକ୍ଷେତ୍ରର ରଥଯାତ୍ରା ଏ ପର୍ଯ୍ୟନ୍ତ ମଧ୍ୟ ଜନଗଣଙ୍କୁ ଆଚ୍ଛନ୍ନ କରି ଆସିଛି ।

ଗବେଷକ ଦୁର୍ଗାଚରଣ ପଣ୍ଡା ଠାଏ ଉଲ୍ଲେଖ କରିଛନ୍ତି, 'ପୁରାଣ ବର୍ଣ୍ଣନା ଅନୁସାରେ ମାଘ ସପ୍ତମୀ ଏହି ରଥଯାତ୍ରାର ପାଳନ ତିଥି । ସୂର୍ଯ୍ୟଙ୍କ ଏହି ରଥରେ ବ୍ରହ୍ମା, ବିଷ୍ଣୁ , ମହେଶ୍ୱର ଓ ସୂର୍ଯ୍ୟଙ୍କର ଦୁଇ ପତ୍ନୀ ଉଷା ଓ ପ୍ରତ୍ୟୁଷା ଆସ୍ଥାନ ଗ୍ରହଣ କରିବେ ଏବଂ ସାରଥୀ ହେବେ ଅରୁଣ । ମାଦଳା ପାଞ୍ଜିର ତଥ୍ୟ ଅନୁଯାୟୀ ପ୍ରଖ୍ୟାତ ସୌରକ୍ଷେତ୍ର କୋଣାର୍କରେ ମଧ୍ୟ ଏହି ପ୍ରକାର ରଥଯାତ୍ରା ପାଳିତ ହେଉଥିଲା । ମନ୍ଦିର ଭାଙ୍ଗି ପଡ଼ିବା ପରେ ଏହା ଲୋପ ପାଇଗଲା । ତେବେ ବର୍ତ୍ତମାନ ସେଠାରେ ଥିବା ଏକ ମଠଦ୍ୱାରା ଶାମ୍ବ ଦଶମୀରେ ଏକ ଛୋଟ ରଥଯାତ୍ରା ପାଳିତ ହୋଇଥାଏ ।

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀକ୍ଷେତ୍ରରେ ଏ ଯେଉଁ ରଥଯାତ୍ରା ଆରମ୍ଭ ହୋଇଥାଏ, ତାହା ମଧ୍ୟ ଭିନ୍ନ ଭିନ୍ନ ନାମରେ ପରିଚିତ ହୋଇଥାଏ । ଏହାକୁ ଗୁଣ୍ଡିଚା ଯାତ୍ରା, ଘୋଷ ଯାତ୍ରା, ଅନ୍ତର୍ବେଦୀ ଯାତ୍ରା ଓ ନବଦିନାତ୍ମକ ଯାତ୍ରା ବୋଲି ମଧ୍ୟ କୁହା ଯାଇଥାଏ ।

ଶ୍ରୀକ୍ଷେତ୍ରରେ ରଥ ନିର୍ମାଣଠାରୁ ଆରମ୍ଭ କରି ରଥଯାତ୍ରା ଦିନ ସକାଳେ ରଥ ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ପ୍ରତ୍ୟେକଟି କାର୍ଯ୍ୟକୁ ଗୁରୁତ୍ୱପୂର୍ଣ୍ଣ ଭାବେ ସୁରୁଖୁରୁରେ ସମ୍ପନ୍ନ କରାଯାଇଥାଏ । ବୈଶାଖ ମାସର ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଦିବସରୁ ତିନିଗୋଟି ରଥ- ନନ୍ଦିଘୋଷ (ଜଗନ୍ନାଥଙ୍କ ରଥ), ତାଳଧ୍ୱଜ (ବଳଭଦ୍ରଙ୍କ ରଥ) ଓ ଦେବଦଳନ (ସୁଭଦ୍ରାଙ୍କ ରଥ)ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ ଓ ଗୃହ ନିର୍ମାଣ ପ୍ରଭୃତି ଯାବତୀୟ ଶୁଭ କାମ ପାଇଁ ସେ ଦିନଟି ଅନୁକୂଳ ବୋଲି ସମୁଦାୟ ଓଡ଼ିଆ ଲୋକେ ଅନୁଭବ କରିଥା'ନ୍ତି ।

ଶ୍ରୀକ୍ଷେତ୍ରର ଏହି ରଥଯାତ୍ରାର ପରମ୍ପରା ବହୁ ପୁରାତନ ଏବଂ ମାଦଳା ପାଞ୍ଜିର ଗବେଷଣା ଅନୁଯାୟୀ ଅନେକ ଐତିହାସିକ ତଥ୍ୟ ଲୋକଲୋଚନକୁ ଆସି ପାରୁଛି । ଶ୍ରୀକ୍ଷେତ୍ରର ରଥଯାତ୍ରା ସମ୍ପର୍କରେ ଗବେଷକ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଉଲ୍ଲେଖ କରିଛନ୍ତି, ୧୮୮୪ ମସିହାରେ ଏହି ଶ୍ରୀକ୍ଷେତ୍ରର ରଥଯାତ୍ରା ନଅଦିନ ପରିବର୍ତ୍ତେ ଏକ ମାସ ଦୁଇ ଦିନରେ ସମାପିତ ହୋଇଥିବା ପ୍ରମାଣ ମିଳେ । ଏହାର କାରଣ ହେଉଛି ରାସ୍ତାର ଅସୁବିଧା, ପ୍ରବଳ ବୃଷ୍ଟିପାତ ହେତୁ ନଦୀ ଜଳ ବୃଦ୍ଧି, ଦାମୋଦର ନିକଟସ୍ଥ କାଠ ପୋଲ ଭାଙ୍ଗିଯାଇ ଥିବାରୁ ନିର୍ଦ୍ଦିଷ୍ଟ ସମୟରେ ରଥମାନେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆସି ପାରି ନଥିଲେ । ଏହି କ୍ରମାଗତ ବର୍ଷା ସାଙ୍ଗକୁ ଓଲାଓଠା ରୋଗର ପ୍ରାର୍ଦୁଭାବ ଯାତ୍ରୀମାନଙ୍କ ସମାବେଶରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଥିଲା ।



ଶ୍ରୀକ୍ଷେତ୍ର ରଥଯାତ୍ରାର ଧାରା ବିବରଣୀ ରେଡିଓ, ଟେଲିଭିଜନ ଓ ମୋବାଇଲ ଫୋନ୍‌ମାନଙ୍କରେ ସହଜରେ ଉପଲବ୍ଧ ହେବା ସତ୍ତ୍ୱେ, ଶ୍ରୀକ୍ଷେତ୍ର ରଥଯାତ୍ରାରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ । ବିଶ୍ୱର ଅନ୍ୟ କୌଣସି ଉତ୍ସବରେ ଏପରି ଭିଡ଼ ପରିଲକ୍ଷିତ ହୋଇ ନଥାଏ । ଶାସ୍ତ୍ର ଅନୁସାରେ ଭକ୍ତ ଓ ଭଗବାନଙ୍କର ମଧୁରତମ ସମ୍ପର୍କ ରଥଯାତ୍ରା ସମୟରେ ସ୍ଥାପିତ ହୋଇଥାଏ ଓ ରଥାରୂଢ଼ ଶ୍ରୀଜୀଉମାନଙ୍କ ଦର୍ଶନରେ ମୁକ୍ତି ମିଳିଥାଏ । ଶାସ୍ତ୍ରରେ ମଧ୍ୟ କୁହାଯାଇଛି ଯେ ଶ୍ରୀକ୍ଷେତ୍ରର ଏହି ରଥଯାତ୍ରାର ଦର୍ଶନରେ ପୁର୍ନଜନ୍ମ ହୁଏ ନାହିଁ ।

ପ୍ରାଚୀନ ଗ୍ରନ୍ଥ 'ବାମଦେବ ସଂହିତା'କୁ ଉଦ୍ଧାର କରି ଗବେଷକ ଶ୍ରୀ ପୂର୍ଣ୍ଣେନ୍ଦୁ କୁମାର ନନ୍ଦ ଉଲ୍ଲେଖ କରିଛନ୍ତି, 'ସଦାଶିବ ପାର୍ବତୀଙ୍କୁ ରଥଯାତ୍ରାର ମାହାତ୍ମ୍ୟ ସମ୍ପର୍କରେ କହିଛନ୍ତି, ଏହି ଶ୍ରେଷ୍ଠ ରଥଯାତ୍ରା ଲୀଳାରେ ପୁରୁଷୋତ୍ତମ ଭଗବାନ କାହାଳୀ ଓ ଘଣ୍ଟା ଧ୍ୱନି ମଧ୍ୟରେ, ଚତୁର୍ଦ୍ଦିଗରେ ଭକ୍ତମାନଙ୍କୁ ଆନନ୍ଦ ଓ ଦର୍ଶନ ପ୍ରଦାନ କରି ଧୀରେ ଧୀରେ ଘର୍ଘର ଶବ୍ଦ ମଧ୍ୟରେ ଗତି କରିଥା'ନ୍ତି ।

ଜଣେ ସୁଲେଖକ ଡକ୍ଟର ପ୍ରଦୀପ ଚୌଧୁରୀ ପ୍ରକାଶ କରିଛନ୍ତି ଯେ 'ଶ୍ରୀଜଗନ୍ନାଥଙ୍କ ନବଦିନ ବ୍ୟାପୀ ଘୋଷଯାତ୍ରା ସହ ନବଗ୍ରହଙ୍କ ଘନିଷ୍ଠ ସମ୍ପର୍କ ରହିଛି । ସ୍ୱୟଂ ଜଗନ୍ନାଥ ଘୋଷଯାତ୍ରାରେ ଯାଇ ଆଷାଢ଼ ଶୁକ୍ଳ ତୃତୀୟାଠାରୁ ଆଷାଢ଼ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି ଏବଂ ଶୁକ୍ଳ ଦଶମୀ ତିଥିରେ ପହଣ୍ଡି ହୋଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି... ଯେଉଁ ବ୍ୟକ୍ତି ନବଦିନ ବ୍ୟାପୀ ଜଗନ୍ନାଥଙ୍କ ଘୋଷଯାତ୍ରାରେ ଜଗନ୍ନାଥଙ୍କୁ ରଥରେ ଏବଂ ଗୁଣ୍ଡିଚା ମନ୍ଦିରରେ ଦର୍ଶନ କରିବେ, ସେ ନବଗ୍ରହ ପ୍ରଭାବ ଚକ୍ରରୁ ମୁକ୍ତ ହୋଇ ବୈକୁଣ୍ଠ ପ୍ରାପ୍ତ କରିବେ । ଏହା ହିଁ ଆମ ପୁରୁଷୋତ୍ତମ କ୍ଷେତ୍ର ପୁରୀ ଧାମର ଶ୍ରେଷ୍ଠ ମାହାତ୍ମ୍ୟ ।'

ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗୀୟ ନିତ୍ୟାନନ୍ଦ ମହାପାତ୍ର ତାଙ୍କ 'ବସନ୍ତ ଗୁଣ୍ଡିଚା' ଶୀର୍ଷକ ଲେଖାରେ ପ୍ରକାଶ କରିଛନ୍ତି ଯେ ମାଘ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଶ୍ରୀକ୍ଷେତ୍ରରେ ଭିନ୍ନ ଏକ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା ବୋଲି ସପ୍ତମ ଖ୍ରୀଷ୍ଟାବ୍ଦର ପ୍ରାଚୀନ କବି ହଳଧର ମିଶ୍ରଙ୍କ 'ବସନ୍ତ ଗୁଣ୍ଡିଚା' କାବ୍ୟରୁ ସେ ଦୃଷ୍ଟାନ୍ତ ଦେଇଛନ୍ତି । ସେ ଉଲ୍ଲେଖ କରିଛନ୍ତି- 'ମହାରାଜ ନରସିଂହ ଦେବ କାବ୍ୟ ଉଲ୍ଲିଖିତ କଥା ଅନୁସାରେ ମାଘ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଏହି ରଥଯାତ୍ରା ଉତ୍ସବ ପାଳନ କରିବା ପାଇଁ ଶ୍ରୀଜଗନ୍ନାଥଙ୍କଦ୍ୱାରା ରାଜା ସ୍ୱପ୍ନାଦିଷ୍ଟ ହୋଇଥିଲେ । ରାଜା ଏହି ସ୍ୱପ୍ନାଦେଶ ବିଷୟରେ ସଭା ପଣ୍ଡିତମାନଙ୍କ ଆଗରେ ପ୍ରକାଶ କରିବାରୁ ପଣ୍ଡିତମାନେ ପ୍ରଥମେ ଏ ଅନୁଷ୍ଠାନ କରିବାକୁ ସମ୍ମତି ଦେଇ ନଥିଲେ । କିନ୍ତୁ ପରେ ବିଚାର କରି ଏହି ରଥଯାତ୍ରା ଅନୁଷ୍ଠାନ କରିବାକୁ ଉପଦେଶ ବାଢ଼ିଲେ ।'

ଉଲ୍ଲେଖନୀୟ ଯେ ଏହି ଭିନ୍ନ ତିଥିର ଭିନ୍ନ ରଥଯାତ୍ରାରେ ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କର ସ୍ନାନଯାତ୍ରା, ଅଣସର ପ୍ରଭୃତି ନୀତି ନିୟମ ପାଳନ କରାଯାଇ ନଥିଲା କି ରାଜାଙ୍କର ଛେରା ପହଁରା ନଥିଲା । ବରଂ ରାଜା ନିଜେ ରଥ ପଛରେ ଚାଲି ଚାଲି ଯାଉଥିବା ବିଷୟରେ ଏହି କାବ୍ୟରେ କୁହାଯାଇଛି । ପ୍ରକୃତରେ ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ଓ ତାଙ୍କ ରଥଯାତ୍ରାକୁ ନେଇ ଯୁଗେ ଯୁଗେ ସୃଷ୍ଟି ହୋଇଛି ଅସରନ୍ତି କିମ୍ବଦନ୍ତୀ ଓ କାହାଣୀ । ଅନୁଭୂତିରେ ସୁରଭିତ ସୁମନରେ ଡାକ୍ଧି ହୋଇ ପଡ଼ିଛନ୍ତି ଶ୍ରୀଜଗନ୍ନାଥ । ତାଙ୍କୁ ଓ ତାଙ୍କର ରଥଯାତ୍ରାକୁ ନେଇ ସମୃଦ୍ଧ ହୋଇଛି ଆମର ଭାଷା, ସାହିତ୍ୟ ଓ ସଂସ୍କୃତି ।

ଯାବତୀୟ ତର୍କ ଓ ତକରାଳ ମଧ୍ୟରେ ଆମେ ତାଙ୍କୁ ବାନ୍ଧିବାକୁ ଚେଷ୍ଟା କରି ଆସିଛୁଁ, ମାତ୍ର ବାନ୍ଧି ହୋଇ ନାହାନ୍ତି ସେଥିରେ ସେ । ଜ୍ଞାନର ଅହଂକାର ଭିତରେ ତାଙ୍କୁ ସୀମିତ ରଖିବାକୁ ଆମର ଉଦ୍ୟମ ମଧ୍ୟ ପଣ୍ଡ ହୋଇଛି । ଜ୍ଞାନର ପରିସୀମା ସଙ୍କୁଚିତ ହୋଇ ଯାଇଛି ଓ ଭକ୍ତି ହିଁ ମୁଣ୍ଡ ଟେକି ଉଠିଛି ସେ ସ୍ଥାନରେ । ସେଥିପାଇଁ ତ ଶ୍ରୀକ୍ଷେତ୍ରର ରଥଯାତ୍ରା ଦେଖିବା ପାଇଁ ଯେତେ ସବୁ ବ୍ୟାକୁଳତା ଓ କକର୍ଥନା । ଏହା ହିଁ ଶ୍ରୀକ୍ଷେତ୍ର ରଥଯାତ୍ରାର ବୈଶିଷ୍ଟ୍ୟ ।

**ଅନୁଭୂତିରେ ସୁରଭିତ ସୁମନରେ ଡାକ୍ଧି ହୋଇ ପଡ଼ିଛନ୍ତି ଶ୍ରୀଜଗନ୍ନାଥ । ତାଙ୍କୁ ଓ ତାଙ୍କର ରଥଯାତ୍ରାକୁ ନେଇ ସମୃଦ୍ଧ ହୋଇଛି ଆମର ଭାଷା, ସାହିତ୍ୟ ଓ ସଂସ୍କୃତି । ଯାବତୀୟ ତର୍କ ଓ ତକରାଳ ମଧ୍ୟରେ ଆମେ ତାଙ୍କୁ ବାନ୍ଧିବାକୁ ଚେଷ୍ଟା କରି ଆସିଛୁଁ, ମାତ୍ର ବାନ୍ଧି ହୋଇ ନାହାନ୍ତି ସେଥିରେ ସେ । ଜ୍ଞାନର ଅହଂକାର ଭିତରେ ତାଙ୍କୁ ସୀମିତ ରଖିବାକୁ ଆମର ଉଦ୍ୟମ ମଧ୍ୟ ପଣ୍ଡ ହୋଇଛି । ଜ୍ଞାନର ପରିସୀମା ସଙ୍କୁଚିତ ହୋଇ ଯାଇଛି ଓ ଭକ୍ତି ହିଁ ମୁଣ୍ଡ ଟେକି ଉଠିଛି ସେ ସ୍ଥାନରେ । ସେଥିପାଇଁ ତ ଶ୍ରୀକ୍ଷେତ୍ରର ରଥଯାତ୍ରା ଦେଖିବା ପାଇଁ ଯେତେ ସବୁ ବ୍ୟାକୁଳତା ଓ କକର୍ଥନା । ଏହା ହିଁ ଶ୍ରୀକ୍ଷେତ୍ର ରଥଯାତ୍ରାର ବୈଶିଷ୍ଟ୍ୟ ।**

**ଭୁବନେଶ୍ୱର**
**ମୋ-୯୪୩୭୦୧୨୧୨୩**

# 'କୁମ୍ଭାର ଚକ'ର କାରିଗର କବିଚନ୍ଦ୍ର କାଳୀଚରଣ



**ଡାକ୍ତର ରବି ରଂଜନ ସାହୁ**

କବିଚନ୍ଦ୍ର କହିଲେ ଓଡ଼ିଶାର ସେଇ ବ୍ୟକ୍ତିଙ୍କୁ ବୁଝାଏ ଯେ ଓଡ଼ିଆ କଳା ସାହିତ୍ୟ-ସଂସ୍କୃତିର ଥିଲେ ଜଣେ ଆଜୀବନ ଉପାସକ । କଳାର ପରିଭାଷାରେ ନୃତ୍ୟ, ଗୀତ, ନାଟକ ଓ କବିତ୍ୱର ମୁଗ୍ଧ ବିଭୋର ଅନୁଭବ ଥାଏ । ସେହି ଦୃଷ୍ଟିରୁ କାଳୀଚରଣ (ଆବିର୍ଭାବ-୨୩ ଡ଼ିସେମ୍ବର ୧୮୯୭, ତିରୋଧାନ - ୨୪ ଜୁଲାଇ ୧୯୭୮)ତାଙ୍କୁ 'କବିଚନ୍ଦ୍ର' ଉପାଧିରେ ଭୂଷିତ କରିଥିଲେ ପୁରୀର ଗଜପତି ରାଜା ଶ୍ରୀ ଶ୍ରୀ ରାମଚନ୍ଦ୍ରଦେବ ୧୯୬୨ ମସିହା ସୁନିଆଁ ଦିନ - ତାଙ୍କର ଅସାଧାରଣ ସଂଗୀତ ଓ କଳାତ୍ମକ ପ୍ରତିଭା ପାଇଁ ।

କାଳୀଚରଣ ସେହି ଦିନଠାରୁ 'କବିଚନ୍ଦ୍ର' ଭାବେ ସର୍ବତ୍ର ପରିଚିତ ହେବାକୁ ଲାଗିଲେ । ସେ ଥିଲେ ଏକାଧାରରେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, କବି, ନୃତ୍ୟଗୁରୁ, ସଂଗୀତଜ୍ଞ, ସାହିତ୍ୟିକ, ଅଭିନେତା ଓ କଳା ସଂଗଠକ । ଓଡ଼ିଶାରେ ରଙ୍ଗମଞ୍ଚର ପରିପାଟୀକୁ ସେ ପୁନର୍ବିନ୍ୟାସ କରି ତାକୁ ଯୁଗୋପଯୋଗୀ କରିଥିଲେ । ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ସେ ଉଦ୍ୟମ କରି ସଫଳ ହୋଇଥିଲେ । ତାଙ୍କରି ନେତୃତ୍ୱରେ ଓଡ଼ିଶାରେ ସ୍ଥାୟୀ ରଙ୍ଗମଞ୍ଚ ବା ଥିଏଟର ହଲ୍ ପ୍ରତିଷ୍ଠା ହୋଇଥିଲା । ୧୯୪୦ ମସିହାରେ କଟକ ବାଙ୍କା ବଜାରରେ ସ୍ଥାୟୀ ରଙ୍ଗମଞ୍ଚ ପ୍ରତିଷ୍ଠା କରି ସେଥିରେ ତାଙ୍କର ନିଜସ୍ୱ ନାଟକ ଗାର୍ଲସ ସ୍କୁଲ, ଭାତ, ଜୟଦେବ, ଦଶଭୂଜା, ରକ୍ତମାଟି, ଫଟାଭୂଇଁ, ଚକ୍ରୀ ଚୁମ୍ବନ, ଜଗନ୍ନାଥ ଦାସ ଇତ୍ୟାଦି ନାଟକ ସେହି ରଙ୍ଗମଞ୍ଚରେ ଅଭିନୀତ ହୋଇ ଜନାଦୃତ ହୋଇଥିଲା । ନୂତନ ନାଟ୍ୟକାରମାନଙ୍କୁ ସେ ଉତ୍ସାହିତ କରୁଥିଲେ । ନୂତନ ନାଟ୍ୟକାର ଭାବେ ସେତେବେଳେ ମନୋରଞ୍ଜନ ଦାସଙ୍କ ଲିଖିତ ନାଟକ 'ହା ଅନ୍ନ'କୁ ସେ ରଙ୍ଗମଞ୍ଚରେ ପରିବେଷଣ କରିଥିଲେ ।



କାଳୀଚରଣଙ୍କୁ 'କାଳୀବାବୁ' ବା 'କବିଚନ୍ଦ୍ର' ଭାବେ ଅନେକ ସମ୍ବୋଧନ କରନ୍ତି । ଓଡ଼ିଶାରେ ତାଙ୍କ ପୂର୍ବରୁ ଅସ୍ଥାୟୀ ରଙ୍ଗମଞ୍ଚ ନିର୍ମାଣ କରାଯାଇ ଗୋଟିଏ ଗୋଟିଏ ରାତି ବା ଦୁଇ ତିନି ରାତି ନାଟକ ପ୍ରଦର୍ଶିତ ହେଉଥିଲା । କିନ୍ତୁ କାଳୀବାବୁଙ୍କ ନାଟକ ସ୍ଥାୟୀ ଭାବରେ ନିର୍ମିତ ରଙ୍ଗମଞ୍ଚରେ ୧୦୦ରୁ ଉର୍ଦ୍ଧ୍ୱ ରାତି ଅଭିନୀତ ହୋଇ ଚହଳ ସୃଷ୍ଟି କରିଥିଲା ।

ସେତେବେଳେ ନାଟକରେ ନାରୀ ଚରିତ୍ର ଅଭିନୟ କରିବାକୁ ପୁରୁଷମାନଙ୍କୁ ବଛା ଯାଉଥିଲା । କିନ୍ତୁ କାଳୀବାବୁ ନାରୀମାନଙ୍କୁ ନାରୀ ଭୂମିକାରେ ଅଭିନୟ କରିବାର ସୁଯୋଗ ସୃଷ୍ଟି କରିଥିଲେ । ଓଡ଼ିଶା ଥିଏଟର୍ସ ଥିଲା ତାଙ୍କର ରଙ୍ଗମଞ୍ଚ ଜଗତ ପାଇଁ ଏକ ମହାନ ଆଦର୍ଶ । ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ନାଟ୍ୟାଚାର୍ଯ୍ୟ ଉପାଧି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ଲାଭ କରିଥିଲେ । କଟକ ବେତାର କେନ୍ଦ୍ର ସଂଗୀତ ବିଭାଗର ସେ ଥିଲେ ଅନ୍ୟତମ ଉପଦେଷ୍ଟା । ଉତ୍କଳ ବିଶ୍ୱବିଦ୍ୟାଳୟରେ ଓ ଓଡ଼ିଶା ମାଧ୍ୟମିକ ଶିକ୍ଷା ସଂସ୍ଥାର ଚାରୁକଳା ସମିତିର ସଭାପତି ଓ ସଭ୍ୟ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ ।

ନାଟକ ଲେଖା ସହିତ ସେ କବିତା ସଂଗୀତ ଏକାଙ୍କିକା, ଶିଶୁ ସାହିତ୍ୟ, ଜୀବନୀ, ଉପନ୍ୟାସ, ସମୀକ୍ଷା ଓ ଅନୁବାଦରେ ସମାନ ଭାବରେ ସଫଳ ହୋଇ ପାରିଥିଲେ । ୧୯୫୬ ମସିହାରେ ଦିଲ୍ଲୀଠାରେ ଅନୁଷ୍ଠିତ ଦିଲ୍ଲୀ ଆକାଶବାଣୀ ପକ୍ଷରୁ କବିତା ପାଠୋତ୍ସବରେ ସେ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ହୋଇ 'ମରଣବରଣ କର' କବିତା ଓଡ଼ିଆରେ ପାଠ କରିଥିଲେ ଏବଂ ସେହି କବିତାର ଇଂରାଜୀ ଓ ହିନ୍ଦୀ ଅନୁବାଦ କଟକ ବେତାର କେନ୍ଦ୍ରରୁ ଏବଂ ଆହ୍ଲାବାଦ ଓ ଅନ୍ୟାନ୍ୟ ଆକାଶବାଣୀ କେନ୍ଦ୍ରରୁ ହିନ୍ଦୀ ଭାଷାରେ ପ୍ରସାରିତ ହୋଇଥିଲା ।

ସେତେବେଳେ ଟେଲିଭିଜନର ପ୍ରଚଳନ ହୋଇ ନ ଥିଲା କିନ୍ତୁ ଚଳଚ୍ଚିତ୍ର ଜଗତରେ କାଳୀଚରଣ ପ୍ରବେଶ କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ଓଡ଼ିଶା ସରକାରଙ୍କ ଲୋକ ସଂପର୍କ ବିଭାଗ ପକ୍ଷରୁ ଏକ ସାମାଜିକ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରସ୍ତାବ ରଖାଗଲା ଏବଂ ସେଥିରେ କାଳୀ ବାବୁଙ୍କ ଲିଖିତ 'ଜନ୍ମମାଟି'କୁ ତାଙ୍କରି ନିର୍ଦ୍ଦେଶନାରେ ଦେଇଥିଲେ ଚଳଚ୍ଚିତ୍ର ଭାବେ ନିର୍ମିତ ହୋଇ ସଫଳ ହୋଇଥିଲା । ଓଡ଼ିଶାରେ ବେତାର କେନ୍ଦ୍ର ପ୍ରତିଷ୍ଠା ହେବା ପୂର୍ବରୁ କଲିକତା ବେତାର କେନ୍ଦ୍ରରୁ ପ୍ରସାରିତ କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଆ ଗୀତ ପ୍ରଚାର କରାଯାଉଥିଲା । ସେଥିରେ କାଳୀଚରଣଙ୍କୁ ମଧ୍ୟ ସୁଯୋଗ ମିଳିଥିଲା ।

୧୯୪୬ ମସିହା ମଇ ମାସ ୨ ତାରିଖରେ ତାଙ୍କର ପ୍ରଥମ ଗୀତ କଲିକତା ବେତାର କେନ୍ଦ୍ରରୁ ପ୍ରସାରିତ ହେବା ଫଳରେ ଓଡ଼ିଶାରେ ତାହା ଶୁଣିବା ପାଇଁ ଖୁବ୍ ଆଗ୍ରହ ପ୍ରକାଶ କରିଥିଲେ । କିଛି ଦିନ ପରେ ଓଡ଼ିଶାରେ କଟକ ସହରସ୍ଥ ମଧୁପୁର କୋଠୀରେ କଟକ ବେତାର କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା ଏବଂ କାଳୀଚରଣ ଏହାର ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ । ଏହାପରେ ସେ କଟକ ବେତାର କେନ୍ଦ୍ରରେ ନିୟମିତ ନିଯୁକ୍ତି ପାଇଲେ । ସେହି କେନ୍ଦ୍ରରେ ତାଙ୍କର ବହୁ ସଂଗୀତ, ଲଘୁସଂଗୀତ, ପଲ୍ଲୀଗୀତ, କୀର୍ତ୍ତନ, ଗୀତିନାଟ୍ୟ, ନାଟକ ଇତ୍ୟାଦି ପ୍ରସାରିତ ହୋଇ ଓଡ଼ିଆ ବେତାର ଶ୍ରୋତାମଣ୍ଡଳୀଙ୍କୁ ମୁଗ୍ଧ କରିଥିଲା । ଦୁର୍ଗାପୂଜା ସମୟରେ ତାଙ୍କରି ଦ୍ୱାରା ଶ୍ରୀଦୁର୍ଗା କାର୍ଯ୍ୟକ୍ରମ ପରମ୍ପରାକ୍ରମେ ପ୍ରସାରିତ ହୋଇ ଆସିଥିଲା ।

**କ୍ରମଶଃ...**

**ଚାନ୍ଦିନୀଚୌକ, କଟକ-୨**
**ମୋ- ୯୪୩୭୩-୧୦୧୭୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି...

ବନ୍ଦକରାଯାଇ ଶୋଧ ହୋଇଥିଲା। ଏହା ପରେ କୁସୁମୀ ଲାଗି ଓ ବାହୁଡ଼ କଣ୍ଡ ଏବଂ ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ବୃହାନ୍ତ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ମଧ୍ୟାହ୍ନ ୧୨ ଟା ରୁ ୨ ଟା ମଧ୍ୟରେ ପହଣ୍ଡି ଆରମ୍ଭ ହୋଇ ୪ ଟା ରଥ ଟଣା ଆରମ୍ଭ।

ତେବେ ବୃହାନ୍ତ ହୋଇ ଥିବା ନୀତି ନିର୍ଘଣ୍ଟ ଅନୁସାରେ ପହଣ୍ଡି ପୂର୍ବରୁ ସକଳ ପହଣ୍ଡି ହେବ। ମିଳିଥିବା ସୂଚନା ଅନୁସାରେ ଖେଚୁଡ଼ି ଭୋଗ ପରେ ସକାଳ ୯ ଟା ରେ ରଥ କୁ ପହଣ୍ଡି ବିଜେ ନୀତି ଅନୁଷ୍ଠିତ ହୋଇ ମଧ୍ୟାହ୍ନ ୧୨ ଟା ସୁଦ୍ଧା ଶେଷ ହେବ।

ବାହୁଡ଼ା ଯାତ୍ରା ନୀତି ନିର୍ଘଣ୍ଟ : ମଙ୍ଗଳଆଳତି ପ୍ରାତଃ ଘ. ୪.୦୦, ମଇଲମ ଘ. ୪.୧୫, ତଡ଼ପଲାଗି ଘ. ୪.୩୦, ରୋଷହୋମ ଘ. ୪.୩୦, ଅବକାଶ ଘ. ୫.୦୦, ସୂର୍ଯ୍ୟପୂଜା ଘ. ୫.୧୫, ଦ୍ୱାରପାଳ ପୂଜା ଘ. ୫.୩୦, ବେଶଶେଷ ଘ. ୫.୩୦, ଗୋପାଳ ବଲ୍ଲଭ ଓ ଘ. ୫.୪୫ ରୁ ସକାଳ ଧୂପ (ଖେଚୁଡ଼ି ଭୋଗ) ଘ. ୬.୪୫। ସେନାପଟା ଲାଗି ଘ.୭.୦୦ରୁ ଘ.୯.୩୦। ମଙ୍ଗଳାର୍ପଣ ଘ.୧୧.୪୫। ବାହୁଡ଼ା ପହଣ୍ଡି ବିଜେ ଘ.୨.୦୦ରୁ ଘ.୨.୩୦। ବେଶ ଶେଷ ଘ.୧.୦୦ରୁ ଘ.୨.୩୦। ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ ଦ୍ୱାରା ଛେରାପହଁରା ଘ.୨.୩୦ ରୁ ଘ.୩.୩୦। ଚାରମାଳ ଫିଟା ଓ ଘୋଡ଼ା ଲାଗିବା ଘ.୩.୦୦ରୁ ଘ.୪.୦୦। ରଥଟଣା ଆରମ୍ଭ ଅପରାହ୍ନ ଘ.୪.୦୦। ଶ୍ରୀ ନନ୍ଦିଘୋଷ ରଥ ଶ୍ରୀନଅର ନିକଟରେ ପହଞ୍ଚିବା ପରେ ଶ୍ରୀ ଗଜପତି ମହାରାଜାଙ୍କ ଦ୍ୱାରା ଶ୍ରୀ ଲକ୍ଷ୍ମୀନାରାୟଣ ଭେଟ ନୀତି ସଂପାଦନ।

## ଫାଷ୍ଟଟ୍ରାକ୍...

ଗ୍ରହଣ କରାଯାଉ। ସିଜେପି ମଧ୍ୟ ଏହି ଫାଷ୍ଟ ଟ୍ରକ୍ ଘୋଷଣାକୁ ନାପସନ୍ଦ କରିଛି। ସିଜେପି ପକ୍ଷରୁ କୁହାଯାଇଛି ଯେ ପେପର ଲିକ୍ ଘଟଣା ଘଟିବା ସମୟରେ ଏହି ଘୋଷଣାର ଆବଶ୍ୟକ ଥିଲା। କାହିଁକି ଏତେ ବିଳମ୍ବରେ ପ୍ରଶ୍ନପତ୍ର ଲିକ୍ ହେଉଛି ତାହାକୁ ସରକାର ଧ୍ୟାନ ଦେବା ସହ ଏହା ଉପରେ ସ୍ୱଚ୍ଛତା ରଖନ୍ତୁ। ସେହିଭଳି ମେଦାନ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୋନମ ୱାଙ୍ଗଚୁକ୍ଙ୍କ ଏକ ଡାକ୍ତରୀଦଳ ପରୀକ୍ଷା କରୁଛନ୍ତି। ହସ୍ପିଟାଲ ପକ୍ଷରୁ ତାଙ୍କ ସ୍ୱାସ୍ଥ୍ୟ ନେଇ ଆସିଥିବା ବୁଲେଟିନ୍‌ରେ କୁହାଯାଇଛି ଯେ ତାଙ୍କ ସ୍ଥିତି ଅପରିବର୍ତ୍ତିତ ରହିଛି। ସେ ଧୀରେ ଧୀରେ ସ୍ଥିର ହେଉଛନ୍ତି ଓ ମୁଖ୍ୟ ଅଙ୍ଗଗୁଡ଼ିକ ପାରାମିଟର ମଧ୍ୟରେ ରହିଛି।

## ୨୬ ସୁଦ୍ଧା...

ମିମି, ସମ୍ବଲପୁରରେ ୩୧ ମିମି, ବରଗଡ଼ରେ ୨୨ ମିମି, କେନ୍ଦୁଝରରେ ୨୧ ମିମି, ଝାରସୁଗୁଡ଼ାରେ ୧୮ ମିମି, ଭଦ୍ରକରେ ୧୮ ମିମି ଓ ବାଲେଶ୍ୱରରେ ୧୬.୪ ମିମି ବର୍ଷା ରେକର୍ଡ କରାଯାଇଥିଲା।

## ନିବେଶ...

ସ୍ଥାନ ପାଇଥିବା ବେଳେ ଦକ୍ଷିଣ ଭାରତରୁ ତାମିଲନାଡୁ ସ୍ଥାନ ପାଇଛି। ଦେଶର ଉତ୍ତର ଓ ପୂର୍ବ ରାଜ୍ୟ ମାନଙ୍କ ମଧ୍ୟରୁ କେବଳ ଓଡ଼ିଶା ଟପ୍ ପର୍ଫର୍ମର ଭାବେ ସ୍ଥାନିତ ହୋଇଛି।

ଏହି ଅବସରରେ ଶିଳ୍ପଦ୍ୟୋଗୀମାନଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୀତି ଆୟୋଗର ଏହି ମାନ୍ୟତା ଆମ ପାଇଁ ଖୁବ୍ ଉତ୍ସାହଜନକ। ଏହାଦ୍ୱାରା ଟିମ୍ ଓଡ଼ିଶା ଓ ଉଦ୍ୟୋଗୀମାନଙ୍କର ମନୋବଳ ବୃଦ୍ଧି ପାଇଛି। କେବଳ ଶିଳ୍ପ କ୍ଷେତ୍ରରେ ନୁହେଁ, ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଓଡ଼ିଶାକୁ ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଆପଣମାନଙ୍କ ସହଯୋଗରେ ରାଜ୍ୟରେ ଯେଉଁ ଗତିରେ ଶିଳ୍ପ ବିକାଶ ହେଉଛି, ତାହା ପୂର୍ବରୁ କେବେ ହୋଇନଥିଲା। ଓଡ଼ିଶାରେ ନିବେଶ ପାଇଁ ଆମେ ବହୁତ ପରିଶ୍ରମ କରିଛୁ। ଆମ ସରକାର କଥାରେ ନୁହେଁ, କାମରେ ବିଶ୍ୱାସ ରଖେ। ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆମେ କଥା ଦେଇଥିଲୁ। ମାତ୍ର ୨ ବର୍ଷରେ ୩ ଲକ୍ଷ କୋଟି ଟଙ୍କା ଟପି ଗଲାଣି। ମୁଖ୍ୟମନ୍ତ୍ରୀ କହିଲେ ଯେ, ଗୁଜୁରାଟ, ମହାରାଷ୍ଟ୍ର ଓ ତାମିଲନାଡୁ ଭଳି ରାଜ୍ୟ ବହୁ ଆଗରୁ ଶିଳ୍ପୋନ୍ନତ ରାଜ୍ୟ ଭାବେ ମାନ୍ୟତା ପାଉଛନ୍ତି। ଓଡ଼ିଶାରେ ଶିଳ୍ପାୟନ ପ୍ରକ୍ରିୟା ଡେରିରେ ଆରମ୍ଭ ହେଲେ ମଧ୍ୟ ଆମେ ବହୁତ ଶୀଘ୍ର ଆଗକୁ ବଢ଼ୁଛୁ। ଆମକୁ ଏହି ସ୍ଥିତି ବଜାୟ ରଖିବାକୁ ହେବ। ୫ ବର୍ଷରେ ପୁଞ୍ଜିନିବେଶକୁ ୫ ଗୁଣ କରିବା ଲକ୍ଷ୍ୟରେ ଆମେ କାମ କରିବୁ ବୋଲି ସେ କହିଥିଲେ।

ସେ ପୁଣି କହିଥିଲେ ଯେ, ଓଡ଼ିଶାରେ ଶିଳ୍ପାୟନ ଓ ରାଜ୍ୟର ବିକାଶ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ଣ୍ଣ ସମର୍ଥନ ରହିଛି। ୨ ବର୍ଷ ମଧ୍ୟରେ ଆମେ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିପାରିଛୁ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ ୪୫୩ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାଦ୍ୱାରା ୯.୫୦ ଲକ୍ଷ କୋଟି ଟଙ୍କା ନିବେଶ ଆସିବ। ଗତ ଦୁଇ ବର୍ଷରେ ଆମେ ୩.୧୧ ଲକ୍ଷ କୋଟି ଟଙ୍କାର ୧୫୨ଟି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛୁ। ଏହା ଦ୍ୱାରା ୨.୫୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସବୁ ଜିଲ୍ଲାରେ ଶିଳ୍ପାୟନ ସହ ରୋଜଗାର ବୃଦ୍ଧିକୁ ଦୃଷ୍ଟିରେ ରଖି ଆମେ କାମ କରୁଛୁ। ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ସମସ୍ତେ ପ୍ରତିବଦ୍ଧତାର ସହ କାମ କରୁଛୁ। ଏହି ସମ୍ମାନ କେବଳ ଆମ ପାଇଁ ଏକ ର୍ୟାଙ୍କ ନୁହେଁ, ଏହା ଓଡ଼ିଶାକୁ ନିବେଶକମାନଙ୍କ ଭଲପାଇବାକୁ ଦର୍ଶାଉଛି। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ଏବେ ଓଡ଼ିଶା ଆଉ ସମ୍ଭାବନାର ରାଜ୍ୟ ଭାବେ ନୁହେଁ, ବରଂ ସଫଳତା ପ୍ରଦର୍ଶନର ରାଜ୍ୟ ଭାବେ ପରିଣତ ହୋଇଛି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନ ଓ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଏବେ ଦେଶର ଆଇଟି ମାନଚିତ୍ରରେ ସ୍ଥାନିତ ହୋଇଛି।

ମୁଖ୍ୟମନ୍ତ୍ରୀ ଏବଂ ଟିମ୍ ଓଡ଼ିଶାଙ୍କୁ ଧନ୍ୟବାଦ ଜଣାଇ ସି.ଆଇ.ଆଇ, ଓଡ଼ିଶା'ର ଅଧ୍ୟକ୍ଷ ଶ୍ରୀ ଅନିଲ ସିଂ କହିଲେ ଯେ, ଓଡ଼ିଶାରେ ଶିଳ୍ପାୟନ ପାଇଁ ଶିଳ୍ପ ପ୍ରତିନିଧି, ସରକାର ଓ ଅଧିକାରୀମାନେ ଟିମ୍ ମନୋଭାବ ନେଇ କାମ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଗାମୀ ବର୍ଷରେ ଓଡ଼ିଶା ନିଶ୍ଚିତ ରୂପେ ଏହି ସୂଚକାଙ୍କରେ ଦେଶର ପ୍ରଥମ ସ୍ଥାନ ଅଧିକାର କରିବ। ଆଇ.ସି.ସି, ଓଡ଼ିଶାର ଚେୟାରମ୍ୟାନ ରାଜୀବ ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ସମ୍ପନ୍ନ ନେତୃତ୍ୱରେ ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ପ୍ରତ୍ୟେକ ଦିନ ଓଡ଼ିଶା ଶିଳ୍ପ କ୍ଷେତ୍ରରେ କିଛି ନା କିଛି ଫୁଟ୍‌ପ୍ରିଣ୍ଟ ଛାଡ଼ୁଛି। ସି.ଆଇ.ଆଇ ର ପ୍ରତିନିଧି ସୁବ୍ରତ ତ୍ରିପାଠୀ କହିଥିଲେ ଯେ, ଓଡ଼ିଶାରେ ଏଭଳି ବିକାଶ ଆମେ ଆଉ ପର୍ଯ୍ୟନ୍ତ ଦେଖି ନଥିଲୁ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଦୃଷ୍ଟିକୁ ହିଁ ଆମେ ଆଗେଇ ନେଉଛୁ। ଅନ୍ୟ ଶିଳ୍ପ ପ୍ରତିନିଧିମାନେ ଶିଳ୍ପାୟନ ପାଇଁ ସମସ୍ତ କ୍ଷେତ୍ରକୁ ଉପଯୁକ୍ତ ପ୍ରାଧାନ୍ୟ ଓ ସହଯୋଗ ମିଳୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ଓଡ଼ିଶା ଶିଳ୍ପ ବିକାଶର ପାର୍ଟନର ଭାବେ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜଙ୍ଗଲ, ଜଳ ସମ୍ପଦ, ରାଜସ୍ୱ ବିଭାଗ ସହିତ ଅନ୍ୟାନ୍ୟ ବିଭାଗମାନଙ୍କ ଆନ୍ତରିକ ସହଯୋଗରେ ରାଜ୍ୟରେ ଶିଳ୍ପାୟନ କ୍ଷେତ୍ରରେ ଆମେ ଆଗକୁ ବଢ଼ୁଛୁ ବୋଲି କହିଥିଲେ।

ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓଡ଼ିଶାରେ ଶିଳ୍ପ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ବିଷୟରେ ଆଲୋକପାତ କରି ଧନ୍ୟବାଦ ଦେଇଥିଲେ। ଇପିକଲ୍ ର ପରିଚାଳନା ନିର୍ଦ୍ଦେଶକ ଆବୋଲି ସୁନୀଲ ନରଭାଣେ ଉପସ୍ଥିତ ଥିଲେ।

## ମକରଦ୍ୱାର...

ସଦସ୍ୟମାନେ ସେଠାରେ ପହଞ୍ଚି ସ୍ଲୋଗାନବାଜି କରିଥିଲେ। ତେବେ ଗୃହର କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡ଼ିଥିଲା। ଅପରପକ୍ଷରେ ଏନ୍‌ଡିଏ ସାଂସଦମାନେ ମଧ୍ୟ ସେଠାରେ ବିକ୍ଷୋଭ କରି ନିଟ୍ ପେପର ଲିକ୍ ଘଟଣାରେ ବିରୋଧୀମାନେ ରାଜନୀତିକରଣ କରୁଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ସଭାମ କରାଉ ଓ ବନ୍ଦେ ମା ତରମ୍ ସ୍ଲୋଗାନ ଦେଇ ବିରୋଧୀ ସାଂସଦଙ୍କୁ ଜବାବ ଦେଇଥିଲେ। ଶାସକ ଦଳ ମଧ୍ୟ ନିଟ୍ ପ୍ରସଙ୍ଗରେ ଆଲୋଚନା କରିବାକୁ କହିବା ସହ ବିରୋଧୀ ଦଳ ଆଲୋଚନାରୁ ଦୂରେଇ ଯାଉଛି ବୋଲି ଅଭିଯୋଗ ଆଣିଥିଲେ। ଉଭୟ ଶାସକ ଓ ବିରୋଧୀଙ୍କ ସ୍ଲୋଗାନବାଜି ଯୋଗୁ ସେଠାରେ ଏକ ହାଇଡ୍ରାମା ସ୍ଥିତି ସୃଷ୍ଟି ହୋଇଥିଲା।

## ସ୍ଥାନ...

ପ୍ରସ୍ତାବ ଉପରେ ସିଜେପି ମୁଖପାତ୍ର ଆଶୁତୋଷ ରଙ୍କା କହିଛନ୍ତି ଯେ ଜେପି ନଡ୍ଡାଙ୍କ ବାସଭବନରେ କୌଣସି ବୈଠକ ହେବନାହିଁ। ଆମେ ଏଥର ବି ଖାଲି ହାତରେ ଫେରିବାକୁ ଚାହୁଁନାହୁଁ। ବୈଠକ କରି ଆମର ସମୟ ନଷ୍ଟ କରିବାକୁ ଚାହିଁନାହୁଁ। ଆମେ ଆମର ଦାବି ସମ୍ପର୍କରେ ସ୍ପଷ୍ଟ କରିଛୁ। ଆମକୁ ଦାବି ପୂରଣ କରିବାକୁ କେବେ ଦିନ ସମୟ ଦେବେ। ସୋମବାର ସରକାର ଓ ସିଜେପି ନେତାଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ମାତ୍ର ସେହି ସମୟରେ ୩ ଦାବି ଉପସ୍ଥାପନ କରାଯାଇଥିଲା। ଅପରପକ୍ଷରେ ୨୦ ତାରିଖ ଆନ୍ଦୋଳନ ସମୟରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଆସନ୍ତାକାଲି ଦେଶବ୍ୟାପି ପ୍ରତିବାଦ ଲାଗି ସିଜେପି ଡାକରା ଦେଇଛି। ଏହି ପ୍ରତିବାଦରେ ବିଭିନ୍ନ ସଂଗଠନ, ଛାତ୍ର ସଂସଦ, ସିଭିଲ ସୋସାଇଟି ଦେଶର ପ୍ରତି ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାକୁ ଆହ୍ୱାନ ଦିଆଯାଇଛି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ କଥାବାର୍ତ୍ତା ନେଇ ଅଚଳାବସ୍ଥା ଦୂର କରିବାକୁ ପ୍ରୟାସ ଜାରି ରହିଛି। ସିଜେପି ଆସନ୍ତାକାଲିର ପ୍ରତିବାଦ ଲାଗି ସ୍ଲୋଗାନ ତିଆରି କରିଛି। ପ୍ରତି ଜିଲ୍ଲା ଗୋଟିଏ ଦିନ ଓ ଗୋଟିଏ ଦାବି ନେଇ ସ୍ଥାନୀୟ ସଂଗଠନମାନେ ଛାତ୍ର ସଂସଦ ଓ ସିଭିଲ ସୋସାଇଟି ସହ ଆଲୋଚନା କରି ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବେ। ଯଦି ଆବଶ୍ୟକ ପଡେ ତେବେ ଅନୁମତି ନେବେ। ଦେଶବ୍ୟାପୀ ପ୍ରତିବାଦ ଲାଗି ଏସ୍‌ଓପି ଜାରି କରାଯାଇଛି। ଏଥିରେ ସ୍ଥାନୀୟ ସଂଗଠନଗୁଡ଼ିକ ସ୍ମାରକପତ୍ର ଓ ପ୍ରଚାର ସାମଗ୍ରୀ ଯୋଗାଇ ଦିଆଯାଇଛି। ଗୋଟିଏ ସ୍ଥାନରେ ଏମାନେ ଏକାଠି ହୋଇ ପ୍ରତିବାଦ କରିବେ। ଦିଲ୍ଲୀ ପରେ ସମଗ୍ର ଦେଶରେ ସିଜେପି ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଅଣ୍ଟା ଭିଡ଼ିଛି।

## ଯୁଏନ୍...

ରୁଜୁ ହେବା ପରେ ୧୫ଜଣଙ୍କୁ ପୋଲିସ ଜେରା କରିସାରିଲାଣି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ମିଳିଛି। ପୋଲିସ କହିବାନୁଯାୟୀ ଦ୍ୱିତୀୟବାର ରାଜେଶ ବର୍ମାଙ୍କୁ ସମନ କରାଯାଇଛି। ସେ ହାଜର ନହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୁଧବାର ଦିନ କମିଶନରେଟ୍ ପୋଲିସ ମୁଖ୍ୟମନ୍ତ୍ରୀଙ୍କ ଅଫିସକୁ ତଦନ୍ତ ସମ୍ପର୍କରେ ସୂଚନା ଦେଇସାରିଛି। ତଦନ୍ତର ଆବଶ୍ୟକ ଅନୁଯାୟୀ ସମନ କରାଯାଉଛି।

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ତଦନ୍ତ କମିଶନ ଫାଇଲ ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ତଦନ୍ତ ଫାଇଲ କେଉଁଠାରେ ଗାଏବ ହୋଇଯାଇଛି, ତାହା ମିଳୁନଥିବାରୁ କ୍ୟାପିଟାଲ ଥାନାରେ ସରକାରଙ୍କ ପକ୍ଷରୁ ଏତଲା କରାଯାଇଛି। ଏତଲା ଅନୁଯାୟୀ ତଦନ୍ତ ତ୍ୱରାନ୍ୱିତ ହେଉଛି, ଖୁବ୍‌ଶୀଘ୍ର ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବ ବୋଲି ପୋଲିସ କହିଛି।

## ପୋଖରୀକୁ...

କୁମାର ପୃଷ୍ଟିଙ୍କ ଝିଅଙ୍କୁ ବିବାହ ପାଇଁ ଆସିଥିଲେ। ବରଯାତ୍ରୀରେ ନିଜ ସମ୍ପର୍କୀୟ ସହିତ ସମସ୍ତେ ଆସିଥିବା ବେଳେ ଏକ ଏକ୍ସୟୁମହିନ୍ଦ୍ରା କାର ସଦରଥାନା ଚାଇଁପୁର ଗ୍ରାମର ଅନ୍ୟ ଦୁଇଜଣଙ୍କୁ ନେଇ ବରଯାତ୍ରୀରେ ସାମିଲ ହୋଇଥିଲେ। ବରଯାତ୍ରୀମାନେ ନାଚଗୀତ ଡିଜେରେ ବାଣ ଫୁଟାଇ ନାଚ କରି କନ୍ୟାଘରକୁ ରୋଷଣୀ କରି ଯାଇଥିଲେ। ସେଠାରେ ବରାଯାତ୍ରୀମାନେ ଭୋଜି ଖାଇବା ପରେ ମହିନ୍ଦ୍ରା କାରରେ ୭ଜଣ ଘରକୁ ଫେରୁଥିଲେ। କାରଟି ଗୁଣ୍ଡିଚାପଡା-ଇନ୍ଦିପୁର ମୁଖ୍ୟ ରାସ୍ତାର ଛାଟିଆ ନିକଟରେ ପଞ୍ଚୁପଟି ରାସ୍ତାଦେଇ ଫେରୁଥିଲା। ବିଳମ୍ବିତ ରାତ୍ରୀରେ ଛାଟିଆ ଗ୍ରାମ ପାର ହୋଇ କାରଟି ଦ୍ରୁତ ଗତିରେ ପଞ୍ଚୁପଟି ରାସ୍ତାରେ ଆସୁଥିବା ବେଳେ ଛାଟିଆ ଗାଁ ମୁଣ୍ଡରେ ଥିବା ପୋଖରୀର ଟର୍ଣ୍ଣିଂରେ କାରଟି ଭାରସାମ୍ୟ ହରାଇ ସମ୍ପୁର୍ଣ୍ଣ ଭାବରେ ପୋଖରୀ ଭିତରକୁ ପଶିଯାଇଥିଲା। ଫଳରେ ସେହି କାରରେ ଥିବା ୭ଜଣ ବରଯାତ୍ରୀ ରହିଯାଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ପାଟି ଶୁଣି ଗ୍ରାମର କିଛି ଲୋକ ଚାଲିଆସିବା ସହିତ ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ଡାକି କାରଟିକୁ କୂଳକୁ ଦଉଡି ବାନ୍ଧି ଉପରକୁ ଆଣିବାକୁ ଚେଷ୍ଟା କରିଥିବା ବେଳେ ପ୍ରବଳ ପାଣି ଯୋଗୁ ସମ୍ଭବ ହୋଇନଥିଲା। ଫଳରେ କାର ଡୋର ନିକଟରେ ଥିବା ଦୁଇ ଜଣକୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମୋଟଙ୍ଗା ଥାନା ଅନ୍ତର୍ଗତ ବାଙ୍ଗୁରସିଂହ ଗ୍ରାମର ରବିନାରାୟଣ ସାହୁଙ୍କ ପୁଅ ଶ୍ରୀରାମ ସାହୁ(୨୮),ନୃସିଂହ ଚରଣ ସ୍ୱାଇଁଙ୍କ ପୁଅ ଚନ୍ଦ୍ରକାନ୍ତ ସ୍ୱାଇଁ(୨୬) ,ଅନନ୍ତଚରଣ ସାହୁଙ୍କ ପୁଅ ଅଭିନାଷ ସାହୁ (୨୮),ବୀରକିଶୋର ସାହୁଙ୍କ ପୁଅ ରାକେଶ ସାହୁ(୨୮) ଓ ଢେଙ୍କାନାଳ ବନମାଳୀ ପ୍ରସାଦର ଅପର୍ତ୍ତି ସାହୁଙ୍କ ପୁଅ ଅଭିଜିତ ସାହୁ(୨୫) କାରରୁ ବାହାରି ନପାରିମୃତ୍ୟୁ ବରଣ କରିଥିଲେ। ଗ୍ରାମବାସୀ ପୋଲିସକୁ ଖବର ଦେବା ପରେ ପୋଲିସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ମୃତାହତମାନଙ୍କୁ ଚିକିତ୍ସାଳୟକୁ ପଠାଇଥିଲେ। ପରେ ପୋଖରୀରୁ କାରକୁ ବାହାର କରାଯାଇଥିଲା। ଖବର ପାଇଁ ଶହ ଶହ ଲୋକ ପୋଖରୀ ନିକଟରେ ଏକତ୍ରିତ ହୋଇଯାଇଥିଲେ। ଛାଟିଆ ଗ୍ରାମଟି ଲୋକାରଣ୍ୟ ହୋଇପଡିଥିଲା। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖବରପାଇ ଶହ ଶହ ସଂଖ୍ୟାରେ ଏକତ୍ରିତ ହୋଇଥିବା ବେଳେ ଚାରିଆଡେ କାନ୍ଦବୋବାଳି ଜାରିରହିଥିଲା। ଏକ ସଙ୍ଗରେ ୫ଜଣ ଯୁବକଙ୍କ ମୃତ୍ୟୁକୁ ନେଇ ଛାଟିଆ ଗ୍ରାମବାସୀ ସ୍ତବଧ ହୋଇପଡିଥିବା ବେଳେ ଇନ୍ଦିପୁର ଏବଂ ବାଙ୍ଗୁରସିଂହ ଗ୍ରାମରେ ମଧ୍ୟ ଶୋକର ଛାୟା ଖେଳିଯାଇଛି। ସମସ୍ତଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ହୋଇଥିବା ଛାଟିଆ ପୋଖରୀ ନିକଟରେ ହଠାତ ବୁଲାଣି ଥିବା ବେଳେ କୌଣସି ପ୍ରକାରର ସାଇନେଜ ନାହିଁ। ଫଳରେ ଗାଡିର ଡ୍ରାଇଭର ଜାଣିନପାରି ଏଭଳି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବାର ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ଗ୍ରାମବାସୀ ଏକତ୍ରୀତ ହୋଇ ଶବଦାହ କରିଥିବାର ଜଣାପଡିଛି।

# ବନ୍ଧ ଘରୁ ଚୋରି: ନେଇଗଲେ ସୁନା, ରୁପା ଅଳଙ୍କାର ସହ ନଗଦ ଟଙ୍କା

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରଥ କଲୋନୀର ଏକ ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ସୁନା-ରୂପା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତା ନିରାକାରପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ପୁରୀ ଜିଲ୍ଲା କଣାସ ବ୍ଲକ ଅଭୟପୁର ଗ୍ରାମର ରଶ୍ମି ରଞ୍ଜନ ପ୍ରଧାନ (୪୦), ଅଭିଯୋଗ ଅନୁଯାୟୀ ଦୀର୍ଘ ଦିନ ହେବ ନିରାକାରପୁରସ୍ଥିତ ନିଜ ଭଉଣୀ ଜ୍ୟୋସ୍ନା ରାଣୀ ପ୍ରଧାନ ବାହାରେ ରହୁ ଥିବାବେଳେ ସେ ଘରେ ରହି ଆସୁଛନ୍ତି। ତେବେ କୌଣସି କାମରେ ସେ ବାହାରକୁ ଯାଇଥିବା ବେଳେ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଗୁରୁବାର ସକାଳ ୧୦ଟା ସମୟରେ ଘରକୁ ଫେରିବାରୁ ଘରର ମୁଖ୍ୟ ଗ୍ରିଲ କବାଟ ଖୋଲା ଥିବା ସେ ଦେଖିବାକୁ ପାଇଥିଲେ। ପରେ ଘର ଭିତରକୁ ଯାଇ ଦେଖିଲା ବେଳକୁ ପଛ ଦ୍ୱାରର ତାଲା ଭଙ୍ଗା ଯାଇଥିଲା। ଦୁର୍ବୃତ୍ତମାନେ ଘର ଭିତରେ ଥିବା ଆଲମିରା ଓ ଡ୍ରେସିଂ ଟେବୁଲର ଡ୍ରୟର ଭାଙ୍ଗି ସେଥିରେ ଥିବା ବହୁ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଛନ୍ତି। ସୁନା ଚେନ,ସୁନା ଲକେଟ,ରୂପା ବାସନ ସେଟ ,ରୂପା ପାଉଁଜ ଓ ନଗଦ ୧୦,୦୦୦ ଟଙ୍କା ଚୋରି ହୋଇଯାଇଛି ବୋଲି ଅଭିଯୋଗରୁ ଜଣାପଡ଼ିଛି। ଏ ନେଇ ରଶ୍ମି ରଞ୍ଜନ ପ୍ରଧାନ ନିରାକାରପୁର ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ସହ ଘଟଣାର ତୁରନ୍ତ ତଦନ୍ତ କରି ଦୋଷୀଙ୍କୁ ଗିରଫ କରିବା ଏବଂ ଚୋରି ହୋଇଥିବା ସାମଗ୍ରୀ ଓ ଟଙ୍କା ଉଦ୍ଧାର କରିବାକୁ ଅନୁରୋଧ କରିଛନ୍ତି। ପୋଲିସ ଅଭିଯୋଗକୁ ଆଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଶ୍ରୀଶ୍ରୀ ସିଦ୍ଧ ବଳରାମ ଦେବଙ୍କ ସନ୍ଧ୍ୟା ଦର୍ଶନ ଭଜନ ସମାରୋହ

ସାକ୍ଷୀଗୋପାଳ ,(ସବ୍ୟୁ): ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଜା ଭାବରେ ପରିଚିତ ଶ୍ରୀ ଶ୍ରୀ ସିଦ୍ଧ ବଳରାମ ଦେବଙ୍କ ରଥଯାତ୍ରା ଅବସରରେ ଗୁରୁବାର ସନ୍ଧ୍ୟା ଦର୍ଶନ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଚନ୍ଦନ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମ କୁ ସାକ୍ଷୀଗୋପାଳ ମନ୍ଦିର ପରିଚାଳନା ପରିଷଦ ସଭ୍ୟ ବାଳକୃଷ୍ଣ ମହାପାତ୍ର, ଲୋକନାଥ ବାରିକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତେନ୍ଦୁ ମହାନ୍ତି, ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ର ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର, ସହ ସମ୍ପାଦକ ପ୍ରଶାନ୍ତ କୁମାର ବିଶାଳ, ବଦ୍ରିନାରାୟଣ ଖୁଣ୍ଟିଆ ଓ ନୀଳାଦ୍ରି ଗୋଟିପୁଅ ଅନୁଷ୍ଠାନର ସୁଦର୍ଶନ ରାୟ ପ୍ରମୁଖ ଉଦଘାଟନ କରିଥିଲେ। ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ପକ୍ଷରୁ ଲୋକପ୍ରିୟ ଭଜନ କଣ୍ଠଶିଳ୍ପୀ ଓ ତବଲା ବାଦକ ଶରତ ଚନ୍ଦ୍ର ବାରିକ, ଯୁବ କଣ୍ଠଶିଳ୍ପୀ ସୁବର୍ଣ୍ଣ କୁମାର, ଶୁଭଦ୍ରା ଶୁଭଦର୍ଶିନୀ, ଦେବସ୍ମିତା ହୋତା ପ୍ରମୁଖ ମନୋଜ୍ଞ ଭଜନ ଜଣାଣ ପରିବେଷଣ କରିଥିଲେ। ତବଲାରେ ବିଜୟ କୁମାର ମହାପାତ୍ର, ଢୋଲକରେ ରନାକର ନାଥ ଏବଂ ଅର୍ଗାନରେ ନିରଞ୍ଜନ ନାୟକ ସହଯୋଗ କରିଥିଲେ। ଅଞ୍ଜନ କୁମାର ହୋତା ସଂଯୋଜନା କରିଥିବା ବେଳେ କୌଶିକ ମହାପାତ୍ର ଓ ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା



ଗୁରୁଗ୍ରାମ :ଗୁରୁଗ୍ରାମସ୍ଥିତ 'ସାଇକା ଆଙ୍ଗନ୍' ପରିସରରେ ମହାପ୍ରଭୁଶ୍ରୀଜଗନ୍ନାଥଙ୍କ ମନ୍ଦିର ଆଜି ପ୍ରତିଷ୍ଠାହୋଇଯାଇଛି। ପାରମ୍ପରିକବୈଦିକରୀତି ନୀତି ଅନୁସାରେଗୁରୁଜୀଡ. ଚନ୍ଦ୍ରଭାନୁଶତପଥୀ ମନ୍ଦିର ପ୍ରାଙ୍ଗଣରେମହାପ୍ରଭୁଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀସୁଭଦ୍ରା ଓ ଚକ୍ରରାଜସୁଦର୍ଶନଙ୍କଶ୍ରୀବିଗ୍ରହ ପ୍ରତିଷ୍ଠାକରିଥିଲେ।

ସକାଳେକଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ଯଜ୍ଞକାର୍ଯ୍ୟ ହୋଇଥିଲା। ଗୁରୁଜୀ ଯଜ୍ଞରେ ପୂର୍ଣ୍ଣାହୂତି ଦେଇଥିଲେ। ପବିତ୍ରବେଦପାଠ ଓ ମନ୍ତ୍ରଧ୍ୱନି ମଧ୍ୟରେଗୁରୁଜୀବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠାକରିଚକ୍ଷୁଦାନ ନୀତିସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଏକ ଭବ୍ୟ ଶୋଭାଯାତ୍ରାରେଶ୍ରୀବିଗ୍ରହମାନଙ୍କ ନୂତନ ମନ୍ଦିର ପରିସରକୁ ନିଆଯାଇସ୍ଥାପନା କରାଯାଇଥିଲା।

ଏହି ଅବସରରେ ଗୁରୁଜୀକହିଥିଲେ ଯେ ଭାରତରଚାରିଧାମ ମଧ୍ୟରେ ପୁରୀଶ୍ରୀଜଗନ୍ନାଥ ଧାମରସ୍ୱାତନ୍ତ୍ର୍ୟ ଅନନ୍ୟ। ପ୍ରାଚୀନକାଳରୁଏହାରମାହାତ୍ମ୍ୟ ରହିଆସିଛି। ଭାରତର ପ୍ରାୟସମସ୍ତସନ୍ଥ ଓ ଆଧ୍ୟାତ୍ମିକ ପୁରୁଷମାନେ ଏହି ଧାମକୁଆସି ମହାପ୍ରଭୁଙ୍କର ଦର୍ଶନଲାଭକରିଛନ୍ତି। ନାନକ, ଚୈତନ୍ୟ, ଶଙ୍କର ଦେବ ପ୍ରମୁଖଏହି ପୀଠକୁ ଆସି ଭଗବାନଙ୍କର ଅପୂର୍ବ ଅନୁଭୂତି ଲାଭକରିଛନ୍ତି। ଶେଷରେସମସ୍ତଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା। ଏହିଉତ୍ସବରେସ୍ଥାନୀୟ ଅଞ୍ଚଳରୁ ବହୁସଂଖ୍ୟାରେ ଅଧିବାସୀଙ୍କ ସମେତଓଡ଼ିଶାରୁବହୁଭକ୍ତଯୋଗ ଦେଇଥିଲେ। ସିବିଏସକଲଚରାଲ ଫାଉଣ୍ଡେସନ ସହଯୋଗରେସାଇକା ଆଙ୍ଗନ ପରିବାର ପକ୍ଷରୁଏହିଉତ୍ସବର ଆୟୋଜନ କରାଯାଇଥିଲା।

ଏଠାରେସୂଚନାଯୋଗ୍ୟ ଯେ ଗୁରୁଜୀଙ୍କମାର୍ଗଦର୍ଶନରେ ଗତ ତିନିବର୍ଷ ଧରିସାଇକା ଆଙ୍ଗନ୍‌ରେ ରଥଯାତ୍ରାଉତ୍ସବ ଆୟୋଜିତ ହୋଇଆସୁଛି। ସ୍ଥାନୀୟଭକ୍ତମାନଙ୍କର ବିପୁଳ ଆନନ୍ଦ ଓ ଉତ୍ସାହକୁ ଦେଖି ଏଠାରେଜଗନ୍ନାଥମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ଗୁରୁଜୀ ଡ. ଶତପଥୀ ଜଗନ୍ନାଥସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ଦୀର୍ଘବର୍ଷରୁ ଦେଶ ଓ ବିଦେଶରେକାର୍ଯ୍ୟ କରି ଆସୁଛନ୍ତି। ତାଙ୍କରି ଉଦ୍ୟମରେ ନୂଆଦିଲ୍ଲୀରନୋଇଡ଼ା, ବରେଲି ଓ ଆମେରିକାର ଡଲାସସମେତବିଭିନ୍ନ ସ୍ଥାନରେରଥଯାତ୍ରାଉତ୍ସବ ଅନୁଷ୍ଠିତ ହୋଇଆସୁଛି।

# କେନାଲ କୂଅରେ ପଡି ନା-ବାଳକର ମୃତ୍ୟୁ

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ବ୍ଲକ ଦେଢସର ଶ୍ରୀ ହନୁମାନ ମନ୍ଦିର ନିକଟରେ ବହିଯାଇଥିବା କେନାଲ କୂଅରେ ପଡି ଜଣେ ନା-ବାଳକର ମୃତ୍ୟୁ ହୋଇଛି। ମୃତ ନା-ବାଳକର ନାଁ ରାମଜ୍ୟୋତି ପ୍ରଧାନ ଓରଫ ରାଜା (୧୬) ଓ ତାଙ୍କଘର ସିମିଳିସାହି ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ରାମଜ୍ୟୋତି ବିଲରେ କାମ କରୁଥିବା ତାଙ୍କ ଅଜାଙ୍କୁ ଖାଦ୍ୟ ଦେଇ ଘରକୁ ଫେରୁଥିବା ସମୟରେ ଗୋଡ଼ ଧୋଇବା ପାଇଁ ଶ୍ରୀହନୁମାନ ମନ୍ଦିର ନିକଟରେ ବହିଯାଇଥିବା କେନାଲକୁ ଯାଇଥିଲେ। ଏହି ସମୟରେ ରାମଜ୍ୟୋତିଙ୍କ ଗୋଡ଼ ଖସିଯିବାରୁ ରାମଜ୍ୟୋତି କେନାଲ କୂଅ ଭିତରେ ପଡିଯାଇଥିଲେ। ମାତ୍ର ରାମଜ୍ୟୋତିଙ୍କ ଘରକୁ ଫେରିବାର ବିଳମ୍ବ ହେବାରୁ ପରିବାର ଲୋକ ଖୋଜାଖୋଜି କରି ଚପଲ କେନାଲ କୂଅ ପାଖରେ ଥିବା ଦେଖିବାକୁ ପାଇଥିଲେ। ପରେ କେନାଲ କୂଅ ଭିତର ଖୋଜା ଖୋଜି କରି ରାମଜ୍ୟୋତିଙ୍କ ମୃତ ଶରୀର କୂଅରୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରାମଜ୍ୟୋତି ତାଙ୍କ ପରିବାର ଏକମାତ୍ର ସନ୍ତାନ ହୋଇଥିବାରୁ ତାଙ୍କ ପରିବାର,ବନ୍ଧୁବାନ୍ଧବ ଓ ସିମିଳିସାହି ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

## ଶ୍ରୀଜୀଉଙ୍କ ନବମୀ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ

ଖଣ୍ଡପଡ଼ା ,(ସବ୍ୟୁ): ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ମହିମାମେରୁ ଘୋଷଯାତ୍ରା ଅବସରରେ ଏବେ ଗୁଣ୍ଡିଚା ଘରେ ଅବସ୍ଥାନ କରୁଛନ୍ତି। ନବମୀ ସନ୍ଧ୍ୟାରେ ବିଗ୍ରହମାନଙ୍କ ଦର୍ଶନ ନିମନ୍ତେ ଖଣ୍ଡପଡ଼ା ସହରସ୍ଥିତ ଗୁଣ୍ଡିଚା ଘରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଶହଶହ ଶ୍ରଦ୍ଧାଳୁ ଯେପରି ଶୃଙ୍ଖଳିତ ଭାବେ ବିଗ୍ରହମାନଙ୍କୁ ଦର୍ଶନ କରି ପାରିବେ ସେଥି ନିମନ୍ତେ ଖଣ୍ଡପଡ଼ା ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଆସନ୍ତାକାଲି ଶୁକ୍ରବାର ଶ୍ରୀଜୀଉଙ୍କ ପବିତ୍ର ବାହୁଡା ଯାତ୍ରା ଅନୁଷ୍ଠିତ ହେବ

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 22.07.2026 Yudhistira Nayak S/o -Debaraj Nayak Resident of Village-Sikharpur P.O-Sikharpur P.S-Sarankul Dist-Nayagarh,PIN-752080 declare that I have changed my minor daughter's name from Laxmipriya Nayak to Sai Sreya Nayak Henceforth, she shall be known as Sai Sreya Nayak for all purposes.

Sd/- Yudhistira Nayak

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 09.07.2026 Sabita Nayak W/o -Ananta Nayak Resident of Village- Malisahi P.O-Baulasahi P.S- Ranpur Dist-Nayagarh,PIN-752092 declare that I have changed my minor Son's name from Subhesu Nayak to Subham Nayak. Henceforth, He shall be known as Subham Nayak for all purposes.

Sd/- Sabita Nayak

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-Zero-Value-26-27-12

କାର୍ଯ୍ୟର ନାମ : 12 (ବାର) ମାସ ଅବଧି ନିମନ୍ତେ ପ୍ରକାଶ୍ୟ ଟେଣ୍ଡର ଜରିଆରେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ କାରଖାନା ପରିସର ଭିତରେ ସଂଚିତ ଶୂନ୍ୟ (ZERO) ମୂଲ୍ୟ/ଅତି ନିମ୍ନ (VERY LOW) ବର୍ଜ୍ୟବସ୍ତୁଗୁଡ଼ିକର ଅପସାରଣ।

ବିଜ୍ଞାପିତ ମୂଲ୍ୟ: ₹43,91,652.00, EMD: ₹87,800.00, ଶେଷ ହେବା ଅବଧି : 12 ମାସ।

ବିଡ୍ ଆରମ୍ଭ ହେବା ତାରିଖ : 27.07.2026

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 10.08.2026, 15:00 ଘଣ୍ଟିକା।

ଏହି ଟେଣ୍ଡର ପାଇଁ ମାନୁଆଲ୍ ପ୍ରସ୍ତାବ ଗ୍ରହଣୀୟ ନୁହେଁ, ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ।

ଇ-ଟେଣ୍ଡର ଡକ୍ୟୁମେଣ୍ଟ ସମେତ ସମ୍ପୂର୍ଣ୍ଣ ସୂଚନା ୱେବସାଇଟ୍: www.ireps.gov.in ରେ ଉପଲବ୍ଧ।

ଉପମୁଖ୍ୟ ମେକାନିକାଲ ଇଞ୍ଜିନିୟର (POH) ରେଳଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-313/R/26-27

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-UPGRADATION -KUR-578, ତା.20.07.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ଷ୍ଟେସନର ପ୍ରମୁଖ ଉନ୍ନତୀକରଣ ସମ୍ବନ୍ଧୀୟ ଖୋର୍ଦ୍ଧା ରୋଡ଼ ଷ୍ଟେସନରେ ଯାତ୍ରୀ ସୁବିଧାଗୁଡ଼ିକର ଉନ୍ନତୀକରଣ ଏବଂ କୋଚ୍ ଇଣ୍ଡିକେସନ୍ ବୋର୍ଡ ଓ ଟ୍ରେନ୍ ଇଣ୍ଡିକେସନ୍ ବୋର୍ଡର ସଂସ୍ଥାପନ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 4,78,33,027.43, EMD (ଟଙ୍କାରେ): 9,56,700/-

ବିଡ୍ ଆରମ୍ଭ ହେବା ତାରିଖ : ତା.28.07.2026ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.08.2026 ରିଖ 1100 ଘଣ୍ଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଙ୍କେତ ଏବଂ ଦୂରସଞ୍ଚାର), ଖୋର୍ଦ୍ଧା ରୋଡ଼

PR-316/R/26-27

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

13001/1262/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-13 ରେ ପ୍ଲଟ ନଂ-13-3D/966 ଟିକୁ ତବାରକ ଖାନ୍, ପିତା-ସ୍ୱର୍ଗତ ହବୁନ୍ ଖାନ୍, ସା-ପଦନପୁର, ପୋ/ଥା-ଆଳି, ଜିଲ୍ଲା-କେନ୍ଦ୍ରାପଡା, ଓଡ଼ିଶା-୭୫୪୨୧୯ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ତବାରକ ଖାନ୍ ଉକ୍ତ ପ୍ଲଟ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ କଲ୍ୟାଣୀ ସେଠୀ, ସ୍ୱାମୀ-ପ୍ରଦୀପ କୁମାର ସେଠୀ, ସା/ପୋ-ମୂଲୁଗାଁ, ଥା-ବାଲିକୁଦା, ଜିଲ୍ଲା-ଜଗତସିଂହପୁର, ଓଡ଼ିଶା -୭୫୪୧୦୬ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR : 13001/13037/1/26-27/0078 ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BHUBANESWAR (RAB) DIVISION NO.V, BHUBANESWAR**

34001/526/2627

Mail i.d eernb5bbsr@gmail.com

INVITATION OF BIDS

E-procurement Tender Call Notice No.01 of 2026-27

No. 5220 Bhubaneswar Dt. 23 July-2026

The Superintending Engineer, Bhubaneswar (R&B) Division No.V, Bhubaneswar on behalf of the Governor of Odisha invites percentage rate bids to be received in online bidding, single cover system for one number of electrical work as detailed in : https://tendersorissa.gov.in. The details of bid documents will be available in the above website from 5:00 P.M of 03.08.2026 to 5.00 P.M of 18.08.2026.

The bidders must possess compatible Digital Signature Certificate of Class "HT". Bids received online shall be opened at 12.00 P.M. of 19.08.2026 in the Office of the Superintending Engineer, Bhubaneswar (R&B) Division No.V, Bhubaneswar.

Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/- Er.Sarada Prasanna Das
Superintending Engineer
Bhubaneswar (R&B) Division No.V,
Bhubaneswar

OIPR : 34001/34178/1/26-27/0001

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**SUBARNAREKHA IRRIGATION DIVISION**
**NO-I.JHARPOKHARIA At/PO:-Sankucha, Via:- KM Kata, Dist:-Mayurbhanj**

32001/584/2627

Government of Odisha

"e" PROCUREMENT NOTICE

Bid Identification No. 01/ 2026-27 of SE-SI Division No-I, Jharpokharia Mail Id. sidivision1@gmail.com

| | | | |
|---|---|---|---|
| 1 | Name of Work | : | Road Work |
| 2 | Total No of Projects | : | 1 No |
| 2 | Estimated Cost | : | Rs. 17.55 Lakh |
| 3 | EMD | : | Details can be seen in the DTCN of bid documents of the respected works |
| 4 | Period of Completion | : | Details can be seen in the DTCN of bid documents of the respected works |
| 5 | Class of Contractor | : | "C" Class and "D" Class |
| 6 | Date & Time of availability of bid document in the portal | : | 28.07.26 at 10.00 AM |
| 7 | Last date/time for receipt of bid in the portal | : | 09.08.2026 up to 5.00 PM. |
| 8 | Date of opening of bid | : | 10.08.2026 at 11.00 A.M. |
| 9 | Name & Address of the O.I. T | : | Superintending Engineer, Subarnarekha Irrigation Division No-I, Jharpokharia |

Further details can be seen from the e-Procurement Portal "https://tendersodisha.gov.in

Sd/- Superintending Engineer
Subarnarekha Irrigation Division No-I
Jharpokharia

OIPR : 32001/32085/1/26-27/0001

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।

# ନିର୍ବାଚନୀ ତାଲିମ୍ ପର୍ଯ୍ୟବେକ୍ଷକଙ୍କ ଏସ୍‌ଆଇଆର୍ କାର୍ଯ୍ୟ ସମୀକ୍ଷା

ଖୋର୍ଦ୍ଧା, (ସବ୍ୟୁ) : କାର୍ଯ୍ୟକ୍ରମ ତଦାରଖ ନିମନ୍ତେ ରାଜ୍ୟ ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଶାସନ ସଚିବ ରଶ୍ମିତା ପଣ୍ଡା, ଗୁରୁବାର ଏକ ଦିନିକିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି, ନିର୍ବାଚନୀ ତାଲିକା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜିଲ୍ଲାପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ଏବଂ ବିଭିନ୍ନ ଜାତୀୟ ଓ ଆଂଚଳିକ ରାଜନୈତିକ ଦଳ ଜିଲ୍ଲା ସଭାପତି ତଥା ସମ୍ପାଦକ ମାନଙ୍କ ସହ ସମୀକ୍ଷା କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପିଣ୍ଡିକି ବାହୁ ବଳେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ୧୧୧ ଜୟଦେବ ସଂରକ୍ଷିତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଉପଜିଲ୍ଲାପାଳ (ଭୁବନେଶ୍ୱର) ଡ଼ଃ ମନୋରଞ୍ଜନ



ସାହୁ,୧୧୫ ଜଟଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ (ଭୁବନେଶ୍ୱର) ରମେଶ ଚନ୍ଦ୍ର ଜେନା,୧୧୬ ବେଗୁନିଆ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ,୧୧୭ ଖୋର୍ଦ୍ଧା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଉପଜିଲ୍ଲାପାଳ (ଖୋର୍ଦ୍ଧା) ସଂକଳ୍ପ ସ୍ୱସ୍ତିକ ସାହୁ,୧୧୮ ଚିଲିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଏବଂ ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ ନିର୍ବାଚନ ଅଧିକାରୀ ଶ୍ରୀ ବେଉରା ପାୱାର ପଏଣ୍ଟ ମାଧ୍ୟମରେ ନିର୍ବାଚନୀ ତାଲିକା ପର୍ଯ୍ୟବେକ୍ଷକଙ୍କୁ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ବନ୍ଧରେ ଉପସ୍ଥାପନ କରିଥିବା ବେଳେ ପର୍ଯ୍ୟବେକ୍ଷକ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀଙ୍କୁ ଏସ୍‌ଆଇଆର୍ କାର୍ଯ୍ୟ ସମ୍ବନ୍ଧରେ ପଚାରି ସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଭାରତୀୟ ଜାତୀୟ କଂଗ୍ରେସ ସୌମ୍ୟ ପଟ୍ଟନାୟକ, ଭାରତୀୟ ଜନତା ପାର୍ଟିର ବଦ୍ରୀ ନାରାୟଣ ଦାଶ ଏବଂ ସିପିଆଇ (ଏମ୍) ଅନନ୍ତ ମଙ୍ଗରାଜ ରାଜନୈତିକ ଦଳ ଜିଲ୍ଲା ବରିଷ୍ଠ ନେତୃ ମଣ୍ଡଳୀ ସହ ଏସଆଇଆର କାର୍ଯ୍ୟ ସମ୍ବନ୍ଧରେ ସମୀକ୍ଷା କରି ଖୋର୍ଦ୍ଧା ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସଠିକ୍ ଢଙ୍ଗରେ ଚାଲିଥିବାରୁ ରାଜନୈତିକ ଦଳ ଜିଲ୍ଲା ପ୍ରଶାସନକୁ ସହଯୋଗ କରୁଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଏସଆଇଆର କାର୍ଯ୍ୟକ୍ରମର ତଥ୍ୟ ପ୍ରଦାନ କରିଥିଲେ। ସେହିପରି ମ୍ୟାପିଙ୍ଗସ୍ଥିତି, ଭୋଟର ଚିହ୍ନଟ ଫର୍ମ ବଣ୍ଟନ, ଡିଜିଟାଇଜେସନ୍, ଲିଙ୍ଗ ଭେଦରେ ଜନସଂଖ୍ୟା (ପ୍ରାରମ୍ଭିକ ଭୋଟର ତାଲିକା ଚିଠା ପ୍ରସ୍ତୁତ ପରେ), ଭୋଟର ତାଲିକା ରେ ଅନିୟମିତତା, ଆପତି ଅଭିଯୋଗ ଶୁଣାଣୀ, ପ୍ରକୃତ ଭୋଟର, ମୃତ ଭୋଟର ମାନଙ୍କୁ ତାଲିକାରୁ ବାଦ ଦେବା, ଅବୈଧାନିକ ଭୋଟରଙ୍କୁ ବାଦ ଦେବା ଆଦି ବିଷୟରେ ସମୀକ୍ଷା କରି ଖୋର୍ଦ୍ଧା ବ୍ଲକ୍ ର ବିଏଲଓ, ବିଏଲ୍ଏ ମାନଙ୍କୁ କ୍ଷେତ୍ର କାର୍ଯ୍ୟ ସମ୍ବନ୍ଧରେ ପଚାରି ବୁଝିଥିଲେ।

## କଂଗ୍ରେସ ପକ୍ଷରୁ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ପୁରୀ, (ସବ୍ୟୁ) : ନିଟ ପ୍ରଶ୍ନ ପତ୍ର ଚୋରି ମାମଲାରେ ଦିଲ୍ଲୀ, ଜନ୍ତରମନ୍ତର ଠାରେ ଗଣତାନ୍ତ୍ରିକ ଉପାୟରେ ପ୍ରଭାବିତ ଆନ୍ଦୋଳନରତ ଛାତ୍ର ଛାତ୍ରୀଙ୍କୁ ମାଡ଼ ମାରିବା ଏବଂ ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ ଗିରଫ, ଦୁର୍ବ୍ୟବହାର କରିବା ପ୍ରତିବାଦରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ସହ କଡ଼ା ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ଦଳ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସ୍ଥାନୀୟ କଂଗ୍ରେସ ନେତୃବୃନ୍ଦ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆନ୍ଦୋଳନ ଛାତ୍ର ଛାତ୍ରୀଙ୍କ ଉପରେ ପୋଲିସ ପକ୍ଷରୁ କରାଯାଇଥିବା ଆକ୍ରମଣକୁ କଡ଼ା ନିନ୍ଦା କରିଥିଲେ। ପରେ କଂଗ୍ରେସ ଦଳ ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ କେଉଁ କାରଣରୁ ଓଡ଼ିଆ ପାଠ୍ୟ ପୁସ୍ତକ ରାଜ୍ୟ ବାହାରେ ଗୁଜରାଟରେ ଛପାଗଲା। ଆଜି ପର୍ଯ୍ୟନ୍ତ କଣ ପାଇଁ ସଠିକ ପାଠ୍ୟ ପୁସ୍ତକ ବିତରଣ କରାଗଲା ନାହିଁ ତାହାର ପ୍ରତିବାଦରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ଇଂ ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଆଜିର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଶରତ ରଥ, ଉତ୍ତମ କୁମାର ଆଚାର୍ଯ୍ୟ, ବିଦ୍ୟୁତଲତା ଆଚାର୍ଯ୍ୟ, ଉମାକାନ୍ତ ବରାଳ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ମହିଳା କଂଗ୍ରେସ ସଭାନେତ୍ରୀ ସରସ୍ୱତୀ ପାତ୍ର, ସୁକାନ୍ତ କୁମାର ପ୍ରଧାନ, ବିଶ୍ୱନାଥ ଦାଶ,କାଳୀ ପ୍ରସାଦ ନାୟକ ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ମୁହଁ ନୂଆ ପରିଚୟ ତଥା ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ୨୨ ତାରିଖରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ +୨ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ନୂତନ ପରିସ୍ଥିତିରେ ନିଜକୁ ଅଭ୍ୟସ୍ତ କରିବା ପ୍ରକ୍ରୀୟା ବା ଆଭିମୁଖୀ କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତଥା କିଟ୍‌ର ପ୍ରତିଷ୍ଠତା ସଦସ୍ୟ ଡଃ. ଚିତ୍ତ ରଞ୍ଜନ ମିଶ୍ର ଅଧ୍ୟକ୍ଷତା କରି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ବିଭିନ୍ନ ଉପଲବ୍‌ଧିକୁ ଆପଣେଇବାର ସହଜ, ସରଳ ଉପାୟକୁ ଛାତ୍ରଛାତ୍ରୀ ନିଜର ବ୍ରତ କରିବା ଉପରେ ପରାମର୍ଶ ଦେବା ସହ, ଆମ୍ ସଂଜମୀ ହିଁ ଏହାର ମୂଳମନ୍ତ୍ର ବୋଲି କହିଥିଲେ। କଠିନ ପରିଶ୍ରମ, ଶୃଙ୍ଖଳା ସହିତ ପିତାମାତା ଓ ଗୁରୁଜୀମାନଙ୍କ ପ୍ରତି




ସମର୍ପଣ ଭାବ ରଖିଲେ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଶ୍ଚତରୁପେ ଜଣେ ଜଣେ ଭଲ ମଣିଷ ହେବା ସହ କୃତୀ ଛାତ୍ରଛାତ୍ରୀ ହିସାବରେ ସଫଳତା ଲାଭ କରିପାରିବେ। ବିଦ୍ୟାଳୟ ଶିକ୍ଷାରୁ ଉଚ୍ଚତର ବିଦ୍ୟାଳୟରେ ଶିକ୍ଷା ପଦ୍ଧତିକୁ ଆପଣେଇବାକୁ ହେଲେ ନିଜକୁ ନୂତନ ପରିବେଶ ଓ ନୂତନ ପଦ୍ଧତିକୁ ଆଗ୍ରହ ସହ ଗ୍ରହଣ କଲେ ନିଶ୍ଚିତ ରୂପେ ପ୍ରତ୍ୟେକ ଛାତ୍ରଛାତ୍ରୀ ସଫଳ ହେବେ ବୋଲି ଡଃ. ମିଶ୍ର ପିଲାମାନଙ୍କୁ ବିସ୍ତୃତରୂପେ ବୁଝାଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡଃ. ତ୍ରିବିକ୍ରମ ଷଡଙ୍ଗୀ ବିଦ୍ୟାଳୟର ପାଠ୍ୟକ୍ରମ କିପରି ଭବିଷ୍ୟତରେ ସୁନାଗରିକମାନଙ୍କୁ ଗଢିବାରେ କାର୍ଯ୍ୟରତ ଶିକ୍ଷକମାନଙ୍କ ନିରନ୍ତର ଉଦ୍ୟମ ଦ୍ୱାରା ସମ୍ଭବ ଏବଂ ଏଥିପାଇଁ ଛାତ୍ରଛାତ୍ରୀ ଦୁଇବର୍ଷ ପାଇଁ ଏହି ଗୁରୁକୂଳରେ ନିଜକୁ ପ୍ରସ୍ତୁତ କରିବା ଉଚିତ୍ କହି ଉତ୍ସାହିତ କରିଥିଲେ। ଶେଷରେ ଅନୁଷ୍ଠାନର ଉପାଧ୍ୟକ୍ଷ ଡଃ. ରୁଦ୍ର ମୋହନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାଲମିଆ ସିମେଣ୍ଟ ପକ୍ଷରୁ ରଥ ଶିଳ୍ପକାର ସମ୍ମାନର ୫ମ ସଂସ୍କରଣ

## ମୁଖ୍ୟ ରଥ ଶିଳ୍ପୀଙ୍କୁ ସମ୍ବର୍ଦ୍ଧନା, ସ୍ମାରକୀ ଡାକ ଟିକେଟ ଉନ୍ମୋଚିତ

ପୁରୀ, (ସବ୍ୟୁ) : ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ 'ଡାଲମିଆ ଭାରତ ଲିମିଟେଡ୍' ପକ୍ଷରୁ ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନର ପଞ୍ଚମ ସଂସ୍କରଣ ଅନୁଷ୍ଠିତ ହୋଇଛି। ଓଡ଼ିଶାର ସାଂସ୍କୃତିକ ପରିଚୟ ସହ ଗଭୀର ଭାବେ ଜଡ଼ିତ ଏହି ଆଧ୍ୟାତ୍ମିକ ପରମ୍ପରାକୁ ଜୀବନ୍ତ ରଖିଥିବା ମୁଖ୍ୟ କାରିଗର ତଥା 'ମହାରାଣା'ମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଛି। କମ୍ପାନୀର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ଅନଟିଂ ଶିଳ୍ପକାର୍ସ' ଅନ୍ତର୍ଗତ ଆୟୋଜିତ ଏହି ଭବ୍ୟ ଉତ୍ସବରେ, ଅନେକ ପିଢ଼ି ଧରି ପବିତ୍ର ରଥ ନିର୍ମାଣ ପରମ୍ପରାକୁ ଆଗେଇ ନେଉଥିବା ରଥ ଶିଳ୍ପୀମାନଙ୍କ ଅସାଧାରଣ ଦକ୍ଷତା, ନିଷ୍ଠା ଓ ଭକ୍ତିଭାବକୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ



ଚାରି ଜଣ ରଥ ଶିଳ୍ପୀଙ୍କୁ ସ୍ୱତନ୍ତ୍ର ଭାବେ ଉତ୍ତରୀୟ, ଟ୍ରଫି, ପାରମ୍ପରିକ ଧୋତି ଏବଂ ନଗଦ ୧୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅଭିଯାନର ୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବିଶେଷ ପଦକ୍ଷେପ ସ୍ୱରୂପ, ଏପର୍ଯ୍ୟନ୍ତ ସମ୍ମାନିତ ହୋଇଥିବା ସମସ୍ତ ୨୦ ଜଣ ରଥ ଶିଳ୍ପୀଙ୍କୁ ନିମନ୍ତ୍ରଣ କରାଯାଇ ଉତ୍ତରୀୟ, ସ୍ମାରକୀ ଓ ପାରମ୍ପରିକ ଧୋତି ଦେଇ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀର ପବିତ୍ର ରଥ ସମ୍ମୁଖରେ ଏହି ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା। ଏହି ୫ମ ବର୍ଷର ସଫଳତାକୁ ସ୍ମରଣୀୟ କରିବା ପାଇଁ, ଡାଲମିଆ ଭାରତ, ଓଡ଼ିଶା ଡାକ ବିଭାଗ ସହଯୋଗରେ ଓଡ଼ିଶାର ରଥ ଶିଳ୍ପୀମାନଙ୍କ ଶିଳ୍ପକଳା ଓ ନିରନ୍ତର ଯୋଗଦାନକୁ ସମ୍ମାନ ଜଣାଇ ଏକ ସ୍ମାରକୀ ଡାକ ଟିକେଟ ଏବଂ ସ୍ୱତନ୍ତ୍ର ଡାକ କଭର ଉନ୍ମୋଚନ କରିଛି। ସମ୍ମାନିତ ସମସ୍ତ ୨୦ ଜଣ ରଥ ଶିଳ୍ପୀଙ୍କୁ ନେଇ କମ୍ପାନୀ ଏକ ସ୍ୱତନ୍ତ୍ର କଫି ଟେବୁଲ ବୁକ୍ ମଧ୍ୟ ପ୍ରକାଶ କରାଯାଇଛି।

## ସ୍ଥାନୀୟ ସ୍ୱପ୍ନରୁ ବିଶ୍ୱସ୍ତରୀୟ କ୍ୟାରିୟର ପର୍ଯ୍ୟନ୍ତ

# ଭାରତରେ ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣା ଏସ୍‌ଏପି ଶିକ୍ଷା

ଭୁବନେଶ୍ୱର, (ସବ୍ୟୁ) : ନିଯୁକ୍ତି ପାଇବା ପାଇଁ ପୂର୍ବରୁ ଏକ ଡିଗ୍ରୀ ଯଥେଷ୍ଟ ଥିଲା। ବର୍ତ୍ତମାନ ନିଯୁକ୍ତିଦାତାମାନେ ଏମିତି ସ୍ନାତକମାନଙ୍କୁ ମଧ୍ୟ ଚାହୁଁଛନ୍ତି ଯେଉଁମାନେ ଶୀଘ୍ର ନିଜକୁ ଖାପଖୁଆଇ ପାରିବେ ଓ ସୀମା ବାହାରେ ଆତ୍ମବିଶ୍ୱାସର ସହିତ କାମ କରିପାରିବେ। କାର୍ଯ୍ୟକ୍ଷେତ୍ର ଗୁଡ଼ିକ ଶ୍ରେଣୀଗୃହ ଅପେକ୍ଷା କେବଳ ଅଧିକ ଦ୍ରୁତ ଗତିରେ ଆଗକୁ ବଢ଼ିଯାଇଛନ୍ତି। ଏସଏପି ଲର୍ଣ୍ଣିଂ ହବ, ଷ୍ଟୁଡେଂଟ ଏଡିସନ ସେହି ବ୍ୟବଧାନ ପାଇଁ ହିଁ ନିର୍ମିତ ହୋଇଛି। ଭାରତର ଯୋଗ୍ୟ ଅନ୍ତିମ ବର୍ଷର ଛାତ୍ରଛାତ୍ରୀମାନେ ଶିକ୍ଷାଗତ ଯାଂଚ ପରେ ପ୍ରିମିୟମ ଏସଏପି ପ୍ରଶିକ୍ଷଣ ସମ୍ପଦଗୁଡ଼ିକୁ ମାଗଣାରେ ପାଇପାରିବେ। ଏଥିପାଇଁ କୌଣସି ସବସ୍କ୍ରିପସନର ଆବଶ୍ୟକତା ନାହିଁ। ସେଥିରେ ଫାଇନାନ୍ସ, ସପ୍ଲାଇ ଚେନ୍, ଏଚ୍‌ଆର୍ ଓ ଆନାଲିଟିକ୍ସରେ ଶିକ୍ଷଣ ଯାତ୍ରା, ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ଅଧିବେଶନ, ବ୍ୟବହାରିକ ଅଭ୍ୟାସ ପ୍ରଣାଳୀ ଏବଂ ଦୁଇଟି ଏସଏପି ସାର୍ଟିଫିକେସନ୍ ପରୀକ୍ଷା ଦେବାର ସୁଯୋଗ ସାମିଲ ଅଛି। ଏହି କାର୍ଯ୍ୟକ୍ରମଟି ଯେକୌଣସି ଶିକ୍ଷାଗତ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନଙ୍କ ପାଇଁ ଉନ୍ମୁକ୍ତ ଅଟେ, କେବଳ ବୈଷୟିକ କ୍ଷେତ୍ରର ଛାତ୍ରଛାତ୍ରୀମାନଙ୍କ ପାଇଁ ନୁହେଁ। ଯୋଗ୍ୟ ଅନ୍ତିମ ବର୍ଷର ଛାତ୍ରଛାତ୍ରୀମାନେ ଏସଏପି ଲର୍ଣ୍ଣିଂ ହବ୍, ଷ୍ଟୁଡେଂଟ ଏଡିସନ ପାଇଁ ପଞ୍ଜୀକରଣ କରିପାରିବେ।

# ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ହିନ୍ଦୁସ୍ତାନୀ ତ୍ରିବର୍ଣ୍ଣ ସନ୍ଧ୍ୟା

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଜୟଦେବ ଭବନଠାରେ "ହିନ୍ଦୁସ୍ତାନୀ ତ୍ରିବର୍ଣ୍ଣ ସନ୍ଧ୍ୟା" ଆୟୋଜିତ ହୋଇଯାଇଛି। ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତର ପରିବେଷଣ କରି ସଂଗୀତ ପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମରେ ସଂଯୋଜନାରେ ସତ୍ୟପ୍ରକାଶ ଦାସ, ଦୀପଙ୍କର ପରିଡା, ପର୍ଶୁରାମ ଭୋଇ, ଆକାଂକ୍ଷା ଅଭିଲିପ୍‌ସା, ସଦାନନ୍ଦ ମେହେର ଓ ପ୍ରଭୁ ପ୍ରସାଦ ବେହେରାଙ୍କ ଦ୍ୱାରା ଗୋଷ୍ଠୀ ବଂଶୀବାଦନ ପରିବେଷଣ କରାଯାଇଥିଲା। ତବଲାରେ ଗୁରୁ ବିଶ୍ୱରଞ୍ଜନ ନନ୍ଦ, ମର୍ଦ୍ଦଳରେ ଗୁରୁ ସୌମ୍ୟ ରଞ୍ଜନ ନାୟକ ଓ କି ବୋର୍ଡରେ




ଶୁଭ୍ରଜିତ ସାହୁ ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ପରିବେଷଣ କରିଥିବା ବେଳେ ତବଲାରେ ଦିପ୍ତୀ ରଞ୍ଜନ ବେହେରା ସଙ୍ଗତ କରିଥିଲେ। ନିର୍ମାଲ୍ୟ ଶଙ୍କର ସ୍ୱାଇଁ ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତବଲା ଯୁଗଲବନ୍ଦୀଙ୍କୁ ହାରମୋନିୟମ୍‌ରେ ଧନେଶ୍ୱର ଓଝା ସହଯୋଗ କରିଥିଲେ। ପରେ ଗୁରୁ ଶ୍ରୀନିବାସ ଶତପଥୀଙ୍କ ଗୁରୁ ଧୃତିୟମ ବେହେରା ସଙ୍ଗତ କରିଥିଲେ। ଗୁରୁ ଶ୍ରୀନିବାସ ଶତପଥୀ, ଗୁରୁ ଚନ୍ଦନ କୁମାର ଜେନା ଓ ଗୁରୁ ପ୍ରମୋଦ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିତ ଶିଳ୍ପୀମାନଙ୍କ ମନମୁଗ୍ଧକର ପରିବେଷଣକୁ ଉପସ୍ଥିତ ସଂଗୀତ ପ୍ରେମୀ ଓ ବୁଦ୍ଧିଜୀବିମାନେ ଉଚ୍ଚ ପ୍ରଶଂସା କରିଥିଲେ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାରେ ପଲ୍ସ ପୋଲିଓ ଅଭିଯାନକୁ ସହଯୋଗ

## ୧୬ଟି ବୁଥ୍‌ରେ ୧,୫୦୦ରୁ ଅଧିକ ଶିଶୁଙ୍କୁ ପୋଲିଓ ଟୀକା ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ) : ସମୁଦାୟ ସ୍ୱାସ୍ଥ୍ୟ ଓ ଶିଶୁ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃଦୃଢ଼ କରି ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ, ଝାରସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ମିଳିତ ଭାବେ ଝାରସୁଗୁଡ଼ାର ୧୬ଟି ନିର୍ଦ୍ଧାରିତ ବୁଥ୍‌ରେ ପଲ୍ସ ପୋଲିଓ ଟିକାକରଣ ଅଭିଯାନକୁ ସହଯୋଗ କରିଛି। ଭାରତ ସରକାରଙ୍କ ଦେଶବ୍ୟାପୀ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ଏହି ଅଭିଯାନରେ ୫ ବର୍ଷରୁ କମ୍ ବୟସର ୧,୫୦୦ରୁ ଅଧିକ ଶିଶୁଙ୍କୁ ସଫଳତାର ସହ ପୋଲିଓ ଟିକା ପ୍ରଦାନ କରାଯାଇଥିଲା। ସମୟୋପଯୋଗୀ ଟିକାକରଣ, ଜନସଚେତନତା ଏବଂ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ମାଧ୍ୟମରେ ଏହି ପଦକ୍ଷେପ ପୋଲିଓ ନିରାକରଣ ପ୍ରୟାସକୁ ଅଧିକ ସୁଦୃଢ଼ କରିଛି। ପଲ୍ସ ପୋଲିଓ ଅଭିଯାନ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଯୋଗ୍ୟ ଶିଶୁଙ୍କୁ ମୌଖିକ ପୋଲିଓ ଟିକା ପ୍ରଦାନ କରି ଏହି ରୋଗରୁ ସୁରକ୍ଷିତ ରଖିବା। ନିଜର କାର୍ଯ୍ୟକ୍ଷେତ୍ରରେ ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ପାଇଁ ବେଦାନ୍ତ ଆଲୁମିନିୟମ ସରକାରୀ ସଂସ୍ଥା ଓ ସ୍ଥାନୀୟ ଅଂଶୀଦାରମାନଙ୍କ ସହ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ଝାରସୁଗୁଡ଼ାରେ ଆୟୋଜିତ ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ,



ଅଙ୍ଗନୱାଡ଼ି କର୍ମଚାରୀ, କ୍ଷେତ୍ରସ୍ତରୀୟ ସ୍ୱେଚ୍ଛାସେବୀ ଓ ସମୁଦାୟ ପ୍ରତିନିଧିମାନେ ସାମିଲ ହୋଇ ସମସ୍ତ ବ୍ଲକରେ ସମ୍ପୂର୍ଣ୍ଣ ଟିକାକରଣ ସୁନିଶ୍ଚିତ କରିଥିଲେ। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଲଜିଷ୍ଟିକ୍ ସହଯୋଗ, ଜନସଚେତନତା ଏବଂ କ୍ଷେତ୍ରସ୍ତରରେ ସମନ୍ୱୟ ପ୍ରଦାନ କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ( ଡବ୍ଲୁଏଚଓ) ର ଏକ ଉଚ୍ଚସ୍ତରୀୟ ପର୍ଯ୍ୟବେକ୍ଷଣ ଦଳ ବିଭିନ୍ନ ବୁଥ୍ ପରିଦର୍ଶନ କରି ଟିକାର କୋଲ୍ଡ-ଚେନ୍ ବ୍ୟବସ୍ଥାପନା, ସଠିକ୍ ରେକର୍ଡ ସଂରକ୍ଷଣ ଏବଂ ଉତ୍କୃଷ୍ଟ ସମନ୍ୱୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ଶିଶୁମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ହିଁ ଏକ ସୁଦୃଢ଼ ଓ ସକ୍ଷମ ସମାଜ ଗଠନର ମୂଳ ଆଧାର। ଏହି ସହଭାଗିତା ମାଧ୍ୟମରେ ଆମେ ଜିଲ୍ଲା ପ୍ରଶାସନକୁ ପ୍ରତ୍ୟେକ ଯୋଗ୍ୟ ଶିଶୁଙ୍କ ନିକଟରେ ଆବଶ୍ୟକ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ସହଯୋଗ କରୁଛୁ। ଝାରସୁଗୁଡ଼ାର ପରିବାରମାନଙ୍କ ସକ୍ରିୟ ଅଂଶଗ୍ରହଣ ଏହି ଅଭିଯାନର ସଫଳତାକୁ ପ୍ରତିଫଳିତ କରୁଛି ଏବଂ ଅର୍ଥପୂର୍ଣ୍ଣ ସହଭାଗିତା ମାଧ୍ୟମରେ ସୁଲଭ ସ୍ୱାସ୍ଥ୍ୟସେବାକୁ ଆଗେଇ ନେବାକୁ ଆମେ ପ୍ରତିବଦ୍ଧ। ବେଦାନ୍ତ ଆଲୁମିନିୟମର ସାମାଜିକ ବିକାଶ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ବିକାଶ, ମହିଳା ଓ ଶିଶୁ ବିକାଶ, ଦକ୍ଷତା ବିକାଶ, କ୍ରୀଡ଼ା, ସଂସ୍କୃତି ଏବଂ ସମୁଦାୟ ଭିତ୍ତିଭୂମି ବିକାଶ ଭଳି କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରି ଝାରସୁଗୁଡ଼ା ପାର୍ଶ୍ୱବର୍ତ୍ତୀ ପ୍ରାୟ ୮୦ଟି ଗ୍ରାମର ଲୋକଙ୍କୁ ଉପକୃତ କରୁଛି। ଜିଲ୍ଲାରେ ବେଦାନ୍ତର ସ୍ୱାସ୍ଥ୍ୟସେବା ପଦକ୍ଷେପ ମଧ୍ୟରେ ମୋବାଇଲ ହେଲ୍ଥ ୟୁନିଟ୍, ପ୍ରତିଷେଧକ ସ୍ୱାସ୍ଥ୍ୟ ଶିବିର, ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଟିକାକରଣ ସହଯୋଗ, ପରିମଳ ବ୍ୟବସ୍ଥା ସଚେତନତା, ଏବଂ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ଅଧୀନରେ ଯକ୍ଷ୍ମା ସଚେତନତା ଓ ପୁଷ୍ଟିକର ଖାଦ୍ୟ ସହାୟତା ଭଳି ବିଭିନ୍ନ ପଦକ୍ଷେପ ସାମିଲ ରହିଛି। ସରକାରୀ ସଂସ୍ଥା ଓ ସ୍ଥାନୀୟ ସମୁଦାୟ ସହ ନିରନ୍ତର ସହଯୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ନିଜର କାର୍ଯ୍ୟକ୍ଷେତ୍ରରେ ସମାବେଶୀ ଏବଂ ପରିମାପଯୋଗ୍ୟ ବିକାଶକୁ ଆଗେଇ ନେଇ ଚାଲିଛି।

## ନୂଆପଡାରେ ୧୫ଦିନ ପୂର୍ବରୁ ନିର୍ମିତ କଂକ୍ରିଟ ରାସ୍ତା ୧୫ଫୁଟ ଧସିଲା

କଟକ, (ସବ୍ରୁ): କଟକ ସହରରେ ଗତ ଏକ ମାସ ମଧ୍ୟରେ ୩ଗୋଟି ସ୍ଥାନରେ ନୂତନ କରି ନିର୍ମାଣ ହୋଇଥିବା ରାସ୍ତାର ବୃହତ୍ତ ଅଂଶ ଧସିଯିବା ଘଟଣା ନିମ୍ନମାନର କାମକୁ ପଦାରେ ପକାଇଛି । ପ୍ରଥମେ ସିଡିଏ ସେକ୍ଟର- ୯ ରାସ୍ତା ଓ ପରେ ପରେ ଭୁଆସୁଣୀ ଗଡା ଅଞ୍ଚଳରେ ଏକ ନବ ନର୍ମିତ ୬ଲେନ ବିଶିଷ୍ଟ ରାସ୍ତା କଂକ୍ରିଟ ଗାର୍ଡ ୱାଲ ଭୁଶୁଡି ପଡିବା ଘଟଣା ଘଟିଥିଲା । ତେବେ ଆଜି କଟକ ଖପୁରିଆ-ନୂଆପଡା ରାସ୍ତାରେ ଏଭଳି ଦେଖିବାକୁ ମିଳିଛି । ଯାହା ରାସ୍ତା କାମରେ ହୋଇଥିବା ଦୁର୍ନୀତିକୁ ପଦାରେ ପକାଇଛି । ଏହି ରାସ୍ତା କାମ ଗତ ୧୫ଦିନ ପୂର୍ବରୁ ଶେଷ ହୋଇ ଲୋକେ ଯାତାୟତ କରୁଥିଲେ । ଗତକିଛି ଦିନ ଧରି ଜାରି ଲଗାଣ ବର୍ଷାରେ ରାସ୍ତା ଦବିବା ଆରମ୍ଭ କରି ଶେଷରେ ଆଜି ଗଳିପଡିଥିଲା । ପୂର୍ତ୍ତ ବିଭାଗ ଅଧିନରେ ଏହି ରାସ୍ତା ନିର୍ମାଣ ହୋଇଥିବା ବେଳେ ୱାଟକୋ ପକ୍ଷରୁ ବହୁବାର ସ୍ୱେରେଜ ପାଇପଲାଇନ ପାଇଁ ରାସ୍ତା ଖୋଳାପୋତା କାମ ଚାଲିଥିବା ବେଳେ ସ୍ଥାନୀୟ ଲୋକେ ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି । ଏପରିକି ରାସ୍ତାର ମୂଳଦୁଆକୁ ୫-୬ଫୁଟ ଖୋଳାଯାଇ ନ ଥିବା ଏବଂ ବାଲି ଓ ମାଟି ପକାଯାଇ ରୋଲିଂ ହୋଇନଥିବା ନେଇ ସ୍ଥାନୀୟ କର୍ପୋରେଟର ସନ୍ତୋଷ ଭୋଳ ଅଭିଯୋଗ କରିଛନ୍ତି । ଏହି କାମ ବେଳେ ବିଭାଗୀୟ ଯନ୍ତ୍ରୀ ଉପଯୁକ୍ତ ତଦାରଖ କରିଥିଲେ କି ନାହିଁ ତାହାର ଖୋଳତାଡ ପାଇଁ ଭିଜିଲାନ୍ସ ତଦନ୍ତ ଦାବି ହୋଇଛି ।

# ହାଇବ୍ରିଡ ସୋଲାର ଇନଭର୍ଟରର ଶୁଭାରମ୍ଭ

ଭୁବନେଶ୍ୱର,(ସବ୍ୟୁ): ଭାରତର ଏନର୍ଜି ଷ୍ଟୋରେଜ ସିଷ୍ଟମ୍ସ (ଇଏସଏସ) ଓ ରିନେୱେବୁଲ ଏନର୍ଜି ମ୍ୟାନେଜମେଣ୍ଟ ସଲ୍ୟୁସନ୍ସ (ଆରଇଏମଏସ) କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ଜେନସ୍ ଇନୋଭେଶନ ପକ୍ଷରୁ ନିକଟରେ ଭୁବନେଶ୍ୱରରେ ଏକ ଡିଷ୍ଟ୍ରିବ୍ୟୁଟର ମିଟ୍‌ର ଆୟୋଜନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ କମ୍ପାନୀର ନୂଆ କରି ଲଞ୍ଚ ହୋଇଥିବା ହାଇ-ଫ୍ଲୋ ହାଇବ୍ରିଡ ସୋଲାର ଇନଭର୍ଟରର ଶୁଭାରମ୍ଭକୁ ସୂଚିତ କରିଥିଲା । ଏହି ଡିଷ୍ଟ୍ରିବ୍ୟୁଟର ବୈଠକ ଚ୍ୟାନେଲ ପାର୍ଟନରଙ୍କ ସହ ନିଯୋଜିତ ହେବା, କମ୍ପାନୀର ଅଭିବୃଦ୍ଧି ରୋଡମ୍ୟାପ୍ ସେୟାର କରିବା ଏବଂ ଏହାର ମାକ୍ସିଲିଅନ ଲିଥିୟମ-ଆଧାରିତ ଏନର୍ଜି ଷ୍ଟୋରେଜ ସଲ୍ୟୁଶନ ସମେତ ଜେନସ୍ ଇନୋଭେଶନର ସୋଲାର ଆଣ୍ଡଏସର ବିସ୍ତୃତ ପୋର୍ଟଫୋଲିଓକୁ ପ୍ରଦର୍ଶିତ କରିବା ପାଇଁ ଏକ ରଣନୈତିକ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଥିଲା । ଏହାର ପୋର୍ଟଫୋଲିଓର ନୂତନ ଉତ୍ପାଦନ ସମ୍ପର୍କରେ ଜେନସ୍ ଇନୋଭେଶନ ଲିମିଟେଡର ନିର୍ଦ୍ଦେଶକ ଏବଂ ଚିଫ୍ ମାର୍କେଟିଂ ଓ ସେଲ୍ସ ଅଫିସରୟଶ୍ ଟୋଡି କହିଛନ୍ତି, ଆମର ଡିଷ୍ଟ୍ରିବ୍ୟୁଟର ପାର୍ଟନରମାନେ ଜେନସ୍ ଇନୋଭେଶନର ଅଭିବୃଦ୍ଧି ଯାତ୍ରାର କେନ୍ଦ୍ର ଅଟନ୍ତି ।

# ୧୨ ଜଣ ବିଦ୍ୱାନଙ୍କୁ ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍

ଭୁବନେଶ୍ୱର, (ସବ୍ୟୁ) : ଗ୍ଲୋବାଲ୍ ସ୍କୁଲ୍ ଗ୍ରୁପ୍ (ଜିଏସ୍‌ଜି) ନୂଆଦିଲ୍ଲୀରେ ଆୟୋଜିତ ଏକ ସମାରୋହରେ ଏହାର ସମ୍ମାନଜନକ ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ (ଜିଏସ୍‌ଜି) ର ସର୍ବଶେଷ ପ୍ରାପ୍ତକର୍ତ୍ତାଙ୍କୁ ସମ୍ମାନିତ କରିଛି। ଚଳିତ ବର୍ଷ ମନୋନୀତ ହୋଇଥିବା ୧୨ ଜଣ ଉଲ୍ଲେଖନୀୟ ବିଦ୍ୱାନଙ୍କ ମଧ୍ୟରେ ରାଉରକେଲାର ପୂର୍ବୀ ଗୁପ୍ତା ଅଛନ୍ତି, ଯିଏକି ସିଙ୍ଗାପୁରର ପୁରସ୍କାରପ୍ରାପ୍ତ ଜିଆଇଆଇଏସ୍ ସ୍ମାର୍ଟ କ୍ୟାମ୍ପସରେ ଉଚ୍ଚ ମାଧ୍ୟମିକ ଶିକ୍ଷା ଗ୍ରହଣ କରିବା ପାଇଁ ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ ପାଇଛନ୍ତି । ୨୦୦୮ ରେ ପ୍ରତିଷ୍ଠିତ, ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ ହେଉଛି ଜିଏସଜିର ପ୍ରମୁଖ ପଦକ୍ଷେପ, ଯାହା ଅସାଧାରଣ ଏକାଡେମିକ୍ ସମ୍ଭାବନା ଏବଂ ନେତୃତ୍ୱ ଗୁଣ ଥିବା ଯୋଗ୍ୟ ଛାତ୍ରମାନଙ୍କ ପାଇଁ ବିଶ୍ୱ ସ୍ତରୀୟ ଶିକ୍ଷା ଉପଲବ୍ଧ କରାଇବା ପାଇଁ ପରିକଳ୍ପନା କରାଯାଇଛି । ଏହି ଛାତ୍ରବୃତ୍ତି ୧୧ ଏବଂ ୧୨ ଶ୍ରେଣୀ



ପାଇଁ ୧୦୦% ଟ୍ୟୁସନ ଫି, ବୋର୍ଡିଂ, ରହଣି, ଜୀବନଯାପନ ଖର୍ଚ୍ଚ ଏବଂ ଏକ ଉଦାର ଷ୍ଟାଇପେଣ୍ଡ ଅନ୍ତର୍ଭୁକ୍ତ କରେ । ଜିଆଇଆଇଏସ୍ ସ୍ମାର୍ଟ କ୍ୟାମ୍ପସର ଛାତ୍ରମାନେ ସିବିଏସ୍‌ଇ ଏବଂ ଆନ୍ତର୍ଜାତୀୟ ସ୍ନାତକ ଡିପ୍ଲୋମା ପ୍ରୋଗ୍ରାମ (ଆଇବିଡିପି) ପାଠ୍ୟକ୍ରମ ମଧ୍ୟରେ ବାଛିପାରିବେ, ଯାହା ବିଶ୍ୱ ସ୍ତରୀୟ ଭିତ୍ତିଭୂମି, ଅଭିଜ୍ଞ ଅଧ୍ୟାପକ ଏବଂ ଏକ ବିଶ୍ୱସ୍ତରୀୟ ବିବିଧ ଶିକ୍ଷଣ ପରିବେଶ ଦ୍ୱାରା ସମର୍ଥିତ । ଏହି ଛାତ୍ରବୃର୍ତ୍ତି ଦୁଇ ବର୍ଷ ମଧ୍ୟରେ ପ୍ରତି ଛାତ୍ର ପିଛା ପ୍ରାୟ ୧ କୋଟି ଟଙ୍କା ବିନିଯୋଗକୁ ପ୍ରତିନିଧିତ୍ୱ କରେ । ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ ଆର୍ଥିକ ସହାୟତା ଅପେକ୍ଷା ବହୁତ ଅଧିକ ପ୍ରତିନିଧିତ୍ୱ କରେ ।

# ସେଣ୍ଟ ଜାଭିୟର୍ସ ବାରବାଟୀର ରାଜ୍ୟ ସ୍ତରୀୟ କୌଶଳ ଶିବିର

କଟକ, (ସବ୍ୟୁ):ବାରବାଟି ଷ୍ଟାଡିଅମ ସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲରେ "କୌଶଳ ବିକାଶ ପ୍ରଦର୍ଶନୀ ସମାରୋହ ଆୟୋଜିତ ହୋଇଯାଇଛି। ସିବିଏସସି ଭୁବନେଶ୍ୱର ରିଜିଓନାଲ ତରଫରୁ ଅଷ୍ଟମ ତମ କୌଶଳ ବିକାଶ ପ୍ରଦର୍ଶନୀର ଆୟୋଜନ କରିବାପାଇଁ ଚଳିତବର୍ଷ ଏହି ବିଦ୍ୟାଳୟକୁ ସୁଯୋଗ ପ୍ରଦାନ କରାଯାଇଥିଲା । ଓଡିଶାର ପ୍ରାୟ ୫୦ ରୁ ୭୦ଟି ବିଦ୍ୟାଳୟ ରୁ ପ୍ରାୟ ୩୦୦ ଜଣ ଛାତ୍ରଛାତ୍ରୀ ସହିତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମକୁ ଉଦଘାଟିତ କରିଥିଲେ। ସମ୍ମାନନୀୟ ଅତିଥି ଭାବରେ ଭାରତ ସରକାରଙ୍କ କୌଶଳ ବିକାଶ ଓ ପ୍ରଶିକ୍ଷଣ ମନ୍ତ୍ରୀ ବିଶ୍ୱଜିତ ସାହା ଉପସ୍ଥିତ ରହି କହିଲେ ଯେ ସି. ବି. ଏସ. ସି "ସ୍କିଲ ଏକ୍ସପୋ " ଏକ ପ୍ରଦର୍ଶନୀ, ଯେଉଁଠି ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରଦର୍ଶନ କରିଥାନ୍ତି।ଏହି ପ୍ରଦର୍ଶନୀର ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ




ଥିବା ସୃଜନଶୀଳତା, କୌଶଳ ଓ ନବୀନ ଚିନ୍ତାଧାରାକୁ ଉଭାସିତ କରିବ ବୋଲି କହିଥିଲେ ।ବିଭିନ୍ନ ବିଦ୍ୟାଳୟ ଆସିଥିବା ବିଦ୍ୟାର୍ଥୀ ମାନେ ନିଜ ନିଜ ପ୍ରକଳ୍ପ, ମଡେଲ୍, ହସ୍ତଶିଳ୍ପ ଓ ବିଜ୍ଞାନ ଆଧାରିତ ଉଦ୍ଭାବନ ଗୁଡିକୁ ପ୍ରଦର୍ଶନ ସହ ବ୍ୟାଖ୍ୟା କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ଓ ଏ ଏସ୍,ସି ବି ଏସ ସି ଭୁବନେଶ୍ୱରର ମୁଖ୍ୟ ଉତ୍କୃଷ୍ଟତା କେନ୍ଦ୍ର ନିର୍ଦ୍ଦେଶକ ଥୋଙ୍ଗୋଲେତ୍ ମାଟେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଯୋଗ ଦେଇଥିଲେ । ବିଦ୍ୟାଳୟ ର ଅଧକ୍ଷ ଡ଼ଃ ପ୍ରିୟଦର୍ଶୀ ନାୟକ ମଧ୍ୟ ଉପସ୍ଥିତ ହୋଇ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟକ ଭାଷଣ ଦେଇଥିଲେ।

# ବଡ଼ ଧରଣର ଯୁଦ୍ଧ ଆଶଙ୍କା ବଢୁଛି

**ତେହେରାନ:** ଇରାନ ଏବଂ ଆମେରିକା ମଧ୍ୟରେ ଏକ ବିନାଶକାରୀ ଯୁଦ୍ଧ ଘନେଇବାରେ ଲାଗିଛି। ଗତ କିଛି ଘଣ୍ଟା ମଧ୍ୟରେ ଅନେକ ଘଟଣା ଘଟିଛି, ଯାହା ମଧ୍ୟପ୍ରାଚ୍ୟରେ ବିନାଶର ଆଶଙ୍କାକୁ ବୃଦ୍ଧି କରିଛି। ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ଧମକ ଦେଇଥିଲେ ଯେ, ଯଦି ଇରାନ ହର୍ମୁଜ୍ ପ୍ରଣାଳୀରେ ଆକ୍ରମଣ କରେ, ତେବେ ଆମେରିକୀୟ ସେନା ଇରାନ ଭିତରେ ସେତୁ ଏବଂ ପାୱାର ପ୍ଲାଣ୍ଟକୁ ଉଡ଼ାଇ ଦେବ। ଏହା ପରେ, ଇରାନ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଉପରେ ବଡ଼ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରିବାକୁ ମଧ୍ୟ ଚେତାବନୀ ଦେଇଛି। ଆମେରିକା ଇସ୍ରାଏଲକୁ ଜଣାଇଛି ଯେ, ଇରାନ ଭିତରେ ଆକ୍ରମଣକୁ ଜୋରଦାର୍ କରିବାକୁ ଯୋଜନା କରାଯାଉଛି।ଘମାଘୋଟ ଯୁଦ୍ଧ ଆଶଙ୍କା ମଧ୍ୟରେ ବ୍ରିଟେନ୍ ତେହେରାନରେ ଥିବା ନିଜର ଦୂତାବାସକୁ ଖାଲି କରିଦେଇଛି। ଏହା ସହ ତେହେରାନ ଛାଡ଼ିବାକୁ ନିଜ ନାଗରିକମାନଙ୍କୁ ନିର୍ଦ୍ଦେଶ ଜାରି କରିଛି। ସୁରକ୍ଷା ଦୃଷ୍ଟିରୁ ଏଭଳି ଅସ୍ଥାୟୀ ଭାବେ କରାଯାଉଥିବା ବ୍ରିଟେନ୍ର ବୈଦେଶିକ ମନ୍ତ୍ରଣାଳୟ କହିଛି।



ଇସ୍ରାଏଲୀ ଖବରକାଗଜ ୱାଇନେଟ୍ ନ୍ୟୁଜ୍ ରିପୋର୍ଟ କରିଛି ଯେ, ଚଳିତ ସପ୍ତାହରେ ପରିସ୍ଥିତି ବହୁତ ଖରାପ ହେବାର ଆଶଙ୍କା କରାଯାଉଛି। ଇସ୍ରାଏଲ ଆଉ ଏକ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇସାରିଛି। ରିପୋର୍ଟ ଅନୁଯାୟୀ, ଇସ୍ରାଏଲୀ ପ୍ରତିରକ୍ଷା ବାହିନୀକୁ ସତର୍କ ମୋଡ୍ରେ ରଖାଯାଇଛି। ଇସ୍ରାଏଲ ବର୍ତ୍ତମାନ ଚାଲିଥିବା ଯୁଦ୍ଧରେ ସାମିଲ ନାହିଁ କି ଇରାନ ଉପରେ ଆକ୍ରମଣ କରୁନାହିଁ, କିନ୍ତୁ ଯଦି ଯୁଦ୍ଧ ହୁଏ, ତେବେ ଇସ୍ରାଏଲ ଏଥିରେ ସାମିଲ ହୋଇପାରେ। ରିପୋର୍ଟ ଅନୁଯାୟୀ, ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ ଆକ୍ରମଣ ଆରମ୍ଭ କରିବା ଏବଂ ପ୍ରତିରୋଧ କରିବା ପାଇଁ ସେମାନଙ୍କର କ୍ଷମତାକୁ ବୃଦ୍ଧି କରୁଛନ୍ତି। ଇସ୍ରାଏଲ ଆମେରିକା ସହ ଲଗାତାର ଯୋଗାଯୋଗରେ ଅଛି। ବରିଷ୍ଠ ଇସ୍ରାଏଲୀ ଅଧିକାରୀଙ୍କ ଅନୁସାରେ କହିଛନ୍ତି, ଆଗାମୀ ଦିନରେ ପରିସ୍ଥିତି କିପରି ହେବ ତାହା ଟ୍ରମ୍ପଙ୍କ ଉପରେ ନିର୍ଭର କରୁଛି।ଜେରୁସାଲେମ ହ୍ୱାଇଟ୍ ହାଉସର ନିଷ୍ପତ୍ତିଗୁଡ଼ିକୁ ନିକଟରୁ ନଜର ରଖିଛି ଏବଂ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ହେଉଛି। ଯଦି ଟ୍ରମ୍ପ ଏହି ଅଭିଯାନକୁ ଜୋରଦାର୍ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ହେବାକୁଥିବା ଇରାନର ପ୍ରତିଶୋଧମୂଳକ ଆକ୍ରମଣ ପାଇଁ ଇସ୍ରାଏଲ ପ୍ରସ୍ତୁତ ରହିବ। ଅନ୍ୟପକ୍ଷରେ, ଯଦି ଆମେରିକାର ଚାପ ଏକ ଅସ୍ଥାୟୀ ଅସ୍ତ୍ରବିରତି କିମ୍ବା ଶାନ୍ତି ଆଲୋଚନା ପୁଣି ଆରମ୍ଭ କରିବ,ତେବେ ପରିସ୍ଥିତିକୁ ଆହୁରି ସଙ୍କଟଜନକ ହେବାରୁ ରୋକାଯାଇପାରିବ। ୱାଇନେଟ୍ ନ୍ୟୁଜ୍ ଦାବି କରିଛି ଯେ, ଆମେରିକା ପକ୍ଷରୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପ୍ରଶାସନକୁ ସୂଚନା ଦିଆଯାଇଛି ଯେ, ଇରାନ ଉପରେ ଆକ୍ରମଣ ଜୋରଦାର୍ ହେବାକୁ ଯାଉଛି।

## ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ ପାଇଁ ଆମେରିକାକୁ ଚେତାବନୀ



**ମାନିଲା:** ଫିଲିପାଇନ୍ସର ରାଜଧାନୀ ମାନିଲାରେ ଆୟୋଜିତ ଆସିଆନ୍ ବୈଦେଶିକ ମନ୍ତ୍ରୀ ସମ୍ମିଳନୀ ଅବସରରେ ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଏବଂ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ୨୦୨୫ ସେପ୍ଟେମ୍ବର ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ପ୍ରତ୍ୟକ୍ଷ ସାକ୍ଷାତକାର। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଲାଭରୋଭ ୱାଶିଂଟନକୁ ଚେତାବନୀ ଦେଇ କହିଛନ୍ତି ଯେ, କିଭର ସରକାରଙ୍କୁ ନିରନ୍ତର ଅସ୍ତ୍ରଶସ୍ତ୍ର ସହାୟତା ଯୋଗାଇବା ସମ୍ପୂର୍ଣ୍ଣ "ଅଗ୍ରହଣୀୟ"। ଏହାସହ ରୁଷକୁ "ସାମରିକ ପରାଜୟ" ଦେବା ପାଇଁ ୟୁରୋପୀୟ ଦେଶଗୁଡ଼ିକ ଚଲାଉଥିବା ଅସ୍ଥିରତାକାରୀ ନୀତିକୁ ମଧ୍ୟ ସେ କଡ଼ା ଭାବେ ନିନ୍ଦା କରିଛନ୍ତି। ସେପଟେ ଆମେରିକା ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଦୀର୍ଘଦିନ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧର ସମାପ୍ତି ନେଇ ଚର୍ଚ୍ଚା କରିଛନ୍ତି। ଲାଭରୋଭ ଦୋହରାଇଛନ୍ତି ଯେ ରୁଷ କୂଟନୈତିକ ଓ ରାଜନୈତିକ ମାଧ୍ୟମରେ ସମାଧାନ ପାଇଁ ପ୍ରସ୍ତୁତ। ଆମେରିକାର ଧ୍ୟାନ ବର୍ତ୍ତମାନ ମଧ୍ୟପ୍ରାଚ୍ୟ ସଙ୍କଟ ଉପରେ ଥିବା ବେଳେ, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି ଯେ ଶାନ୍ତି ପ୍ରକ୍ରିୟାକୁ ପୁନର୍ଜୀବିତ କରିବା ପାଇଁ ସେ ଆମେରିକୀୟ ଦୂତମାନଙ୍କ ସହ ଆଲୋଚନା କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ରୁଷର ଶକ୍ତି ଭିତ୍ତିଭୂମି ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣକୁ ସମର୍ଥନ କରିଛନ୍ତି, ଯାହା ଯୁଦ୍ଧ ଶେଷ କରିବାରେ ସାହାଯ୍ୟ କରିପାରେ।

## ଇସ୍ତଫା ଦେବେ ବାଂଲାଦେଶ ରାଷ୍ଟ୍ରପତି !

**ଢାକା:** ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ତାଙ୍କ କାର୍ଯ୍ୟକାଳ ଶେଷ ହେବାର ଦୁଇ ବର୍ଷ ପୂର୍ବରୁ ନିଜ ପଦବୀରୁ ଇସ୍ତଫା ଦେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ତାରିକ୍ ରହମାନଙ୍କ ଶାସକ ବିଏନପି ସରକାର ତାଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ଥିବା ସୂଚନା ମିଳିଛି। ନିକଟରେ ଶାହାବୁଦ୍ଦିନ ଭାରତରେ ନିର୍ବାସିତ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସହ ପୁଣି ଥରେ ଯୋଗାଯୋଗ ସ୍ଥାପନ କରିବାକୁ ଚେଷ୍ଟା କରିଥିବା ଖବର ସାମ୍ନାକୁ ଆସିବା ପରେ ଏହି ରାଜନୈତିକ ହଇଚଇ ସୃଷ୍ଟି ହୋଇଛି। ଅଗଷ୍ଟ ୨୦୨୪ରେ ଛାତ୍ର ଆନ୍ଦୋଳନ ଯୋଗୁଁ ଶେଖ୍ ହସିନାଙ୍କ ସରକାର ଭୁଶୁଡ଼ି ପଡ଼ିବା ପରେ,



ଶାହାବୁଦ୍ଦିନ ହିଁ ନିଜ ସାମ୍ବିଧାନିକ ପଦବୀରେ ବଜାୟ ଥିବା ପୂର୍ବତନ ସରକାରଙ୍କ ଏକମାତ୍ର ପ୍ରମୁଖ ଚେହେରା ଥିଲେ।ଶେଖ୍ ହସିନା ଆସନ୍ତା ଡିସେମ୍ବର ସୁଦ୍ଧା ସ୍ୱଦେଶ ଫେରିବାକୁ ଘୋଷଣା କରିବା ପରେ ଦେଶର ପରିସ୍ଥିତି ଅତ୍ୟନ୍ତ ସଂବେଦନଶୀଳ ହୋଇପଡ଼ିଛି। ସୂଚନାଯୋଗ୍ୟ ଯେ, ନଭେମ୍ବର ୨୦୨୫ରେ ବାଂଲାଦେଶର ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ ଶେଖ୍ ହସିନା ଓ ତାଙ୍କ ପୂର୍ବତନ ଗୃହମନ୍ତ୍ରୀ ଅସଦୁଜ୍ଜାମାନ ଖାନଙ୍କୁ ମାନବାଧିକାର ଉଲ୍ଲଂଘନ ପାଇଁ ମୃତ୍ୟୁଦଣ୍ଡାଦେଶ ଶୁଣାଇ ସାରିଛନ୍ତି। ୧୯୭୧ ମୁକ୍ତିଯୁଦ୍ଧର ଏହି ବୀର ଯବାନ୍ ତଥା ପୂର୍ବତନ ବିଚାରପତି ଶାହାବୁଦ୍ଦିନ ଏପ୍ରିଲ ୨୦୨୩ରେ ୫ ବର୍ଷ ପାଇଁ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ। ବାଂଲାଦେଶ ସମ୍ବିଧାନ ଅନୁଯାୟୀ, ଯଦି ରାଷ୍ଟ୍ରପତି ଇସ୍ତଫା ଦିଅନ୍ତି, ତେବେ ନୂତନ ରାଷ୍ଟ୍ରପତି ନିର୍ବାଚିତ ନ ହେବା ପର୍ଯ୍ୟନ୍ତ ସଂସଦର ବାଚସ୍ପତି ହାଫିଜୁଦ୍ଦିନ ଅହମ୍ମଦ କାମଚଳା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ।

## ସିକିମ୍ ସୁଡ଼ଙ୍ଗ ମୃତ୍ୟୁସଂଖ୍ୟା ୨୨କୁ ବୃଦ୍ଧି

**ଗ୍ୟାଙ୍ଗଟକ:** ସିକିମର ନାମଚି ଜିଲ୍ଲାରେ ନିର୍ମାଣାଧୀନ ତିସ୍ତା ଷ୍ଟେଜ୍-୫ ଜଳବିଦ୍ୟୁତ୍ ପ୍ରକଳ୍ପ ସୁଡ଼ଙ୍ଗ ଧସିଯିବା ଘଟଣାରେ ମୃତ୍ୟୁସଂଖ୍ୟା ୨୨ କୁ ବୃଦ୍ଧି ପାଇଛି। ବୁଧବାର ଓ ଗୁରୁବାର ମଧ୍ୟରେ ଉଦ୍ଧାରକାରୀ ଦଳ ସୁଡ଼ଙ୍ଗ ଭିତରୁ ଆଉ କେତେକ ମୃତଦେହ ଉଦ୍ଧାର କରିବା ପରେ ଏହି ସଂଖ୍ୟା ବଢ଼ିଛି। ସୋମବାର ମିଥେନ୍ ଗ୍ୟାସ୍ ଯୋଗୁଁ ଘଟିଥିବା ବିସ୍ଫୋରଣ ପରେ ପ୍ରକଳ୍ପ ଭିତରେ ୨୫ ଜଣ ଶ୍ରମିକ ଫସି ରହିଥିଲେ, ଯେଉଁଥିରୁ ଅବଶିଷ୍ଟ ୩ ଜଣ ନିଖୋଜ ଶ୍ରମିକଙ୍କୁ ଖୋଜିବା ପାଇଁ ବର୍ତ୍ତମାନ ବିଶେଷଜ୍ଞ ଟିମ୍ ଦ୍ୱାରା ଉଦ୍ଧାର ଅଭିଯାନ ଜାରି ରହିଛି।ସିକିମ୍ ସରକାର, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ପରିସ୍ଥିତି ଉପରେ କଡ଼ା ନଜର ରଖିବା ସହ ପୀଡ଼ିତ ପରିବାରଙ୍କୁ ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି। ମୃତକଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଜଲପାଇଗୁଡ଼ି, ପଞ୍ଜାବ, ଉତ୍ତରାଖଣ୍ଡ, ଆସାମ, ଝାଡ଼ଖଣ୍ଡ ଓ ସିକିମର ଶ୍ରମିକମାନେ ସାମିଲ ଅଛନ୍ତି। ଏହି ଦୁର୍ଘଟଣା ପରେ ଏନଏଚପିସି ମୃତ ଶ୍ରମିକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛି। ଏହାସହ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦,୦୦୦ ଟଙ୍କା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛନ୍ତି।

## ଲସ୍କର ଆତଙ୍କବାଦୀଙ୍କ ଘର ଉପରେ ଚାଲିଲା ବୁଲଡୋଜର

**ଶ୍ରୀନଗର:** ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାରେ ଆତଙ୍କବାଦୀ ଆକ୍ରମଣରେ ଜଣେ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହେବାର କିଛି ଘଣ୍ଟା ପରେ, କର୍ତ୍ତୃପକ୍ଷ ଲସ୍କର-ଇ-ତୋଏବାର ଦୁଇ ଆତଙ୍କବାଦୀଙ୍କ ଘର ଭାଙ୍ଗି ଦେଇଛନ୍ତି । ବୁଧବାର ଏବଂ ଗୁରୁବାର ରାତିରେ ଆତଙ୍କବାଦୀ ଆଦିଲ ଠୋକର ଏବଂ ହାରୁନ ରସିଦ ଗଣାଇଙ୍କ ଘର ବୁଲଡୋଜର ଚଲାଇ ଭାଙ୍ଗି ଦିଆଯାଇଛି ବୋଲି ଅଧିକାରୀମାନେ କହିଛନ୍ତି।ବୁଧବାର ଅପରାହ୍ନରେ ଅନନ୍ତନାଗର ଲାଲ ଚୌକରେ ଅମରନାଥ ଯାତ୍ରା ପାଇଁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଥିବା



ହେଡ୍ କନଷ୍ଟେବଲ୍ ଆଶିକ୍ ହୁସେନ କ୍ୟୁରେଶୀଙ୍କୁ ଜଣେ ଆତଙ୍କବାଦୀ ଗୁଳି କରି ହତ୍ୟା କରିବାର କିଛି ଘଣ୍ଟା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଲସ୍କର-ଏ-ତୈବାର ସହଯୋଗୀ ସଂଗଠନ ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ) ଏକ ସୋସିଆଲ ମିଡିଆ ପୋଷ୍ଟରେ ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଥିଲା। ପୂର୍ବରୁ କାଶ୍ମୀରରେ ସକ୍ରିୟ ଆତଙ୍କବାଦୀଙ୍କ ଘର ଭାଙ୍ଗି ଦିଆଯାଇଛି, କିନ୍ତୁ ହିଂସା ହ୍ରାସ ପାଇବାରୁ ଗତ ପ୍ରାୟ ଏକ ବର୍ଷ ଧରି ଏପରି କାର୍ଯ୍ୟାନୁଷ୍ଠାନ ବନ୍ଦ କରାଯାଇଥିଲା।

## ଭ୍ୟାନ ଅଟକାଇଲେ ଯୁବତୀ, ପୋଲିସ ବେକୁବ

**ମୁମ୍ବାଇ:** ଅଧିକାର ସାମ୍ନାରେ ନିର୍ଭୀକତା। ଦମନ ସାମ୍ନାରେ ସାହସ। ସମଗ୍ର ବ୍ୟବସ୍ଥା ସାମ୍ନାରେ ଜଣେ ନାଗରିକର ଦୃଢ଼ ଉପସ୍ଥିତି। ଜଣେ ମହିଳାଙ୍କ ପ୍ରତିବାଦର ଏମିତି ଏକ ଦୃଶ୍ୟ, ଯାହା ଆଶ୍ଚର୍ଯ୍ୟ ସହ ଅନ୍ୟାମନଙ୍କ ମନରେ ଆଶା ମଧ୍ୟ ଷ୍ଟି ରିଛି।ମୁମ୍ବାଇରେ ଯେତେବେଳେ ଗୋଟିଏ ପୁଲିସ ଭ୍ୟାନ୍ ସାମ୍ନାରେ ରିୟା ଅହିର ବେଶ ସଶକ୍ତ ହୋଇ ଠିଆ ହୋଇଥିଲେ ସେତେବେଳେ ସେଠାରେ ଚାଲିଥିବା ପ୍ରତିବାଦର ସବୁଠାରୁ ପ୍ରଭାବଶାଳୀ ଚିତ୍ରରେ ସାମ୍ନାକୁ ଆସିଥିଲା।୨୭ ବର୍ଷୀୟ ଯୁବତୀ ରିୟା କାହାକୁ ଖାତିର ନ କରି ଖୁଣ୍ଟ ଭଳି ପୁଲିସ୍ ଭ୍ୟାନକୁ ଅଟକାଇଥିଲେ। ତାଙ୍କ ଯୋଗୁ ଭ୍ୟାନରେ ଭର୍ତ୍ତି କରି ପୁଲିସ୍ ନେଉଥିବା ଯୁବ ବିକ୍ଷୋଭକାରୀଙ୍କୁ ଛାଡ଼ିବାକୁ ବାଧ୍ୟ ହୋଇଥିଲା। ଏବେ ରିୟା ସମସ୍ତଙ୍କ ରୋଲ୍ ମଡେଲ୍ ବନି ଯାଇଛନ୍ତି। ପରୀକ୍ଷା ଅନିୟମିତତାକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ମୁମ୍ବାଇରେ ଚାଲିଥିବା ଆନ୍ଦୋଳନ ସମୟରେ ରିୟା ଅହିର ଦେଖାଇଥିଲେ ସାହାସ। ବିକ୍ଷୋଭ ସ୍ଥଳରୁ ଶିକ୍ଷାର୍ଥୀମାନଙ୍କୁ ଉଠାଇ ନେଉଥିବା ପୁଲିସ ଭ୍ୟାନକୁ ସେ ବିଚ ରାସ୍ତାରେ ଅଟକାଇଥିଲେ।ଏହି



ସମୟରେ ହେଉଥିଲା ଝିପଝିପ ବର୍ଷା। ପୁଲିସ୍ ତାଙ୍କୁ ଗାଡ଼ି ଆଗରୁ ହଟିବାକୁ କହିଥିଲା। କିନ୍ତୁ ଯୁବତୀ ଜଣଙ୍କ ନ ଡରି ସେମିତି ଭ୍ୟାନ ଆଗରେ ଛିଡ଼ା ହୋଇ ରହିଥିଲେ। ତାଙ୍କର ଏହି ପ୍ରତିବାଦ ଯୋଗୁ ମୁମ୍ବାଇର ଦାଦର ଅଞ୍ଚଳର ଶିବାଜୀ ପାର୍କ ନିଟରୁ ପୁଲିସ୍ ଉଠାଇ ଆଣିଥିବା ବିକ୍ଷୋଭକାରୀଙ୍କୁ ଛାଡ଼ିବାକୁ ବାଧ୍ୟ ହୋଇଥିଲା।ଘଟଣା ପରେ ରିୟା ଦେଖାଇଥିବା ସାହାସିକତାର ଭିଡିଓ ଏବେ ବେଶ ଭାଇରାଲ ହେବାରେ ଲାଗିଛି। ଏହାପରେ ରିୟା କହିଛନ୍ତି, "ମୁଁ ପ୍ରତିବାଦରେ ଯୋଗଦେବାକୁ ଯାଇଥିଲି ଓ ମୋ ସାଙ୍ଗମାନଙ୍କୁ ଅପେକ୍ଷା କରିଥିଲି।କିଛି ଦୂରରେ ଚାଲିଥିବା ବିକ୍ଷୋଭ ସ୍ଥଳରୁ ଉତ୍ସାହଭରା ସ୍ଲୋଗାନ୍ ମୋତେ ଶୁଣା ଯାଉଥିଲା। ଏହି ସ୍ଲୋଗାନ ହିଁ ମୋତେ ପ୍ରଭାବିତ କରିଥିଲା। ବିକ୍ଷୋଭ ସ୍ଥଳକୁ ଯାଉଥିବା ବେଳେ ଶିକ୍ଷାର୍ଥୀମାନଙ୍କୁ ନେଇ ଯାଉଥିବା ଗୋଟିଏ ପୁଲିସ୍ ଭ୍ୟାନ ଉପରେ ମୋର ନଜର ପଡ଼ିଥିଲା। ଭ୍ୟାନ୍ରେ ବିକ୍ଷୋଭକାରୀ ଭର୍ତ୍ତି ହୋଇ ରହିଥିଲେ। ପୁଲିସକର୍ମୀମାନେ ମଧ୍ୟ ଗାଡ଼ିରେ ଝୁଲି ରହିଥିଲେ। ଭ୍ୟାନ ଭିତରେ ଥିବେ ଶିକ୍ଷାର୍ଥୀମାନେ ସେମାନେ ଚିତ୍କାର କରୁଥିଲେ ଓ ସ୍ଲୋଗାନ୍ ଦେଉଥିଲେ। ମୁଁ ପୁଲିସକୁ ପଚାରିଥିଲି କି ସେମାନଙ୍କ ପାଖରେ ଗିରଫ ମେମୋ ଅଛି କି? କିନ୍ତୁ ସେମାନଙ୍କ ପାଖରେ କୌଣସି ଉତ୍ତର ନଥିଲା। ଏହାପରେ ମୁଁ ଗାଡ଼ି ଆଗରେ ସେମିତି ଛିଡ଼ା ହୋଇ ରହିଥିଲି।

## ଗାନ୍ଧୀ ସ୍ମୃତିସ୍ଥଳରେ ଏକାଠି ହେଲେ ଇଣ୍ଡିମେଣ୍ଟ ନେତା

**ନୂଆଦିଲ୍ଲୀ:** ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ଆନ୍ଦୋଳନ ତୀବ୍ର ହୋଇଥିବା ବେଳେ ଏହି ପ୍ରସଙ୍ଗରେ ସଂସଦ ମଧ୍ୟ ଅଚଳ ହୋଇଯାଇଛି। ଏଭଳି ସ୍ଥିତିରେ ଆଜି କଂଗ୍ରେସନେତା ରାହୁଲ ଗାନ୍ଧୀ ତାଙ୍କ ବାସଭବନରେ ଇଣ୍ଡିମେଣ୍ଟ ନେତାମାନଙ୍କର ଏକ ବୈଠକ କରିଛନ୍ତି। ସୁନହରୀ ବାଗ୍ ରୋଡ୍ ସ୍ଥିତ ରାହୁଲ ଗାନ୍ଧୀଙ୍କ ବାସଭବନରେ ହୋଇଥିବା ବୈଠକରେ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେ, କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ସାଂସଦ ପି ଚିଦମ୍ବରମ, କେସି ବେଣୁଗୋପାଳ, ଜୟରାମ ରମେଶ, ରେଣୁକା ଚୌଧୁରୀ, ପ୍ରମୋଦ ତିୱାରୀ,



ଏନ୍ସିପି (ଏସପି) ସାଂସଦ ସୁପ୍ରିୟା ସୁଲେ ଓ ଆର୍ଜେଡିର ମିସା ଭାରତୀଙ୍କ ସମେତ ଅନ୍ୟମାନେ ଯୋଗ ଦେଇଛନ୍ତି। ଲୋକସଭାରୁ ନିଲମ୍ବିତ ଟିଏମ୍ସି ସାଂସଦ କଲ୍ୟାଣ ବାନାର୍ଜୀ ଓ ଦଳର ନେତା ମହୁଆ ମୈତ୍ର, ସିପିଏମର ପି ସନ୍ଦୋଷ କୁମାର ଓ ଶିବସେନା (ୟୁବିଟି) ସାଂସଦ ଅରବିନ୍ଦ ସାୱନ୍ତ ମଧ୍ୟ ବିରୋଧୀ ଦଳ ନେତାମାନଙ୍କ ବୈଠକରେ ଯୋଗ ଦେଇଛନ୍ତି। ଆଜି ଏହି ବୈଠକ ପାଇଁ ରାହୁଲଙ୍କ ବାସଭବନ ବାହାରେ ବାରିକେଡ୍ ସହ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା। ରାହୁଲଙ୍କ ବାସଭବନ ବାହାରେ ଆର୍ଏଏଫ୍ (ର୍‌ୟାପିଡ ଆକ୍ସନ୍ ଫୋର୍ସ) ମୁତୟନ ହୋଇଛନ୍ତି। ବୈଠକ ପରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଇଣ୍ଡିମେଣ୍ଟ ସାଂସଦମାନେ ତିନୋଟି ବସରେ ତିସ୍ ଜାନୁଆରି ମାର୍ଗ ସ୍ଥିତ ଗାନ୍ଧୀ ସ୍ମୃତି ସ୍ଥଳ ଯାଇଛନ୍ତି। ଏକ୍ସରେ ଏକ ପୋଷ୍ଟ କରି ରାହୁଲ କହିଛନ୍ତି, ଏବେ ଇଣ୍ଡିମେଣ୍ଟ ନେତାମାନେ ଗାନ୍ଧୀ ସ୍ମୃତିସ୍ଥଳକୁ ଯାଉଛନ୍ତି। ନିଟ୍ ପ୍ରଶ୍ନପତ୍ର ପ୍ରଘଟ ହେବାପରେ ଆମେ ଯେଉଁ ପିଲାମାନଙ୍କୁ ହରାଇଥିଲୁ ସେମାନଙ୍କୁ ମନେ ପକାଇବା ପାଇଁ ଆମେ ସେଠାକୁ ଯାଉଛୁ। ଯେଉଁ ଛାତ୍ରମାନେ ଶାନ୍ତିପୂର୍ଣ୍ଣ ଭାବେ ନ୍ୟାୟ ଦାବି କରି ଆଜି ମାଡ଼ ଖାଇଛନ୍ତି ଆମେ ସେମାନଙ୍କ ସହ ଠିଆ ହେବାପାଇଁ ଯାଉଛୁ। ଭାରତର ଛାତ୍ରମାନେ ଏକା ନୁହନ୍ତି। ସମଗ୍ର ବିରୋଧୀ ସେମାନଙ୍କ ସହ ରହିଛନ୍ତି ବୋଲି ରାହୁଲ କହିଛନ୍ତି।

## ଆଇଆରଜିସିର ଘାଟି ଉପରେ ପ୍ରବଳ ବୋମାମାଡ଼

**ୱାଶିଂଟନ:** ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଏକ ଅତ୍ୟନ୍ତ ବିନାଶକାରୀ ମୋଡ଼ରେ ପହଞ୍ଚିଛି। ଆମେରିକା ବାୟୁସେନା ପ୍ରଥମ ଥର ପାଇଁ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ଘାଟି ଉପରେ ଏକ ବଡ଼ ଆକ୍ରମଣ କରିବା ପାଇଁ ଏହାର ସବୁଠାରୁ ଘାତକ ବି-୧ ଲାନ୍ସର ଦୂରଗାମୀ ବୋମାବର୍ଷୀ ବିମାନ ବ୍ୟବହାର କରିଛି। ୧୨ ଦିନ ପୂର୍ବେ ପୁଣି ଆରମ୍ଭ ହୋଇଥିବା ଏହି ନୂଆ ଯୁଦ୍ଧରେ ପ୍ରଥମ ଥର ପାଇଁ ଆମେରିକା ନିଜର ଶକ୍ତିଶାଳୀ ବୋମାବର୍ଷୀ ବିମାନକୁ ମିଶନରେ ପଠାଇଛି। ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ ଇରାନର ସାମରିକ ଅପରେସନ୍ କେନ୍ଦ୍ର, ସାମୁଦ୍ରିକ କ୍ଷମତା କେନ୍ଦ୍ର, ବିମାନ ହ୍ୟାଙ୍ଗର, ଡ୍ରୋନ୍ ଷ୍ଟୋରେଜ୍ ସାଇଟ୍ ଏବଂ ସାମରିକ ଲଜିଷ୍ଟିକ୍ସ ବେସ୍ ଟାର୍ଗେଟ କରାଯାଇଛି। ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ହର୍ମୁଜ୍ ପ୍ରଣାଳୀରେ ଜାହାଜକୁ ଟାର୍ଗେଟ କରିବାର



ଇରାନର କ୍ଷମତାକୁ ସମ୍ପୂର୍ଣ୍ଣ ନଷ୍ଟ କରିବା। ବୋମା ବିସ୍ଫୋରଣକାରୀ ବିମାନଟି ବ୍ରିଟେନର ଏକ ଏୟାରବେସ୍ରୁ ଉଡ଼ାଣ କରିଥିଲା। ବି-୧ ଲାନ୍ସର ବୋମାବର୍ଷୀ ବିମାନକୁ ଆମେରିକୀୟ ବାୟୁସେନାର ସବୁଠାରୁ ଶକ୍ତିଶାଳୀ ଏବଂ ଓଜନିଆ ବିମାନ ଭାବରେ ବିବେଚନା କରାଯାଏ। ଏହା ଶବ୍ଦର ବେଗ ଅପେକ୍ଷା ଦ୍ରୁତ ଗତିରେ ଉଡ଼ିବା ସହ ୨୪ଟି ୨ ହଜାର ପାଉଣ୍ଡ ଓଜନର ବୋମା କିମ୍ବା ବହୁ ସଂଖ୍ୟକ କ୍ରୁଜ୍ ମିସାଇଲ ମଧ୍ୟ ବହନ କରିପାରିବାକୁ ସକ୍ଷମ। ଯୁଦ୍ଧକ୍ଷେତ୍ରରେ ବି-୧ ଲାନ୍ସକୁ ନିୟୋଜିତ କରିବା ସ୍ପଷ୍ଟ ଭାବେ ସୂଚିତ କରୁଛି ଯେ, ଆମେରିକା ଏବେ ଏହି ସାମରିକ ଅଭିଯାନକୁ ଜୋରଦାର୍ କରୁଛି।

**ହନିମୁନ ମର୍ଡର ମାମଲା**

# ସୋନମଙ୍କୁ ଆତ୍ମସମର୍ପଣ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** ଇନ୍ଦୋରର ବହୁ ଚର୍ଚ୍ଚିତ ରାଜା ରଘୁବଂଶୀ ହନିମୁନ୍ ମର୍ଡର ମାମଲାରେ ନୂଆ ମୋଡ଼ ଆସିଛି। ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ତାଙ୍କ ପତ୍ନୀ ସୋନମ ରଘୁବଂଶୀଙ୍କୁ ସୁପ୍ରିମକୋର୍ଟ ଏକ ବଡ଼ ଝଟକା ଦେଇଛନ୍ତି। ସୁପ୍ରିମକୋର୍ଟ ତାଙ୍କ ଜାମିନକୁ ଖାରଜ କରି ତିନି ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋନମଙ୍କ ଜାମିନକୁ ଚ୍ୟାଲେଞ୍ଜ କରି ମେଘାଳୟ ସରକାରଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ଜଷ୍ଟିସ୍ ଏମଏମ ସୁନ୍ଦରେଶ ଏବଂ ପିବି ଭାରାଲେଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ସୋନମଙ୍କ ବିରୋଧରେ ଅଭିଯୋଗ ବହୁତ ଗମ୍ଭୀର। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ଟ୍ରାଏଲ୍ କୋର୍ଟକୁ ଛଅ ମାସ ମଧ୍ୟରେ ମାମଲାର ଶୁଣାଣି ସାରିବାକୁ ନିର୍ଦ୍ଦେଶ ଦେଇ ସ୍ପଷ୍ଟ କରିଛନ୍ତି ଯେ, ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମାମଲାର ଶୁଣାଣି ସମାପ୍ତ ନହୁଏ, ତେବେ ସୋନମ ରଘୁବଂଶୀ ପୁଣି ଥରେ ଜାମିନ ପାଇଁ



ଆବେଦନ କରିପାରିବେ। ବର୍ତ୍ତମାନ, ତାଙ୍କୁ ତିନି ସପ୍ତାହ ମଧ୍ୟରେ ସମ୍ପୃକ୍ତ କୋର୍ଟରେ ଆତ୍ମସମର୍ପଣ କରିବାକୁ ପଡିବ।ଶୁଣାଣି ସମୟରେ କୋର୍ଟ ଦୁଇଟି ବିକଳ୍ପ ଦେଇଥିଲେ। କୋର୍ଟ ସୋନମ ରଘୁବଂଶୀଙ୍କ ଆଇନଜୀବୀଙ୍କୁ ପଚାରିଥିଲେ, ଅଭିଯୁକ୍ତ ସ୍ୱେଚ୍ଛାକୃତ ଭାବରେ ଆତ୍ମସମର୍ପଣ କରିବେ କି କୋର୍ଟ ତାଙ୍କ ଜାମିନକୁ ଖାରଜ କରିବେ। ତାଙ୍କ ପ୍ରତିକ୍ରିୟାରେ ସୋନମ ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରିଥିଲେ ଏବଂ କହିଥିଲେ ଯେ, ତାଙ୍କୁ ଏହି ମାମଲାରେ ମିଛରେ ଫସାଇ ଦିଆଯାଇଛି। ସେ ଯୁକ୍ତି ଦେଇଥିଲେ ଯେ ସରକାରୀ ଆଇନଜୀବୀଙ୍କ ସମ୍ପୂର୍ଣ୍ଣ ମାମଲା ପରିସ୍ଥିତିଗତ ପ୍ରମାଣ ଉପରେ ଆଧାରିତ ଏବଂ କେବଳ ଅଭିଯୋଗ ଆଧାରରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ।ମେଘାଳୟ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ଜାମିନ ଆଦେଶରେ ଆଇନଗତ ଧାରା ଭୁଲ୍ ଭାବରେ ଉଲ୍ଲେଖ କରାଯାଇଛି। ସେ କହିଥିଲେ ଯେ ଏତେ ଛୋଟ ଭୁଲ୍ ଯୋଗୁଁ ଏଭଳି ଏକ ସମ୍ବେଦନଶୀଳ ହତ୍ୟା ମାମଲାରେ ଜାମିନ ପ୍ରଦାନ କରିବା ଅନୁଚିତ୍। ଜାମିନକୁ ବଜାୟ ରଖାଗଲେ ସୋନମ ରଘୁବଂଶୀ ଫେରାର୍ ହୋଇପାରନ୍ତି ବୋଲି ମଧ୍ୟ ସେ ଚିନ୍ତା ପ୍ରକାଶ କରିଥିଲେ। ଏହି ଯୁକ୍ତିଗୁଡ଼ିକୁ ବିଚାର କରିବା ପରେ, ସୁପ୍ରିମକୋର୍ଟ ଜାମିନକୁ ଖାରଜ କରି ତାଙ୍କୁ ଆତ୍ମସମର୍ପଣକୁ ନିର୍ଦ୍ଦେଶ ଦେଇଛନ୍ତି।

# ବୈଭବ ବିସ୍ଫୋରଣ, ଭାରତ ବିଜୟୀ



ହରାରେ,୨୩।୭ (ଏଜେନ୍ସି): ଜିମ୍ବାୱେ ବିପକ୍ଷ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ବୈଭବଙ୍କ ଭୈରବ ରୂପ ପୁଣିଥରେ ସାରାବିଶ୍ୱ ଦେଖିଛି। ୧୮ ବଲରୁ ଅର୍ଦ୍ଧଶତକ ହାସଲ କରି ଦଳକୁ ବିଶାଳ ବିଜୟ ଦେଇଛନ୍ତି ବୈଭବ। ବୈଭବଙ୍କ ଏହି ଇନିଂସରେ ୪ଟି ଲେଖାଏଁ ଚୌକା ଓ ଛକା ଦେଖିବାକୁ ମିଳିଥିଲା। ଏହି ମ୍ୟାଚରେ ଘରୋଇ ଜିମ୍ବାୱେ ଭାରତର ଶାଣିତ ବୋଲିଂକୁ ସାମ୍ନା କରିନପାରି ୨୦ ଓଭରରେ ୭ ୱିକେଟ୍ ହରାଇ ୧୨୫ ରନ କରିଥିଲା। ଜବାବରେ ଭାରତ ୧୩.୨ ଓଭରରେ ୧୨୬/୩ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା। ଗତ ଆୟର୍ଲାଣ୍ଡ ଓ ଇଂଲଣ୍ଡଗସ୍ତରେ ଶୋଚନୀୟ ଶୃଙ୍ଖଳା ପରାଜୟ ଦୁଃଖରୁ ଭାରତୀୟ ତାରକା ମୁକୁଳିଛନ୍ତି। ୩ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ଭାରତ ୧-୦ରେ ଅଗ୍ରଣି ହାସଲ କରିଛି।

ହରାରେ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଅଧିନାୟକ ଶ୍ରେୟାସ ଆୟର ଟସ ଜିତି ଘରୋଇ ଜିମ୍ବାୱେକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଅନ୍ତର୍ଜାତୀୟ ଟି-୨୦ ଡେବ୍ୟୁ କରିଥିବା ଅଶୋକ ଶର୍ମା ଓ ମୟଙ୍କ ଯାଦବ ଭାରତର ପ୍ରାରମ୍ଭିକ ବୋଲିଂ ଆକ୍ରମଣ ମଙ୍ଗ ଧରିଥିଲେ। ମୟଙ୍କ ୪ ଓଭର ବୋଲିଂ କରି ୧୮ ରନ୍ ବିନିମୟରେ ୨ ୱିକେଟ୍ ଅକ୍ତିଆର କରିଥିଲେ। କିନ୍ତୁ ଡେବ୍ୟୁ କରିଥିବା ଅଶୋକ ଶର୍ମା ୪ ଓଭରରେ ୨୯ ରନ ଦେଇ ସଫଳତା ପାଇନଥିଲେ। ତେବେ ଅନ୍ୟତମ ଦ୍ରୁତ ବୋଲର ପ୍ରିନ୍ସ ଯାଦବ ୪ ଓଭରରେ ୧୯ ରନ୍ ଦେଇ ଦୁଇଟି, ଶିବମ ଦୁବେ ଓ ରବି ବିଷ୍ଣୋଇ ଗୋଟିଏ କରି ୱିକେଟ୍ ସଫଳତା ଅକ୍ତିଆର କରିବାରୁ ଜିମ୍ବାୱେ ବେଶି ବାଟ ଯାଇପାରିନଥିଲା। ଜିମ୍ବାୱେ ଓପନର ବ୍ରିଆନ ବେନିଟ ୦, ବେନ କୁରନ ୮ ବଲରୁ ୧୦, ଡିଅନ ମେୟର୍ସ ୬, ସିକନ୍ଦର ରାଜା ୪, ରିଆନ ବୁରି ୨୬, ୱିସଲି ମାଧେବୀରା ୩୯ ଏବଂ ତାଡିୱାନ ସି ମାରୁମଣି ଅପରାଜିତ ୨୭ ରନ୍ କରିବାରୁ ଜିମ୍ବାୱେ ୨୦ ଓଭରରେ ୭ ୱିକେଟ୍ ହରାଇ ୧୨୫ ରନ୍ କରିବାକୁ ସକ୍ଷମ ହୋଇଥିଲା।

୧୨୬ ରନର ବିଜୟଲକ୍ଷ୍ୟ ଭାରତ ପାଇଁ ଅତ୍ୟନ୍ତ ସହଜ ଥିଲା। କିନ୍ତୁ ଓପନର ଅଭିଶେକ ଶର୍ମା ୮ଟି ବଲର ସମ୍ମୁଖୀନ ହୋଇ କେବଳ ୧ ରନ୍ କରି ମୁଜରବାନୀଙ୍କ ବଲରେ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୨୩ ବେଳେ ଭାରତ ପ୍ରଥମ ୱିକେଟ ହରାଇଥିଲା। ତେବେ ପଡିଆରେ ଜିମ୍ବାୱେ ବୋଲରଙ୍କୁ ନିର୍ଦ୍ଧୁମ ପିଟିଥିଲେ ବୈଭବ। ସେ ୩୨ ମିନିଟ ପଡିଆରେ ରହି ୧୯ ବଲର ସମ୍ମୁଖୀନ ହୋଇଥିଲେ। ଜମାଣିଆ ୫୦ ରନ୍ କରିଥିବା ବୈଭବ ୪ଟି ଲେଖାଏଁ ଚୌକା ଓ ଛକା ମାରି ଲୟରେ ଥିବା ସୂଚନା ଦେଇଛନ୍ତି। ଅନ୍ୟତମ ବାମହାତି ବ୍ୟାଟର ଇଷାନ କିଷାନ ଓ ଶ୍ରେୟାସ ଆୟର ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଇଶାନ ୨୪ ବଲରୁ ୩ ଚୌକା ଓ ୨ ଛକା ସହାୟତାରେ ୩୫ ରନ୍ କରିଥିଲେ। ତେବେ ଶ୍ରେୟାସ ଆୟର ଓ ତିଲକ ବର୍ମା କିଛି ମାତ୍ରାରେ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଶ୍ରେୟାସ ୨୪ ବଲରୁ ୨୮ ରନ୍ ଏବଂ ତିଲକ ୫ ବଲରୁ ୬ ରନ୍ କରି ବିଜୟ ମୁଣ୍ଡି ମାରିଥିଲେ। ଶ୍ରେୟାସଙ୍କ ନେତୃତ୍ୱରେ ଏହା ଟିମ ଇଣ୍ଡିଆର ପ୍ରଥମ ଟି-୨୦ ବିଜୟ।

## ରାଜ୍ୟଗୋଷ୍ଠୀ କ୍ରୀଡା

# ପଦକ ନିଶ୍ଚିତ କଲେ ଲଭଲିନା



ନୂଆଦିଲ୍ଲୀ,୨୩।୭ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡାର ଉଦଘାଟନୀ ସମାରୋହ ପୂର୍ବରୁ ଭାରତ ପାଇଁ ଖୁସି ଖବର ଆସିଛି। ମହିଳା ବକ୍ସିଂରେ ଭାରତର ଗୋଟିଏ ପଦକ ନିଶ୍ଚିତ ହୋଇଛି। ତାରକା ବକ୍ସର ଲଭଲିନା ବୋର୍ଗୋହେନ ଦେଶ ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡାରେ ପ୍ରଥମ ପଦକ ପକ୍କା କରିଛନ୍ତି। ସେ ୭୫ କେଜି ବକ୍ସିଂ ବର୍ଗର ସେମିଫାଇନାଲରେ ସିଧାସଳଖ ପ୍ରବେଶ କରି ଅତିକମରେ ବ୍ରୋଞ୍ଜ ପଦକ ନିଶ୍ଚିତ କରିଛନ୍ତି। ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିଥିବା ଲଭଲିନାଙ୍କୁ ତାଙ୍କ ବର୍ଗର ରାଉଣ୍ଡରେ ବାଏ ମିଳିଥିଲା। ସେ ବିନା ଲଢ଼େଇରେ ସେମିଫାଇନାଲରେ ପହଞ୍ଚିଛନ୍ତି। ରାଜ୍ୟଗୋଷ୍ଠୀ ବକ୍ସିଂ ଫର୍ମାଟ ଅନୁଯାୟୀ ସେମିଫାଇନାଲରେ ପରାଜିତ ହେଉଥିବା ଉଭୟ ବକ୍ସରଙ୍କୁ ବ୍ରୋଞ୍ଜ ପଦକ ଦିଆଯାଇଥାଏ। ତେଣୁ ଗ୍ଲାସଗୋରେ ରିଙ୍ଗକୁ ପ୍ରବେଶ କରିବା ପୂର୍ବରୁ ହିଁ ଲଭଲିନାଙ୍କ ପଦକ ନିଶ୍ଚିତ ହୋଇଛି। ଆଗାମୀ ୩୧ ତାରିଖରେ ଲଭଲିନା କୁଭାଲର ଟିକେବିପି ଟାଫାଗିଙ୍କ ବିପକ୍ଷରେ ସେମିଫାଇନାଲ ମ୍ୟାଚ ଖେଳିବେ। ଯଦି ସେ ବିଜୟୀ ହୁଅନ୍ତି ତେବେ ସେ ଫାଇନାଲରେ ପ୍ରବେଶ କରିବେ। ମହିଳା ୭୫ କିଲୋଗ୍ରାମ ମିଡିଲୱେଟବର୍ଗରେ ନଂ.୧ ସିଡ ଲଭଲିନା ୫ ଜଣିଆ ପ୍ରତିଯୋଗିତାରେ ବାଇପାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଏହି ବର୍ଗରେ ମାତ୍ର ୫ ଜଣ ପ୍ରତିଯୋଗୀ ଥିବାରୁ ଲଭଲିନାଙ୍କ ସମେତ ୩ ଜଣଙ୍କୁ ସିଧାସଳଖ ସେମିଫାଇନାଲ ଟିକେଟ ମିଳିଛି। ଅବଶିଷ୍ଟ ୨ ଜଣ ଏକମାତ୍ର କ୍ୱାର୍ଟର ଲଢ଼େଇରେ ମୁହାଁମୁହିଁ ହେବେ। ବର୍ମିଂହାମ ରାଜ୍ୟଗୋଷ୍ଠୀରେ ଭାରତ ୬୧ ପଦକ ଜିତିଥିଲା। କିନ୍ତୁ ଗ୍ଲାସଗୋରେ ଇଭେଣ୍ଟ ସଂଖ୍ୟା ୧୦କୁ କମିଥିବାରୁ ଭାରତର ପଦକ ସଂଖ୍ୟା ମଧ କମିବ। ତଥାପି ଭାରତ ୪ ବର୍ଷ ପୂର୍ବର ସଫଳତା ଦୋହରାଇବାକୁ ଲକ୍ଷ୍ୟ ରଖିଛି। ବର୍ମିଂହାମରେ ଭାରତ କୁସ୍ତି, ବ୍ୟାଡ଼ମିଣ୍ଟନ, ଟେବୁଲ ଟେନିସ୍ ହକି ଓ କ୍ରିକେଟ ଭଳି କ୍ରୀଡାରୁ ପଦକ ଜିତିଥିଲା। କିନ୍ତୁ ଏଥର ଏହି ଖେଳ ଗୁଡିକୁ ରାଜ୍ୟଗୋଷ୍ଠୀ କ୍ରୀଡାରେ ସାମିଲ କରାଯାଇନାହିଁ। ବର୍ମିଂହାମରେ ଏହି ସମସ୍ତ କ୍ରୀଡାରୁ ଭାରତକୁ ୨୮ଟି ପଦକ ମିଳିଥିଲା। ଏଥର ଭାରତ ଆଥଲେଟିକ୍ସ ଓ ଭାରୋତ୍ତୋଳନରୁ ଅଧିକ ପଦକ ଆଶା ରଖିଛି। ଏହା ପୂର୍ବରୁ ବକ୍ସିଂରେ ଲଭଲିନାଙ୍କୁ ପଦକ ନିଶ୍ଚିତ ହେବା ପରେ ଖୁସି ଚାରି ଆଡେ ଖେଳିଯାଇଛି। ଆସାମର ଏହି ବକ୍ସର ରାଜ୍ୟଗୋଷ୍ଠୀ କ୍ରୀଡା ଭାରତର ଧ୍ୱଜାବାହକ ସାଜିଥିଲେ।

## ବିଶ୍ୱ କନିଷ୍ଠ ସ୍କ୍ୱାଶ

# କ୍ୱାର୍ଟରରେ ଅନାହତ



ନୂଆଦିଲ୍ଲୀ,୨୩।୭ (ଏଜେନ୍ସି): ଭାରତର ତାରକା ସ୍କ୍ୱାଶ ଖେଳାଳି ଅନାହତ ସିଂ ବିଶ୍ୱ ସ୍କ୍ୱାଶ କନିଷ୍ଠ ପ୍ରତିଯୋଗିତାର ବ୍ୟକ୍ତିଗତ ବର୍ଗର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ପ୍ରି-କ୍ୱାର୍ଟରଫାଇନାଲରେ ବିଶ୍ୱର ନଂ.୨୦ ଖେଳାଳି ଅନାହତ ୧୧-୪, ୧୧-୮, ୧୧-୧୩ରେ ମାଲେସିଆର ଡୋୟେସ ୟେନସାନଲିଙ୍କୁ ପରାସ୍ତ କରିଥିଲେ। ଗତ ସଂସ୍କରଣରେ ବ୍ରୋଞ୍ଜ ପଦକ ଜିତିଥିବା ଅନାହତ କ୍ୱାର୍ଟରଫାଇନାଲରେ ଇଜିପ୍ଟର ହବିବା ରିଜକଙ୍କୁ ଭେଟିବେ।

# ୨୪ ବର୍ଷ ବୟସରେ ଡେବ୍ୟୁ କଲେ ଅଶୋକ ଶର୍ମା

ନୂଆଦିଲ୍ଲୀ,୨୩।୭ (ଏଜେନ୍ସି): ଜିମ୍ବାୱେ ବିପକ୍ଷ ପ୍ରଥମ ଟି-୨୦ରେ ଡେବ୍ୟୁ କରିଛନ୍ତି ଯୁବ ଦ୍ରୁତ ବୋଲର ଅଶୋକ ଶର୍ମା। ୨୪ ବର୍ଷ ବୟସରେ ନିଜର ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ଅଶୋକଙ୍କୁ ଘାତକ ସ୍ପିଡ ଓ ଶାଣିତ ବୋଲିଂ ପାଇଁ ସମସ୍ତେ ଜାଣିଛନ୍ତି। ଏହି ଶୃଙ୍ଖଳାରେ ବିସିସିଆଇ ଅଧିକାଂଶ ଯୁବ ପ୍ରତିଭାଙ୍କୁ ସୁଯୋଗ ଦେଇଥିବା ବେଳେ ଅଶୋକଙ୍କ ସହ ମୟଙ୍କ ଯାଦବ ଓ ପ୍ରିନ୍ସ ଯାଦବଙ୍କୁ ପରି ଦ୍ରୁତ ବୋଲରଙ୍କୁ ମଧ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଛି। ଷ୍ଟାଡିୟମରେ ବିରୋଧୀ ବ୍ୟାଟରଙ୍କ ନିଦ ଉଠାଇଥିବା ଏହି ଦ୍ରୁତ ବୋଲରଙ୍କ କ୍ରିକେଟ କ୍ୟାରିୟର ପଛର କାହାଣୀ ଭାବ ବିହ୍ୱଳ କଲାଭଳି।

ରାଜସ୍ଥାନ ଜୟପୁର ନିକଟସ୍ଥ ରାମପୁରା ଗାଁରୁ ଅଶୋକ ଶର୍ମା ଆସିଛନ୍ତି। ତାଙ୍କ ବାପା ଜଣେ ସାଧାରଣ କୃଷକ। ଆର୍ଥିକ ସ୍ଥିତି ଏତେ ସ୍ୱଚ୍ଛଳ ନଥିବାରୁ ପରିବାର ଚଳାଇବା ସହ ପିଲାଙ୍କ ଖର୍ଚ୍ଚ ବହନ କରିବା ପ୍ରାୟ ଅସମ୍ଭବ ଥିଲା। ଅଶୋକଙ୍କ ବଡ଼ଭାଇ ଅକ୍ଷୟ ଶର୍ମା ମଧ ଜଣେ ଭଲ କ୍ରିକେଟର ଥିଲେ। କିନ୍ତୁ ଅଭାବ ଅନାଟନ ଯୋଗୁଁ ବାପା କେବଳ ଜଣଙ୍କ ସ୍ୱପ୍ନ ପୂରଣ କରିବାକୁ ସମର୍ଥ ଥିଲେ। ସାନ ଭାଇ ଅଶୋକଙ୍କ ଭିତରେ ଥିବା ପ୍ରତିଭାକୁ ଦେଖି ବଡ଼ଭାଇ ନିଜ କ୍ରିକେଟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଭାଇର ଏହି ବଡ଼ ତ୍ୟାଗ ହିଁ ଅଶୋକଙ୍କୁ ଆଜି ଭାରତୀୟ ଜର୍ସି ପିନ୍ଧିବାରେ ସାହାର୍ଯ୍ୟ କରିଛି। ୨୦୨୫-୨୬ ଘରୋଇ ସିଜନରେ ଅଶୋକଙ୍କ ଶାଣିତ ବୋଲିଂ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେ ନିଜର ବୋଲିଂ ବଳରେ ନିଜର ବିରୋଧ ଦଳର ଲାଇନ ଅପକୁ ଧ୍ୱଂସ କରିବା ସହ ଅନେକ ରେକର୍ଡ ନିଜ ନାଁରେ କରିଥିଲେ। ସେହି କଠିନ ପରିଶ୍ରମ ଓ ସଂଘର୍ଷର ଫଳ ସ୍ୱରୂପ ଭାରତୀୟ ଟି-୨୦ ଦଳରେ ସେ ସ୍ଥାନ ପାଇଛନ୍ତି। ଜିମ୍ବାୱେ ବିପକ୍ଷରେ ତାଙ୍କର ଏହି ଡେବ୍ୟୁ କେବଳ ନିଜର ନୁହେଁ, ବରଂ ତାଙ୍କ ବାପାଙ୍କ ସଂଘର୍ଷ ଓ ବଡ଼ ଭାଇଙ୍କ ତ୍ୟାଗର ଅସଲ ଉପହାର।

# ଶନିବାର ଠୁ ଓଡ଼ିଶା ରାଜ୍ୟ ସିନିୟର ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା

ଭୁବନେଶ୍ୱର,୨୩।୭ (ସବ୍ୟୁ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ସ୍ଥିତ ବିଶ୍ୱନାଥନ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲଠାରେ ଚଳିତ ମାସ ୨୫ ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସବୁଠାରୁ ମର୍ଯ୍ୟାଦା ଜନକ ୬୭ତମ ଓଡ଼ିଶା ରାଜ୍ୟ ସିନିୟର ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, କିଟ୍ ଓ କିସ୍ ସହଯୋଗରେ ଅନୁଷ୍ଠିତ ଏହି ୫ ଦିନିଆ ଚେସ ପ୍ରତିଯୋଗିତାରେ ରାଜ୍ୟର ଯେକୌଣସି ଚେସ୍ ଖେଳାଳୀ ୯୯୦/- ପ୍ରବେଶିକା ଦେୟ ଦେଇ ପ୍ରତିଯୋଗିତାରେ ଶୁକ୍ରବାର ରାତି ସୁଦ୍ଧା ସିଧାସଳଖ ଅଂଶଗ୍ରହଣ କରିପାରିବେ। ଉନ୍ନତ ପ୍ରଦର୍ଶନ କରିଥିବା ଖେଳାଳୀମାନେ ଜାତୀୟ ଚେସକୁ ମନୋନୀତ ହେବା ସହ ଏଥିରେ ଅନ୍ତର୍ଜାତୀୟ ଫିଡେ ରେଟିଂ ପାଇବାର ଯୋଗ୍ୟତା ଅର୍ଜନ ମଧ କରିପାରିବେ। ମୋଟ ରେକର୍ଡ ୧,୨୦,୦୦୦/- ଓ ୩୦ ରୁ ଉର୍ଦ୍ଧ୍ୱ ଆକର୍ଷଣୀୟ ଟ୍ରଫି ଥିବା ଏହି ପ୍ରତିଯୋଗିତାରେ ଚାମ୍ପିଅନ କୁ ୨୦,୦୦୦/-, ରନରଅପ କୁ ୧୫,୦୦୦/- ଟଙ୍କା ଓ ୩ୟ ସ୍ଥାନ ହାସଲ କରିଥିବା ଖେଳାଳୀଙ୍କୁ ୧୦,୦୦୦/- ନଗଦ ଅର୍ଥ ସହ ଆକର୍ଷଣୀୟ ଟ୍ରଫି ଓ ମେଡାଲ ପ୍ରଦାନ କରାଯିବ ବୋଲି ରାଜ୍ୟ ଚେସ୍ ସଂଘର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହା ଛଡ଼ା ଶ୍ରେଷ୍ଠ ୧୫ଜଣ ଖେଳାଳୀଙ୍କୁ ନଗଦ ଅର୍ଥ ସହ ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ୍ ଶ୍ରେଷ୍ଠ ୫ଜଣ ଉଭୟ ବାଳକ ଓ ବାଳିକାଙ୍କୁ ନଗଦ ଅର୍ଥ ଓ ଆକର୍ଷଣୀୟ ଟ୍ରଫି ସହ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ସାର୍ଟିଫିକେଟ ପ୍ରଦାନ କରାଯିବ। ପ୍ରତିଯୋଗିତାରେ ଶ୍ରେଷ୍ଠ ରେଟେଡ଼ାନ୍ (୨ଜଣ), ଶ୍ରେଷ୍ଠ ମହିଳା (୨ଜଣ), ଶ୍ରେଷ୍ଠ ଭିନ୍ନକ୍ଷମ ଓ ଭାଗ ନେଇଥିବା ଶ୍ରେଷ୍ଠ ୧୦ଜଣ ଅଣ ରେଟେଡ଼ ଖେଳାଳୀଙ୍କୁ ମଧ ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ଅଧିକ ଜାଣିବା ପାଇଁ ଭବେଶ ମହାନ୍ତି ଯୁଗ୍ମ ସମ୍ପାଦକ (ଏଓସିଏ), ମୋ.- ୯୯୩୭୮୮୬୩୭୨ ସହ ଯୋଗାଯୋଗ କରିବା ପାଇଁ ରାଜ୍ୟ ଚେସ୍ ସଂଘ ତରଫରୁ ଅନୁରୋଧ କରାଯାଇଛି।

# ଓଭାଲରେ ବିଶ୍ୱ ଟେଷ୍ଟ ସିରିଜ୍ ଫାଇନାଲ

ନୂଆଦିଲ୍ଲୀ,୨୩।୭ (ଏଜେନ୍ସି): କ୍ରିକେଟର ସବୁଠୁ ପ୍ରତିଷ୍ଠିତ ଟେଷ୍ଟ ଶୃଙ୍ଖଳା ଆସେସ ଆଗାମୀ ୨୦୨୭ ଜୁନ ୧୮ ରୁ ଆରମ୍ଭ ହେବ। ୫ ମ୍ୟାଚ ବିଶିଷ୍ଟ ଏହି ଶୃଙ୍ଖଳା ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବ। ଅଗଷ୍ଟ ୨ରେ ଏହା ଶେଷ ହେବ। ଜୁନ ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ଟେଷ୍ଟ ଟ୍ରେଣ୍ଟ ବ୍ରିଜ୍, ଜୁନ୍ ୩୦ରୁ ଜୁଲାଇ ୪ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଟେଷ୍ଟ ଲର୍ଡ୍ସ, ଜୁଲାଇ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ତୃତୀୟ ଟେଷ୍ଟ ଏଜବଷ୍ଟନ, ଜୁଲାଇ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଚତୁର୍ଥ ଟେଷ୍ଟ ୟୁଟିଲିଟା ଏବଂ ଜୁଲାଇ ୨୯ ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ପଞ୍ଚମ ଟେଷ୍ଟ ଦ.ଓଭାଲରେ ଖେଳାଯିବ। ୧୨ ବର୍ଷ ପରେ ଟ୍ରେଣ୍ଟବ୍ରିଜରେ ଆସେସ ଟେଷ୍ଟ ଖେଳାଯିବ। ଗତ ଆସେସ ଶୃଙ୍ଖଳାରେ ଅଷ୍ଟ୍ରେଲିଆ ଘରୋଇ ପରିବେଶରେ ଇଂଲଣ୍ଡକୁ ୪-୧ରେ ପରାଜିତ କରିଥିଲା। ୨୪ ଜୁନରୁ ମହିଳା ଆସେସ ଆରମ୍ଭ ହେବ। ଏହି ଅବସରରେ ୨୦୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଫାଇନାଲ ଦ.ଓଭାଲରେ ଆୟୋଜିତ ହେବ। ଇଂଲଣ୍ଡ ଘୋଷିତ ଘରୋଇ କାର୍ଯ୍ୟସୂଚୀରେ ପାକିସ୍ତାନ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ।

# ଭାରତରେ ଶୃଙ୍ଖଳା ଆୟୋଜନ କରିବ ଆଫଗାନିସ୍ତାନ

ନୂଆଦିଲ୍ଲୀ,୨୩।୭ (ଏଜେନ୍ସି): ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଆଉ ଏକ ଶୃଙ୍ଖଳା ସେପ୍ଟେମ୍ବରରେ ଖେଳାଯିବ। ଉଭୟ ଦେଶ ୩ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଖେଳିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ଆଫଗାନିସ୍ତାନ ଭାରତରେ ହିଁ ଟିମ ଇଣ୍ଡିଆ ବିପକ୍ଷ ଶୃଙ୍ଖଳା ଆୟୋଜନ କରିବ। ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ୩ଟି ମ୍ୟାଚ ଖେଳାଯାଇପାରେ। ଆଫଗାନସ୍ତାନ, ଭାରତରେ ଏହା ପୂର୍ବରୁ ଲକ୍ଷ୍ନୌ, ଡେରାଡୁନ ଓ ଗ୍ରେଟର ନୋଏଡାରେ ମ୍ୟାଚ ଖେଳି ସାରିଛି। ଶ୍ରୀଲଙ୍କା ଓ ଏସିଆ ଗେମ୍ସ ମଧ୍ୟରେ ଏହି ଶୃଙ୍ଖଳା ଖେଳିବା ପାଇଁ ପ୍ରସ୍ତାବ ଦିଆଯାଇଛି। ବିସିସିଆଇ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇନାହିଁ। ଧଳବଲ କ୍ରିକେଟରେ ଭାରତୀୟ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଭାରତ ଶୋଚନୀୟ ଭାବେ ଶୃଙ୍ଖଳା ହାରିଥିଲା।

# ରାଜ୍ୟସ୍ତରୀୟ ସନ୍ତରଣ ଚାମ୍ପିଅନସିପ : ଅର୍କଙ୍କୁ ବ୍ରୋଞ୍ଜ



ବାରିପଦା,୨୩।୭ (ସବ୍ୟୁ): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୬୬ତମ ଅଲ ଓଡିଶା ଜୁନିୟର ଓ ସବ୍-ଜୁନିୟର ରାଜ୍ୟସ୍ତରୀୟ ସନ୍ତରଣ ଚାମ୍ପିୟାନସିପରେ ବାରିପଦାର ଅର୍କ ମୁଖାର୍ଜୀ ୧୬ବର୍ଷରୁ କମ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୦ନଂ ୱାର୍ଡର ବାସିନ୍ଦା କଲ୍ଲୋଳ ମୁଖାର୍ଜୀ ଓ ସୁଦୀପ୍ତା ଚକ୍ରବର୍ତ୍ତୀଙ୍କ ସୁପୁତ୍ର ଅର୍କ ୨୦୦ମି ବେକ ଷ୍ଟ୍ରୋକରେ ୩ୟ ସ୍ଥାନ ଅଧିକାର କରି ଏହି ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କ କୋଚ ନେଲସନ ଲାକ୍ରା ଓ ଗୁଲାପି କାଲୋଙ୍କୁ ଶ୍ରେୟ ଦେଇଛନ୍ତି। ସେ ବର୍ତ୍ତମାନ ଟିକରପଡା ସ୍ଥିତ ସରକାରୀ ପୋଲିଟେକନିକ କଲେଜରେ ପାଠ ପଢୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅନୁଷ୍ଠାନ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ ଓ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ ଅଭିନନ୍ଦନ ଜଣାଇଛନ୍ତି।


ସୂଚନା

ସମୟ BHIM

SCAN & PAY

ASHIRBAD PRAKASHAN PVT.LTD.


## ଜୋନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡ ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ

# ପୁରୁଷରେ ପିୟୁଷ, ମହିଳାରେ ନନ୍ଦିନୀ ଚାମ୍ପିଅନ

ବଲାଙ୍ଗୀର,୨୩।୭ (ସବ୍ୟୁ): ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ବଲାଙ୍ଗିର ଆନୁକୁଲ୍ୟରେ ୟନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡ ମିଣ୍ଟନ ଚାମ୍ପିଅନସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜି ସମସ୍ତ ବିଭାଗର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଆଜିର ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ବେଣୁଧର ପାଣ୍ଡେ, ଜିଲ୍ଲା ସଂଘର ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା ମଞ୍ଚାସିନ ଥିଲେ। ଆଜିର ୯ ବର୍ଷ ବାଳକରେ ଆଦିତ୍ୟ ନାରାୟଣ ଚାମ୍ପିଅନ ହୋଇଥିବା ବେଳେ ମୟଙ୍କ ଶ୍ରୀୟାଂଶ ସାହୁ ଚାମ୍ପିଅନ ହୋଇଛନ୍ତି। ୧୧ ବର୍ଷ ବାଳକରେ ସମର୍ଥ ପାଢୀ ଚାମ୍ପିଅନ ହୋଇଥିବା ବେଳେ ଅର୍ଣ୍ଣବ ସାହୁ ରନର୍ସଅପ ହେଇଛନ୍ତି। ବାଳିକା ବିଭାଗରେ ଆଦ୍ୟାଶା ଆଚାର୍ଯ୍ୟ ଚାମ୍ପିୟାନ, ଆଫିଆ ମଞ୍ଜର ରନର୍ସଅପ ହୋଇଛନ୍ତି। ବାଳକ ଡବଲ୍ସ ରେ ମିହିର ମନନ ଓ ନୈତିକ ଦାସ ରନର୍ସଅପ, ଆୟାଂଶ ପତି ଓ ଅର୍ଣ୍ଣବ ସାହୁ ଚାମ୍ପିଅନ ହୋଇଛନ୍ତି। ୧୩ ବର୍ଷ ବିଭାଗରେ ବାଳକ ସିଙ୍ଗଲରେ ଅରୁଜ ମହାଣା ଚାମ୍ପିଅନ, ଶ୍ରୀୟାଂଶ ପତି ରନର୍ସଅପ, ବାଳିକା ସିଙ୍ଗଲରେ ରିଚା ଅଗ୍ରୱାଲ ଚାମ୍ପିଅନ, ସ୍ୱେତାଶ୍ରୀ ନାଏକ ରନର୍ସଅପ, ବାଳକ ଡବଲ୍ସ ରେ ଶ୍ରୀୟାଂଶ ପତି ଓ ଅର୍ଣ୍ଣବ ସାହୁ ଚାମ୍ପିଅନ, ଶ୍ରୀୟାଂଶ ନାୟକ ଓ ଅନ୍ୱେଷ ସାହୁ ରନର୍ସଅପ ହୋଇଛନ୍ତି। ବାଳିକା ଡବଲ୍ସ ରେ ସ୍ୱେତାଶ୍ରୀ ଓ ଶ୍ରେୟାଂଶ୍ରୀ ଚାମ୍ପିଅନ, ସ୍ନେହାଶ୍ରଦ୍ଧା ଓ ଆରୋହି ରନର୍ସଅପ ହୋଇଛନ୍ତି। ୧୫ବର୍ଷ ବାଳକ ସିଙ୍ଗଲରେ ସାଇ ଚନ୍ଦନ ମହାନ୍ତି





ଚାମ୍ପିୟାନ, ସାଇ ଆୟୁଷ ପୁରୋହିତ ରନର୍ସଅପ, ବାଳିକାରେ ରିଚା ଅଗ୍ରୱାଲ ଚାମ୍ପିଆନ, ଅଲିସା ବାନୋ ରନର୍ସଅପ, ବାଳକ ଡବଲ୍ସ ରେ ଗତିକ ଓ ସାଇ ଆୟୁଷ ଚାମ୍ପିଅନ, ସୁର୍ଯ୍ୟାଂଶ ଓ ଶ୍ରୀୟାଂଶ ପତି ରନର୍ସଅପ, ବାଳିକା ଡବଲ୍ସ ରେ ନିୟତି ପଦ୍ମିନୀ ଅନ୍ୱେଷା ମୋଲାନା ଚାମ୍ପିଅନ, ଆଲିସା ବାନୋ ଓ ବିଭୁ ପ୍ରଭା ରନର୍ସଅପ ହୋଇଛନ୍ତି। ୧୭ ବର୍ଷ ବାଳକରେ ଅମନ ଅଗ୍ରୱାଲ ଚାମ୍ପିଅନ,ଶ୍ରେୟାଂଶ କେଜରିୱାଲ ରନର୍ସଅପ ହୋଇଛନ୍ତି। ବାଳିକା ସିଙ୍ଗିଲ୍ସ ରେ ନିୟତି ପଦ୍ମିନୀ ଚାମ୍ପିଅନ ଅନ୍ୱେଷା ମଲାନା ରନର୍ସଅପ, ବାଳିକା ଡବଲ୍ସ ରେ ରିଚା ଅନନ୍ୟା ଯୋଡି ଚାମ୍ପିଅନ, ଇତିଶ୍ରୀ ଓ ଆଦ୍ୟାଶା ଯୋଡି ରନର୍ସଅପ ହୋଇଛନ୍ତି। ବାଳକ ଡବଲ୍ସ ରେ ନିଗମାନନ୍ଦ ଓ ଶ୍ରୀୟାଂଶ ଯୋଡି ଚାମ୍ପିଅନ, ସାଇ ଚନ୍ଦନ ଓ ଅମନ ଅଗ୍ରୱାଲ ରନର୍ସଅପ ହୋଇଛନ୍ତି। ୧୯ ବର୍ଷ କମ୍ ବୟସ ବର୍ଗରେ ଶ୍ରୀୟାଂଶ କେଜରିୱାଲ ଚାମ୍ପିଅନ, ବିଜୟ ଗୁଡିଆ ରନର୍ସଅପ, ବାଳିକା ସିଙ୍ଗଲ୍ସ ରେ ନନ୍ଦିନୀ ଲାଲ ଚାମ୍ପିଅନ, ଦୟା ପଟେଲ ରନର୍ସଅପ, ବାଳକ ଡବଲ୍ସ ରେ ନିଗମାନନ୍ଦ ଓ ବିନୀତ ଙ୍କ ଯୋଡି ଚାମ୍ପିଅନ, ଲୋକେସ ବେହେରା ଓ ଓବେଶ ଖାନ ରନର୍ସଅପ ହୋଇଛନ୍ତି। ମିକ୍ସ ଡବଲ୍ସ ରେ ବିନିତ ନାଏକ ନନ୍ଦିନୀ ଲାଲ ଚାମ୍ପିୟାନ, ଅର୍ଣ୍ଣବ ଅନନ୍ୟା ଅଗ୍ରୱାଲ ରନର୍ସଅପ ହୋଇଛନ୍ତି। ସିନିୟର ଚାମ୍ପିଅନ ହୋଇଛନ୍ତି ପିୟୁଷ ନାଗ ରନର୍ସଅପ ହୋଇଛନ୍ତି ନିଖିଳ ସୁନା, ସିନିୟର ମହିଳା ଚାମ୍ପିଅନ ହୋଇଛନ୍ତି ଦୟା ପଟେଲ, ରନର୍ସଅପ ହୋଇଛନ୍ତି ନନ୍ଦିନିଲାଲ। ସିନିୟର ପୁରୁଷ ଡବଲ୍ସ ରେ ପିୟୁଷ ଓ ବିନୀତ ଙ୍କ ଯୋଡି ଚାମ୍ପିଅନ, ନିଖିଳ ଓ ହିମାଂଶୁ ହାତୀ ରନର୍ସଅପ ହୋଇଛନ୍ତି। ମିକ୍ସ ଡବଲ୍ସ ରେ ହିମାଂଶୁ ହାତୀ, ସାୟାଂଶି ନାହାକ ଚାମ୍ପିଅନ, ରାକେଶ ଜୈସୱାଲ ଶ୍ରୀୟା ସୁମନ ମିଶ୍ର ରନର୍ସଅପ ହୋଇଛନ୍ତି। ଭେଟେରାନ ବର୍ଗରେ ୩୫ ବର୍ଷ ବର୍ଗ ରେ ଥବିର ସାହୁ ଚାମ୍ପିଅନ, ସିବୁନ ରଥ ରନର୍ସଅପ ହୋଇଛନ୍ତି। ଏହି ବର୍ଗର ଡବଲ୍ସ ରେ ଚନ୍ଦ୍ରଶେଖର ମିଶ୍ର ଓ ପ୍ରକାଶ ସାହୁ ଚାମ୍ପିଅନ, ସୂର୍ଯ୍ୟ ପ୍ରଧାନ ଓ ଶଙ୍କର ରାଏ ରନର୍ସଅପ ହୋଇଛନ୍ତି। ୪୦ ବର୍ଷ ପୁରୁଷ ସିଙ୍ଗଲରେ ଆଶୁତୋଷ ପଣ୍ଡା ଚମ୍ପିୟାନ, ଶଙ୍କର ରାଏ ରନର୍ସଅପ ହୋଇଛନ୍ତି। ଏହି ବର୍ଗର ପୁରୁଷ ଡବଲ୍ସ ରେ ମନୋଜ ଓ ଶଙ୍କର ରାଏ ଯୋଡି ଚାମ୍ପିଅନ, ଆଶୁତୋଷ ଓ ମାନସ ମହାନ୍ତି ରନର୍ସଅପ ହୋଇଛନ୍ତି। ୪୫ ବର୍ଷ ବୟସ ବର୍ଗରେ ସିଙ୍ଗଲରେ ମନୋଜ ବେହେରା ଚାମ୍ପିଅନ, ସୁମନ୍ତ ନାଏକ ରନର୍ସଅପ, ଏହି ବର୍ଗର ଡବଲ୍ସ ରେ ସଂଗ୍ରାମ ବେହେରା ଡା ଦିପକ ବାରି ଚାମ୍ପିଅନ, ସୁମନ୍ତ ନାଏକ ପୂର୍ଣ୍ଣଚନ୍ଦ୍ର ପଟେଲ ରନର୍ସଅପ, ୫୦ ବୟସ ବର୍ଗରେ ଦିପକ ବାରିକ ଚାମ୍ପିଅନ ଓ ସଂଗ୍ରାମ ବେହେରା ରନର୍ସଅପ, ଏହି ବର୍ଗରେ ଡବଲ୍ସ ରେ ସଂଗ୍ରାମ ବେହେରା ଓ ଡା.ଦିପକ ବାରିକ ଚାମ୍ପିଅନ, ଡା. ବେଣୁଧର ପାଣ୍ଡେ ଓ ଘନଶ୍ୟାମ ମିଶ୍ର ରନର୍ସଅପ, ୬୦ ବର୍ଷ ବର୍ଗରେ ଡା.ବେଣୁଧର ପାଣ୍ଡେ ଓ ଡା. ପ୍ରଦୀପ କୁମାର ସାହୁ ଚାମ୍ପିଅନ, ଗୋପାଳ ଚନ୍ଦ୍ର ପଣ୍ଡା ଓ ସନାତନ ହାତୀ ରନର୍ସଅପ, ୬୫ ବର୍ଷ ବୟସ ବର୍ଗ ସିଙ୍ଗଲରେ ସନାତନ ହାତି ଚାମ୍ପିୟାନ ହୋଇଥିବା ବେଳେ ଗୋପାଳ ଚନ୍ଦ୍ର ପଣ୍ଡା ରନର୍ସଅପ ହୋଇଛନ୍ତି। ଲେବେଲ-୩ ଜିଲ୍ଲା ଚାମ୍ପିଅନସିପ୍ ରେ ୧୩ ବର୍ଷ ସିଙ୍ଗଲ୍ସ ରେ ଆର୍ୟନ ଆଦିତ୍ୟ ମିଶ୍ର ରନର୍ସଅପ ଓ ଆର୍ୟନ ସାହୁ ଚାମ୍ପିଅନ, ୧୫ ବର୍ଷ ବର୍ଗରେ ଅର୍ଣ୍ଣବ ବାଗ ରନର୍ସଅପ ଓ ପ୍ରିୟାଂଶ ରାଉତ ଚମ୍ପିୟାନ ହୋଇଛନ୍ତି।


ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି